
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୧ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 11 October 2025
Vol.No. 36 ■ No.267 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା ୨୦୨୫
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଟ୍ରମ୍ପଙ୍କୁ ନୋବେଲ ଝଟକା: ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇବେ ଭେନେଜୁଏଲାର ମାରିଆ କୋରିନା ମାଚାଡୋ



ନୂଆଦିଲ୍ଲୀ,୧୦/୧୦ : ଚଳିତବର୍ଷ ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇବେ ଭେନେଜୁଏଲାର ମାରିଆ କୋରିନା ମାଚାଡୋ । ସେପଟେ ନୋବେଲ ଶାନ୍ତି ପୁରସ୍କାର ପାଇଁ ଦୀର୍ଘଦିନ ଧରି ଲବି କରିଆସୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହତାଶ ହୋଇଛନ୍ତି । ହ୍ୱାଇଟ୍ ହାଉସ କହିଛି, ଏହା ପଛରେ ରାଜନୀତି ଅଛି । ନୋବେଲ କମିଟି ବିଶ୍ୱଶାନ୍ତି ପାଇଁ ଟ୍ରମ୍ପଙ୍କ ପଦକ୍ଷେପକୁ ନଜର ଅନ୍ଦାଜ କରିଥିବା ହ୍ୱାଇଟ୍ ହାଉସ୍ ମୁଖପାତ୍ର କହିଛନ୍ତି । ଏକଛତ୍ରବାଦରୁ ଗଣତନ୍ତ୍ରକୁ ଶାନ୍ତିପୂର୍ଣ୍ଣ ପରିବର୍ତ୍ତନ ଓ ମାନବାଧିକାର ପାଇଁ ଦୀର୍ଘଦିନ ହେଲା କାମ କରିଆସୁଛନ୍ତି ଭେନେଜୁଏଲାର ମାରିଆ କୋରିନା ମାଚାଡୋ । ସ୍ୱୀକୃତି ସ୍ୱରୂପ ଏହି ମହାନ ମହିଳାଙ୍କୁ ଶାନ୍ତି ପାଇଁ ଚଳିତବର୍ଷର ନୋବେଲ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି । ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ଆଇରନ ଲେଡି ବା ଲୌହମାନବୀ ବୋଲି ମଧ୍ୟ କୁହାଯାଏ । ଲୋକଙ୍କ ଗଣତାନ୍ତ୍ରିକ ଅଧିକାର ସୁରକ୍ଷିତ ରଖିବା ଓ ଏଥିପାଇଁ ପ୍ରୋତ୍ସାହନ ପ୍ରଦାନ ଲାଗି ଅକ୍ଳାନ୍ତ ପରିଶ୍ରମ କରିଥିବାରୁ ସ୍ୱୀକୃତି ସ୍ୱରୂପ ମାରିଆ କୋରିନା ମାଚାଡୋଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରାଯାଇଥିବା ପୁରସ୍କାର ପ୍ରଦାନ କରୁଥିବା ସ୍ୱିଡିସ୍ କମିଟି କର୍ମକର୍ତ୍ତା କହିଛନ୍ତି । ସେପଟେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଦୀର୍ଘଦିନ ହେଲା ଚେଷ୍ଟା ଚଳାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହତାଶ ହୋଇଛନ୍ତି । ଅନେକ ପ୍ରଚାର ସତ୍ତ୍ୱେ ତାଙ୍କୁ ନିରାଶ ହେବାକୁ ପଡ଼ିଛି । ଶାନ୍ତି ପ୍ରତିଷ୍ଠା ପାଇଁ ବିଶ୍ୱରେ ୮ଟି ଯୁଦ୍ଧ ବନ୍ଦ କରିଥିବା ଦାବି କରୁଥିଲେ ଟ୍ରମ୍ପ୍ । ଏପରିକି ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ ପାଇଁ ମଧ୍ୟସ୍ଥତା କରିଥିବା ବାରମ୍ବାର ଦାବି କରିଥିଲେ । ଯାହାକୁ ଭାରତ ବାରମ୍ବାର ଅସ୍ୱୀକାର କରି ଆସୁଛି । ଯୁଦ୍ଧ ବନ୍ଦ କରି ବିଶ୍ୱରେ ଅନେକ ଜୀବନ ବଞ୍ଚାଇଥିବା ଟ୍ରମ୍ପ ଦାବି କରିଥିଲେ । ଶେଷରେ ନୋବେଲ ପାଇଁ ଲବି କରିବାକୁ ଯାଇ ଟ୍ରମ୍ପ କହିଥିଲେ, ବାରାକ୍ ଓବାମା କିଛି ନକରି ଏହି ପୁରସ୍କାର ପାଇଛନ୍ତି । ସେ କାହିଁକି ପାଇବେନି ବୋଲି ପ୍ରଶ୍ନ କରିଥିଲେ ଟ୍ରମ୍ପ । ଲବିକୁ ଦୃଢ଼ କରିବାକୁ ଯାଇ ହ୍ୱାଇଟ୍ ହାଉସ୍ ମଧ୍ୟ ଦିନକ ତଳେ ଟ୍ରମ୍ପଙ୍କୁ ପିସ୍ ପ୍ରେସିଡେଣ୍ଟ ଆଖ୍ୟା ଦେଇଥିଲା । ସେପଟେ ଟ୍ରମ୍ପଙ୍କୁ କାହିଁକି ନୋବେଲ ପୁରସ୍କାର ପାଇଁ ଚୟନ କରାଗଲାନି, ସେନେଇ ଜବାବ ରଖିଛି ନୋବେଲ କମିଟି । ପ୍ରକୃତ କାମକୁ ଦେଖି ଓ ନୋବେଲ ପୁରସ୍କାର ପ୍ରତିଷ୍ଠାତାଙ୍କ ଆଲଫ୍ରେଡ୍ ନୋବେଲଙ୍କ ଆଭିମୁଖ୍ୟ ଅନୁସାରେ ଏହି ପୁରସ୍କାର ଦିଆଯାଏ ବୋଲି ନୋବେଲ କମିଟିର ମୁଖ୍ୟ ଜୋରଗେନ ୱାଟନେ ଫ୍ରାଏଡନେସ୍ କହିଛନ୍ତି ।

## ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ: କେନ୍ଦ୍ର ଡେପୁଟେସନରେ ଗଲେ ୩ ଆଇଏଏସ୍ ଅଧିକାରୀ

ଭୁବନେଶ୍ୱର, ୧୦/୧୦ (ନି.ପ୍ର): ଆଜି ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର । ଚଞ୍ଚଳ ରଣାଙ୍କୁ ବିଡିଏ ଉପାଧ୍ୟକ୍ଷ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି ରାଜ୍ୟ ସରକାର । ସେ ଏବେ ବିଏମ୍ସି କମିସନର ଦାୟିତ୍ୱରେ ବି ଅଛନ୍ତି । ସେହିଭଳି ଏନ୍ ଥିରୁମାଲା ନାଏକଙ୍କୁ ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ସଚିବ ଦାୟିତ୍ୱ ମିଳିଛି । ଏସ୍ଏନ୍ ଗିରିଶଙ୍କୁ ମିସନ ଶକ୍ତି ବିଭାଗ ଦାୟିତ୍ୱ । ସୁରେନ୍ଦ୍ର କୁମାର ମୀନାଙ୍କୁ ଏସ୍ସି/ଏସ୍ଟି ଓ ପଛୁଆବର୍ଗ ଦାୟିତ୍ୱ ମିଳିଥିବା ବେଳେ ଶୁଭଶ୍ରୀ ନନ୍ଦଙ୍କୁ ମିଳିଛି ଯୋଜନା ସଂଯୋଜନା ବିଭାଗ ଦାୟିତ୍ୱ । କେନ୍ଦ୍ର ଡେପୁଟେସନରେ ୩ ଆଇଏଏସ୍ ଅଧିକାରୀଙ୍କୁ ପଠାଇଛନ୍ତି ରାଜ୍ୟ ସରକାର । ସମର୍ଥ ବର୍ମା, ସ୍ୱଧାଦେବ ସିଂ ଓ ଶାଳିନୀ ପଣ୍ଡିତ କେନ୍ଦ୍ର ଡେପୁଟେସନରେ ଯାଇଛନ୍ତି । ଏହି ୩ ଜଣଙ୍କ ପାଖରେ ବଡ଼ ବଡ଼ ବିଭାଗ ରହିଥିଲା । ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ତଥା ୨୦୦୧ ବ୍ୟାଚ୍‌ର ଆଇଏଏସ୍ ଶାଳିନୀ ପଣ୍ଡିତ କେନ୍ଦ୍ରକୁ ଯିବେ । ତାଙ୍କୁ ଅର୍ଥ ମନ୍ତ୍ରାଳୟରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି । ଓଡ଼ିଶା ଫିଲ୍ମ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ତଥା ୨୦୧୧ ବ୍ୟାଚ୍‌ର ଆଇଏଏସ୍ ସମର୍ଥ ବର୍ମା । ମଧ୍ୟ କେନ୍ଦ୍ରରେ ନିଯୁକ୍ତି ମିଳି ଛି । ସେ ଭାରତ ସରକାରଙ୍କ ବନ୍ଦର ବିଭାଗରେ ନିର୍ଦ୍ଦେଶକ ଭାବେ କାମ କରିବେ । ସେହିପରି ୨୦୧୪ ବ୍ୟାଚ୍‌ର ଆଇଏଏସ୍ ସ୍ୱଧା ଦେବ ସିଂହ ଓଡ଼ିଶା ଉଠାଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକରୁ କେନ୍ଦ୍ର ସରକାରଙ୍କ ଜନଗଣନା ବିଭାଗରେ କାର୍ଯ୍ୟ କରିବାକୁ ନୂଆ ଦାୟିତ୍ୱ ପାଇଛନ୍ତି । ସେଠାରେ ସେ ନିର୍ଦ୍ଦେଶକ ଭାବେ କାମ କରିବେ । ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ କେନ୍ଦ୍ର ଡେପୁଟେସନ୍‌ରେ ଯିବା ପରେ ତାଙ୍କ ସ୍ଥାନରେ ୨୦୦୯ ବ୍ୟାଚ୍‌ର ଆଇଏଏସ୍ ନୁନ୍ସାବତ ଥିରୁମାଲା ନାଏକଙ୍କୁ ଅବସ୍ଥାପିତ କରାଯାଇଛି । ସେହିପରି ମାନସୀ ନିମ୍ଭାଲଙ୍କୁ ସ୍ୱଧା ଦେବ ସିଂହଙ୍କ ସ୍ଥାନରେ ଉଠା ଜଳସେଚନ ନିଗମ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତ କରାଯାଇଛି । ରାଜ୍ୟ ସରକାର ଆଇଏଏସ୍ ୨୦୧୨ ବ୍ୟାଚ୍‌ର ସୁରେନ୍ଦ୍ର କୁମାର ମୀନାଙ୍କୁ ଅନୁସୂଚିତ ଜାତି ଓ ଜନଜାତୀ ବିକାଶ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦେଇଥିବା ବେଳେ ୨୦୧୪ ବ୍ୟାଚ୍‌ର ଆଇଏଏସ୍ ଶୁଭଶ୍ରୀ ନନ୍ଦଙ୍କୁ ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି । ସେହିପରି ବିଏମ୍ସି କମିସନର ଚଞ୍ଚଳ ରାଣାଙ୍କୁ ବିଡିଏ ଉପାଧ୍ୟକ୍ଷ ଓ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ର ଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି ।

## କେବେ ପ୍ରାର୍ଥୀ ଘୋଷଣା କରିବେ ବିଜେପି-ବିଜେଡି ?: ନାଁକୁ ନେଇ ବଢୁଛି ସସପେନ୍ସ

ଭୁବନେଶ୍ୱର, ୧୦/୧୦ (ନି.ପ୍ର): ନୂଆପଡାରେ ରାଜନୀତି ଉଷ୍ମ ହେଲାଣି । ଜିନ୍ଦାବାଦ ନାରାରେ ପ୍ରକମ୍ପିତ ହେଲାଣି ନୂଆପଡ଼ା ଅଂଚଳ । ବିଜେପିର ବୈଠକ ବି ଶେଷ ହୋଇଛି । ହେଲେ ପ୍ରାର୍ଥୀଙ୍କୁ ନେଇ ଏଯାଏଁ ନିଜର କାର୍ଡ ଖୋଲିନି ବିଜେପି । ବିଜେଡି ଜୟ ଢ଼ୋଲକିଆଙ୍କୁ ପ୍ରାର୍ଥୀ କରିବାକୁ ସଂକେତ ଦେଇଥିଲେ ବି ବିଧିବଦ୍ଧ ଘୋଷଣା କରିନି । ଏହାରି ଭିତରେ ଦଳ ମୁଖିଆ ନବୀନ ପଟ୍ଟନାୟକ ଓଡ଼ିଶାକୁ ଫେରିଛନ୍ତି । କିନ୍ତୁ ଶଙ୍ଖ ଚିହ୍ନ ବିନା ବିଭିନ୍ନ କାର୍ଯ୍ୟକ୍ରମରେ ଜୟ ବୁଲିବା ନୂଆ ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ଅନ୍ୟପଟେ



ଆଦିବାସୀ ବହୁଳ ନୂଆପଡା ଆସନରେ ବିଜେପି, ବସନ୍ତ ପଣ୍ଡା, ଅଭିନନ୍ଦନ ପଣ୍ଡା, ଯଦୁମଣି ପାଣିଗ୍ରାହୀ ନା ସରପ୍ରାଇଜ ଚେହେରା ? ଦେବ ତା ଉପରେ ରହିଛି ସମସ୍ତଙ୍କ ନଜର । ପ୍ରାର୍ଥୀ ଘୋଷଣାରେ କଂଗ୍ରେସ ଆଗୁଆ ରହିଥିବାବେଳେ ସଂଗଠନ ସଜାଡିବାକୁ ପାଗଭିଡିଲେଣି ନେତା । ପ୍ରଚାର ଅଭିଯାନକୁ ଜୋରଦାର କରିବା ସହ ଅନ୍ୟ ଦଳର ନେତାଙ୍କୁ ମିଶାଇ କଂଗ୍ରେସ ବିଜୟ ପାଇଁ ନକ୍ସା ଆଙ୍କୁଛନ୍ତି । ନିଜେ ପିସିସି ସଭାପତି ନୂଆପଡାରେ କ୍ୟାମ୍ପ ପକାଇ ପ୍ରଚାରର ମଙ୍ଗ ଧରିଛନ୍ତି । ୩ ଦଳର ରଣନୀତି ଭିତରେ ନୂଆପଡା ଦଖଲ କିଏ କରିବ ତାହା ଉପରେ ନଜର ?

## ୯ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କଲା କେନ୍ଦୁଝର ପୋଲିସ୍

ଭୁବନେଶ୍ୱର, ୧୦/୧୦ (ନି.ପ୍ର): କେନ୍ଦୁଝର ପୋଲିସକୁ ଉଲ୍ଲେଖନୀୟ ସଫଳତା ମିଳିଛି । ରାତି ଅଧରେ ଡକାୟତି ଯୋଜନା କରୁଥିବା ୯ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଉପରେ ଅତର୍କିତ ଭାବେ ଚଢ଼ାଉ କରି କେନ୍ଦୁଝର ଟାଉନ ଥାନା ପୋଲିସ ଗିରଫ କରିଛି । ଅଭିଯୁକ୍ତଙ୍କ ଠାରୁ ୫ଟି ପିସ୍ତଲ, ମାଗାଜିନ, ଗୁଳି, ଚାରି ଚକିଆ ଯାନ ସମେତ ଅନେକ ମାରଣାସ୍ତ୍ର ଜବତ କରାଯାଇଛି । ଅଭିଯୁକ୍ତମାନଙ୍କ ନାମରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଥାନାରେ ୩୭ଟି ମାମଲା ରହିଛି ।

## ଲୋକସଭାରେ କାହିଁକି ଶୂନ ହୋଇଗଲା ବିଜେଡି ? ପାଣ୍ଡିଆନଙ୍କ ଚକ୍ରାନ୍ତର ପୋଲ୍ ଖୋଲିଲେ ଶ୍ରୀମୟୀ



ଭୁବନେଶ୍ୱର, ୧୦/୧୦ (ନି.ପ୍ର):୨୪ ନିର୍ବାଚନରେ ଲୋକସଭାରେ କାହିଁକି ଶୂନ ହୋଇଗଲା ବିଜେଡି ? ଯା ପଛରେ ବଡ଼ ଷଡଯନ୍ତ୍ର ଥିଓରୀକୁ ସାମ୍ନାକୁ ଆଣିଛନ୍ତି ଶ୍ରୀମୟୀ । ଓଟିଭି ଖୋଲାକଥାରେ କହିଛନ୍ତି- ନିର୍ବାଚନ ପୂର୍ବରୁ ପାଣ୍ଡିଆନ ଦିଲ୍ଲୀରୁ ସର୍ଭେ ରିପୋର୍ଟ ଧରି ଫେରିଥିଲେ, ଯେଉଁଥିରେ ସବୁ ଆସନ ଜିତିବୁ ବୋଲି ଦମ୍ଭ ଦେଖାଉଥିଲେ, ହେଲେ ଗୋଟ ବି ଆସନ ଦଳ ଜିତି ପାରିଲାନି । ତେଣୁ ସିଏ କେଉଁ ପ୍ରକାର ସର୍ଭେ ଥିଲା ବୋଲି ପ୍ରଶ୍ନ ଉଠାଇବା ସହ ଶଙ୍ଖ ଭବନ ଗଣ୍ଡଗୋଳର ବି ପୋଲ ଖୋଲିଛନ୍ତି ଶ୍ରୀମୟୀ । ୨୦୨୪ ଲୋକସଭା ନିର୍ବାଚନରେ ବିଜେଡି ଶୂନ୍ ହୋଇଯିବା ପଛରେ ଥିଲା ପାଣ୍ଡିଆନଙ୍କ ଦିଲ୍ଲୀ ଚକ୍ରାନ୍ତ । କଣ ସେ ଚକ୍ରାନ୍ତ ? ପାଣ୍ଡିଆନ କରିଥିଲେ କେଉଁ ସର୍ଭେ ? ଖୋଲା କଥାରେ ଶ୍ରୀମୟୀ ଖୋଲିଦେଲେ ଏହାର ପୋଲ୍ । ଯାହା ଏବେ ଖାଲି ବିଜେଡିରେ ନୁହେଁ ରାଜ୍ୟ ରାଜନୀତିରେ ବି ପାଲଟିଛି ଚର୍ଚ୍ଚାର ବିଷୟ । ଲୋକସଭାରେ କାହିଁକି ଶୂନ ହେଇଗଲା ବିଜେଡି ? ନିର୍ବାଚନର ୧୫ ମାସ ପରେ କାହିଁକି ପାଣ୍ଡିଆନଙ୍କ ଦିଲ୍ଲୀ ଗସ୍ତ ନେଇ ଶଙ୍କା ପ୍ରକାଶ କଲେ ଶ୍ରୀମୟୀ ? ଏ ଶଙ୍କା ପଛରେ ଅଛି କେତେ ସତ୍ୟତା ? ଯଦିଓ ଏ ପ୍ରଶ୍ନ ଏବେ କେହି ଉଠାଇ ପାରୁନାହାନ୍ତି, ହେଲେ ସମସ୍ତଙ୍କ ମନରେ ଉଙ୍କି ମାରୁଛି । ଶ୍ରମୟୀ କହିଛନ୍ତି- ସେତେବେଳେ ସେ ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ଭାବେ କସରତ ଆରମ୍ଭ କରି ଦେଇଥିବାବେଳେ ମାର୍ଚ୍ଚ ୮ରେ ଦିଲ୍ଲୀ ଗସ୍ତରୁ ଫେରି ହଠାତ୍ ପାଣ୍ଡିଆନ୍ ତାଙ୍କୁ- ତୁମ ସର୍ଭେ ରିପୋର୍ଟ ଖରାପ ଅଛି ବୋଲି କହିଥିଲେ । ତେଣୁ ସେ ଏମିତି କି ସର୍ଭେ କରିଥିଲେ ଯେ ବିଜେଡିରୁ ଜଣେ ବି ଜିତିପାରିଲେନି ବୋଲି ପାଲଟା ପ୍ରଶ୍ନ କରିଛନ୍ତି ଶ୍ରୀମୟୀ । କେବଳ ସେତିକି ନୁହେଁ ଓଟିଭି ଖୋଲାକଥାରେ ଗତବର୍ଷ ଅକ୍ଟୋବରରେ ଶଙ୍ଖ ଭବନ ଗଣ୍ଡଗୋଳର ବି ଗୁମର ଖୋଲିଛନ୍ତି ଶ୍ରୀମୟୀ । ସମୀକ୍ଷା ବୈଠକ ବେଳେ କାହିଁକି ବିଧାୟକ ପ୍ରଦୀପ ସାହୁଙ୍କ କଲର ଧରିଥିଲେ ଶ୍ରୀମୟୀ ? ସ୍ପଷ୍ଟ ଭାବେ ଶ୍ରୀମୟୀ କହିଛନ୍ତି ସେ ବୈଠକରେ ବେଗୁନିଆ-ବୋଲଗଡ଼ ବିଧାୟକ ତାଙ୍କ ପ୍ରତି ଖରାପ ଏବଂ ଅପଶବ୍ଦ ବ୍ୟବହାର କରିଥିଲେ । ସେତେବେଳେ ଦେବୀ ମିଶ୍ର, ରାଜେନ୍ଦ୍ର ସାହୁ ଓ ବିଭୂତି ବଳବନ୍ତରାୟଙ୍କ ଭଳି ପ୍ରମୁଖ ନେତା ଉପସ୍ଥିତ ଥିଲେ ବି ସମସ୍ତେ ଚୁପ୍ ରହିଥିଲେ । ତେଣୁ ଆତ୍ମସୁରକ୍ଷା ପାଇଁ ସେ ବିଧାୟକଙ୍କ କଲର୍ ଧରିଥିଲି ବୋଲି କହିଛନ୍ତି ଶ୍ରୀମୟୀ । ତାସହ ଚାଲେଞ୍ଜ ଦେଇ କହିଛନ୍ତି- ତାଙ୍କ ବିରୋଧରେ ଯେଉଁ ଭିଡ଼ିଓ ଅଛି ବୋଲି କହୁଛନ୍ତି- ତାକୁ ସାମ୍ନାକୁ ଆଣନ୍ତୁ ।

▶▶ପୃଷ୍ଠା ୭

## ଦଶ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡି ବସିଲା ଭିଜିଲାନ୍ସ : ୨ ଅଟକ



ଜଳେଶ୍ୱର , ୧୦/୧୦ (ନି.ପ୍ର): ମ୍ୟୁନସିପାଲଟିରେ ହୋଡିଂ ଓ ଲାଇଟ ପୋଷ୍ଟ ବାବଦରେ ବିଲ ପାସ କରିବାକୁ କହି ଦଶ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଲା ବାଲେଶ୍ୱର ଭିଜିଲାନ୍ସ ର ୬ ଜଣିଆ ଟିମ । ଏମ୍ଆଇଏସ କର୍ମଚାରୀ ବ୍ରଜ ଗୋପାଳ ଘୋଷ ମହାପାତ୍ର ଏବଂ ଜୁନିଅର ସାନିଟାରିଏକ୍ସପୋର୍ଟ କର୍ମଚାରୀ ରତିକାନ୍ତ କୁ ଅଟକ ରଖିଛି । ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା

▶▶ପୃଷ୍ଠା ୭

## ପୀତବାସ ପଣ୍ଡା ହତ୍ୟା ମାମଲା : ପୁଲିସ ହାତରେ ଲାଗିଛି ବଡ଼ ସୂଚନା



ଭୁବନେଶ୍ୱର, ୧୦/୧୦ (ନି.ପ୍ର): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା । ବ୍ରହ୍ମପୁର ପୁଲିସ ହାତରେ ଲାଗିଛି ବଡ଼ ସୂଚନା । ଆଜି ସାମ୍ବାଦିକ ସମ୍ମିଳନୀ କରି ପୂରା ଘଟଣା ତଦନ୍ତ ପ୍ରକ୍ରିୟା ସଂପର୍କରେ ସୂଚନା ଦେଇଛନ୍ତି । କହିଛନ୍ତି ଏବେ ଘଟଣାର ତଦନ୍ତ ଚାଲିଛି । ମିଳିଥିବା ଖୋକାକୁ ମିଳିଥିବା ଖୋକାକୁ ପରୀକ୍ଷା ପାଇଁ ପଠାଯାଇଛି । ସାଇଣ୍ଟିଫିକ୍ ଟିମ୍‌ର ରିପୋର୍ଟ ମଧ୍ୟ ପୁଲିସର ହସ୍ତଗତ ହୋଇସାରିଛି । ସେପଟେ ସିସିଟିଭି ଫୁଟେଜରୁ ଅନେକ ତଥ୍ୟ ପୁଲିସ ହାତରେ ଲାଗିଥିବା ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି । ବର୍ତ୍ତମାନ ସୁଦ୍ଧା ୫୦ରୁ ଅଧିକ ଲୋକଙ୍କୁ ପଚରାଉଚରା କରାଯାଇଛି । ଆଜି ମଧ୍ୟ ୫ରୁ ୬ ଜଣ ଲୋକଙ୍କୁ ଡାକି ପଚରାଉଚରା କରାଯାଇଛି । ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ସଂପୃକ୍ତି ନେଇ କିଛି ଲୋକଙ୍କୁ ପୁଲିସ ସନ୍ଦେହ କରୁଥିବା ଏସପି ସ୍ପଷ୍ଟ କରିଛନ୍ତି । ତେବେ ତଦନ୍ତ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ଆଶଙ୍କାରେ ନାମ କହିନାହାନ୍ତି ।

## କାବୁଲ ଭାରତ ସାଥ୍ ସାଥ୍: ଆଫଗାନ୍‌ରେ ଭାରତ ଖୋଲିବ ଦୂତାବାସ



ନୂଆଦିଲ୍ଲୀ,୧୦/୧୦ : ଭାରତ ଗସ୍ତରେ ଆଫଗାନ୍‌ର ବୈଦେଶିକ ମନ୍ତ୍ରୀ । ମୁତ୍ତାକିଙ୍କ ସହ ସାକ୍ଷାତ ସମୟରେ ଏସ୍ ଜୟଶଙ୍କର କହିଛନ୍ତି, ଆମ ମଧ୍ୟରେ ଘନିଷ୍ଠ ସହଯୋଗ ଜାତୀୟ ବିକାଶ ସହିତ ଆଞ୍ଚଳିକ ସ୍ଥିରତାର ଅବଦାନ ରଖେ । ଏହା ପରେ, ଭାରତ ସରକାର ତାଲିବାନରେ ଦୂତାବାସ ଖୋଲିବାକୁ ନିଷ୍ପତ୍ତି ନେଇଛି । ଆଫଗାନିସ୍ତାନର ବିଦେଶ ମନ୍ତ୍ରୀ ମୌଲଭି ଆମିର୍ ଖାନ୍ ମୁତ୍ତାକି ଭାରତ ଗସ୍ତରେ ଆସି ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କ ସହ ଆଲୋଚନା କରିଛନ୍ତି । ଭାରତକୁ 'ନିକଟତମ ବନ୍ଧୁ' କହି ସ୍ପଷ୍ଟ ଆଶ୍ୱାସନା ଦେଇଛନ୍ତି ଆଫଗାନ୍ ବିଦେଶ ମନ୍ତ୍ରୀ । ଏସ୍. ଜୟଶଙ୍କରଙ୍କ ସହିତ ଦ୍ୱିପାକ୍ଷିକ ବୈଠକରେ ମୁତାକି କହିଛନ୍ତି, 'ଭାରତ ଓ ଅଫଗାନିସ୍ତାନ ମଧ୍ୟରେ ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ରହିଛି । ଆମେ ପରସ୍ପର ସମ୍ମାନ, ବାଣିଜ୍ୟ ଓ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ଆଧାରରେ ସମ୍ପର୍କ ବଢ଼ାଇବାକୁ ଚାହୁଁଛୁ । ସାମ୍ପ୍ରତିକ କୁନାର୍ ଓ ନାଙ୍ଗରହାର୍ ଭୂକମ୍ପରେ ଭାରତ ପ୍ରଥମେ ସହାୟତା ପଠାଇଥିଲା, ଯାହା ଆଫଗାନିସ୍ତାନୀଙ୍କ ମନରେ ଭାରତଙ୍କ ପ୍ରତି ଆଦର ବଢ଼ାଇଛି । ଏହି ବୈଠକ ୨୦୨୧ରେ ତାଲିବାନ୍ ଶାସନ ପରେ ପ୍ରଥମ ଉଚ୍ଚସ୍ତରୀୟ ଦ୍ୱିପାକ୍ଷିକ ଆଲୋଚନା । ଜୟଶଙ୍କର କହିଛନ୍ତି, ଆମେ କାବୁଲରେ ଆମ ଟେକ୍ନିକାଲ୍ ମିସନକୁ ଦୂତାବାସରେ ପରିଣତ କରୁଛୁ । ଏହା ଆମ ସମ୍ପର୍କରେ ନୂତନ ଅଧ୍ୟାୟର ଆରମ୍ଭ । ବୈଠକରେ ପହଲଗାମ୍ ଆତଙ୍କୀ ଆକ୍ରମଣ ପାଇଁ ଆଫଗାନିସ୍ତାନର ସହାନୁଭୂତି ପାଇଁ ଭାରତ ଧନ୍ୟବାଦ ଜଣାଇଛି । ମୁତାକି ଆଫଗାନ୍ ଭୂମିକୁ କୌଣସି ଆତଙ୍କବାଦୀ ଗୋଷ୍ଠୀଙ୍କ ଦ୍ୱାରା ଭାରତ ବିରୋଧୀ କାର୍ଯ୍ୟକୁ ବ୍ୟବହାର ହେବନି କହି ଆଶ୍ୱାସନା ଦେଇଛନ୍ତି । ଭାରତୀୟ ବୈଦେଶିକ ମନ୍ତ୍ରୀ କହିଛନ୍ତି, ବିକାଶ ଏବଂ ସମୃଦ୍ଧି ପାଇଁ ଆମର ଏକ ମିଳିତ ପ୍ରତିବଦ୍ଧତା ଅଛି । ତଥାପି, ଉଭୟ ଦେଶ ସୀମାପାର ଆତଙ୍କବାଦର ସାଧାରଣ ବିପଦର ସମ୍ମୁଖୀନ ହେଉଛନ୍ତି । ବାଣିଜ୍ୟ ଓ ମାଇନିଂ କ୍ଷେତ୍ରରେ ସହଯୋଗ ବଢ଼ାଇବା ଉପରେ ଚର୍ଚ୍ଚା । ଭାରତ ଆଫଗାନିସ୍ତାନକୁ ୨୦ଟି ଆମ୍ବୁଲାନ୍ସ, ଖାଦ୍ୟ ସହାୟତା ଏବଂ ଏମ୍ଆରଆଇ ଓ ସିଟି ସ୍କାନ୍ ମେସିନ୍ ପଠାଇବ । ଭାରତ ଆଫଗାନ ନାଗରିକଙ୍କ ପାଇଁ ଭିସା ବୃଦ୍ଧି କରିବ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବ୍ୟାବସାୟିକ ଯାତ୍ରାକୁ ସହଜ କରିବ । କାବୁଲ-ଦିଲ୍ଲୀ ମଧ୍ୟରେ ଅତିରିକ୍ତ ଫ୍ଲାଇଟ୍ ଆରମ୍ଭ ହେବ । ଯାହା ବ୍ୟବସାୟ ଓ ଲୋକସମ୍ପର୍କକୁ ମଜଭୁତ କରିବ । ଏହି ବୈଠକ ପାକିସ୍ତାନ ଓ ଚୀନ୍‌ଙ୍କ ପ୍ରଭାବ ମଧ୍ୟରେ ଭାରତର କୌଶଳଗତ ସ୍ଥାନ ମଜଭୁତ କରିବାକୁ ସାହାଯ୍ୟ କରିବ । ଭାରତ ୨୦୦୧ରୁ ଆଫଗାନିସ୍ତାନରେ ୩ ବିଲିୟନ୍ ଡଲାରରୁ ଅଧିକ ନିବେଶ କରିଛି, ଯାହା ସମ୍ପର୍କର ନୂତନ ଦିଗକୁ ସୂଚିତ କରୁଛି ।

## ନିଯୁକ୍ତି ଜାଲିଆତି ଖୋଳତାଡ ଫାନ୍ଦରେ ପଡିଛି ବଣିକ୍: ୩ ବରିଷ୍ଠ କର୍ମଚାରୀଙ୍କୁ କ୍ରାଇମବ୍ରାଞ୍ଚର ଝାଳବୁହା ଜେରା

ଭୁବନେଶ୍ୱର, ୧୦/୧୦ (ନି.ପ୍ର): ପୋଲିସ ଏସଆଇ ନିଯୁକ୍ତି ଜାଲିଆତି ଖୋଳତାଡ ଫାନ୍ଦରେ ପଡିଛି ବଣିକ୍ । କାଲି ଏହି କୋଚିଂ ସେଣ୍ଟର ଉପରେ ରେଡ୍ ପରେ ଆଜି ତାର ୩ ବରିଷ୍ଠ କର୍ମଚାରୀଙ୍କୁ ଝାଳବୁହା ଜେରା କରିଛି କ୍ରାଇମବ୍ରାଞ୍ଚ । ତେବେ ଚାକିରି କେଲେଙ୍କାରୀରେ ସମ୍ପୃକ୍ତିକୁଏହାର ସଂସ୍ଥା ମୁଖ୍ୟ ସୁବ୍ରତ ଛାଟୋଇ ଖଣ୍ଡନ କରିଥିଲେ ହେଁ ମାଷ୍ଟର ମାଇଣ୍ଡ ଶଙ୍କର ପ୍ରୁଷ୍ଟିଙ୍କ ସହ ତାଙ୍କ ଲିଙ୍କ୍ ରହସ୍ୟ ଭେଦ କରିବାକୁ ଉଦ୍ୟମ ଚଳାଇଛି ତଦନ୍ତକାରୀ ସଂସ୍ଥା । ଯେହେତୁ ପୂର୍ବରୁ ମଧ୍ୟ ବଣିକ ଉପରେ ବିଭିନ୍ନ କାରଣରୁ ରେଡ୍ ହୋଇଛି, ତେଣୁ ସଂସ୍ଥା ମୁଖ୍ୟ ସୁବ୍ରତ ଛାଟୋଇ ବି ବିବାଦକୁ ନେଇ ଚର୍ଚ୍ଚାରେ । ଗତକାଲି ରେଡ କରିଥିଲେ । ଆଜି ଝାଳବୁହା ଜେରା କଲେ । ଗତକାଲି ଅଫିସରେ ପଶି ୫ ବର୍ଷର ଡାଟା ନେଇଥିଲେ । ଆଜି ଅଫିସକୁ ଡାକି ପୋଲିସ ଏସଆଇ ଚାକିରି ଡିଲ ସିଣ୍ଡିକେଟ ବିଷୟରେ ଖୋଳତାଡ କଲେ । ପୋଲିସ ଏସଆଇ ଚାକିରି ବିକ୍ରି କେଲେଙ୍କାରୀରେ ଜଣାଶୁଣା କୋଚିଂ ସେଣ୍ଟର 'ବଣିକ୍' ନାଁ ଆସିବା ପରେ ଏଭଳି ଆକ୍ସନ ମୋଡରେ କ୍ରାଇମବ୍ରାଞ୍ଚ । ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମରୁ ଗିରଫ ୧୧୪ ଆଶାୟୀଙ୍କ ଭିତରୁ ୧୨ ଜଣ ବଣିକ୍ କୋଚିଂ ସେଣ୍ଟରରୁ ସ୍କନ୍ସର ହୋଇଥିବା ପ୍ରମାଣ ପାଇଛି ତଦନ୍ତକାରୀ ସଂସ୍ଥା ।

▶▶ପୃଷ୍ଠା ୭

# ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବାଲ୍ୟ ବିବାହ ନିରୋଧ ଓ କିଶୋରୀ ସଶକ୍ତି କରଣ ବୈଠକ

ସମ୍ବଲପୁର, ୧୦/୧୦ (ନି.ପ୍ର): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବାଲ୍ୟବିବାହ ନିରୋଧ ଓ କିଶୋରୀ ସଶକ୍ତି କରଣ ପାଇଁ ଜିଲ୍ଲା ଟାସ୍କ ଫୋର୍ସ ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଜାତି ଓ ଜନଜାତି ସମାଜର ସଭାପତି ସମ୍ପାଦକ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ, ହିଣ୍ଡାଲକୋ ପ୍ରତିନିଧି, ସିଡିପିଓ, ପାରାଲିଗାଲ କର୍ମୀ, ଜିଲ୍ଲା ଆଇନ ସେବା ପ୍ରାଧୀକରଣ ସଭ୍ୟ ସଭ୍ୟା ପ୍ରୋଗ୍ରାମ ଅଫିସର, ଜିଲ୍ଲା ସ୍ୱୟଂ ସହାୟକ ମହାସଂଘ ସମ୍ପାଦକ, ମାନେଶ୍ୱର ବୈଷୟିକ ଶିକ୍ଷା ଅନୁଷ୍ଠାନର ସଦସ୍ୟ ଓ ହବ୍ ର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଂଯୁକ୍ତା ସାହୁ ପ୍ରାରମ୍ଭିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରେ ପରେ କାର ?ୟ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟକୁ ନେଇ ଜିଲ୍ଲାରୁ ସମ୍ପୂର୍ଣ୍ଣ ଭାବେ ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସଂଯୋଜିକା ଏଡଏଟ୍ ଆକ୍ସନ ସୁନୀତା ତ୍ରିପାଠୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବାଲ୍ୟ ବିବାହ ଆଇନ ଓ ଜିଲ୍ଲାରେ ବାଲ୍ୟ ବିବାହର ସ୍ଥିତି ସମ୍ବନ୍ଧରେ ବିବରଣୀ ଉପସ୍ଥାପନ କରିଥିଲେ ।ସହକାରୀ ଆରକ୍ଷୀ ଅଧିକାରୀ ଅନିଲ କୁମାର ପ୍ରଧାନ ବାଲ୍ୟ ବିବାହ ବନ୍ଦ କରିବା କ୍ଷେତ୍ରରେ ପୋଲିସର ଭୂମିକା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଏଡିପିଏଚ୍ଓ ଡ. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ବାଲ୍ୟ ବିବାହକୁ ରୋକିବା ଦିଗରେ ସ୍ୱାସ୍ଥ୍ୟ ବିଭାଗର ଭୂମିକା ସମ୍ପର୍କରେ ମତ ରଖିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଜିଲ୍ଲାରେ ଅଧାରୁ ପାଠ ଛାଡିଥିବା ଶିଶୁ ମାନଙ୍କ ପାଇଁ ନିଆ ଯାଇଥିବା ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ । ଆଦର୍ଶ ଅନୁଷ୍ଠାନର ସମ୍ପାଦକ ପ୍ରଦୀପ ବେହେରା ଜିଲ୍ଲାରେ ବାଲ୍ୟ ବିବାହକୁ ବନ୍ଦ କରିବାରେ ସମସ୍ତଙ୍କ ଭୂମିକା ସମ୍ପର୍କରେ ମତ ରଖିଥିଲେ । ହିଣ୍ଡାଲକୋର ଉପଦେଷ୍ଟା ସୁକାନ୍ତ ମହାପାତ୍ର ବାଲ୍ୟ ବିବାହ ବନ୍ଦ ଉପରେ ସଚେତନତା ପାଇଁ ସେମାନଙ୍କର ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ମତ ରଖିଥିଲେ । ଓବିସି ମଂଚ ଜିଲ୍ଲା ଆବାହକ ସରୋଜ ସାହୁ ବାଲ୍ୟ ବିବାହ ବନ୍ଦ କରିବା ଓ ସଚେତନତା କରିବା ପାଇଁ ଜାତି ଓ ସମାଜର ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ମତ ରଖିଥିଲେ । ଜିଲ୍ଲା ମହାସଂଘ ସ୍ୱୟଂସହାୟକ ଦଳର ସମ୍ପାଦିକା କେତକୀ ବେହେରା ବାଲ୍ୟ ବିବାହ ରୋକିବା ପାଇଁ ସ୍ୱୟଂ ସହାୟକ ଦଳର ଭୂମିକା ସମ୍ପର୍କରେ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ଓ କିଶୋରୀ ସଶକ୍ତି କରଣରେ ସମସ୍ତେ ନିଜ ନିଜର ଦାୟିତ୍ୱ ନେବା ପାଇଁ ନିଷ୍ପତି ନେଇଥିଲେ । ଏହି କାର୍ଯ୍ୟକ୍ରମରେ ନାକଟିଦେଉଳ ବ୍ଲକର ୫୧ଟି ଗ୍ରାମକୁ ଓ ଜମନକିରା ବ୍ଲକର ୧୦୮ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଥିଲା । ପ୍ରୋଗ୍ରାମ ଅଫିସର କମ୍ ପ୍ରୋଟେକ୍ସନ୍ ଅଫିସର ସରିତା ଦାସ ଏହିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଛଟେଲାଲ ସାହୁ ଜିଲ୍ଲା ସଂଯୋଜକ ହବ୍ କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୫ ଅନୁଷ୍ଠିତ

କେନ୍ଦୁଝର, ୧୦/୧୦ (ନି.ପ୍ର): ଓଡିଶା ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୫ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ ଯୋଗ ଦେଇଥିଲେ ଏବଂ ବିଭିନ୍ନ ସମନ୍ୱିତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ । ଶ୍ରୀ ମହାଲିକ ନିଜ ଅଭିଭାଷଣରେ ପୋଷଣ ମାସ ଅଭିଯାନକୁ ଏକ ଜନ ଆନ୍ଦୋଳନ କରିବା ପାଇଁ ବିଭାଗଗୁଡ଼ିକ ମଧ୍ୟରେ ସାମୂହିକ କାର୍ଯ୍ୟ ଏବଂ ସମନ୍ୱୟର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ପୁଷ୍ଟିସାର ଏବଂ ସ୍ୱାସ୍ଥ୍ୟର ଲକ୍ଷ୍ୟ ହାସଲ ପାଇଁ ସଚେତନତା ଏବଂ ଆଚରଣଗତ ପରିବର୍ତ୍ତନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ ।

ବୈଠକରେ ପୋଷଣ ମାସ-୨୦୨୫ର ଛଅଟି ବିଷୟବସ୍ତୁ କ୍ଷେତ୍ର - ସ୍ଥୂଳତା ସମ୍ବୋଧନ ଏବଂ ଚିନି ଏବଂ ତେଲ ବ୍ୟବହାର ହ୍ରାସ, ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା, ଶିଶୁ ଏବଂ ଖାଦ୍ୟ ଅଭ୍ୟାସ, ପୁରୁଷ-ପ୍ରବାହ, ତୃଣମୂଳସ୍ତର ସଶକ୍ତିକରଣ ପାଇଁ ଲୋକାଲ୍ ଫର ଭୋକାଲ୍, ଏବଂ ସମନ୍ୱିତ କାର୍ଯ୍ୟ ଏବଂ ଡିଜିଟାଇଜେସନ୍ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା ।

ସୁସ୍ଥ ନାରୀ ସଶକ୍ତ ଭାରତ ଅଭିଯାନ ସହିତ ସମନ୍ୱୟ ରକ୍ଷା କରି ରାଜ୍ୟ କ୍ୟାଲେଣ୍ଡର ଅନୁଯାୟୀ ସମସ୍ତ ବିଷୟବସ୍ତୁ ଆଧାରିତ କାର୍ଯ୍ୟକଳାପ ପରିଚାଳନା ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପୋଷଣ ମାସକୁ ଏକ ପ୍ରକୃତ ଜନ ଆନ୍ଦୋଳନ କରିବା ପାଇଁ ସମ୍ପ୍ରଦାୟସ୍ତରୀୟ ସଚେତନତା ଏବଂ ଗଣମାଧ୍ୟମ ପ୍ରସାରରେ ସକ୍ରିୟ ଭାବରେ ନିୟୋଜିତ ହେବାକୁ ବିଭାଗଗୁଡ଼ିକୁ ଅନୁରୋଧ କରାଯାଇଥିଲା । ୵ଚକ୍ଟଶ୍ୱଷବଭଗବବଷ୨୦୨୫ ହାସଟ୍ୟାଗ୍ ସହିତ ସୋସିଆଲ ମିଡିଆ ଅଭିଯାନ, ଜନ ଆନ୍ଦୋଳନ ଡ୍ୟାସବୋର୍ଡରେ ଫଟୋଗ୍ରାଫ୍ ସହିତ କାର୍ଯ୍ୟକଳାପର ପ୍ରତିଦିନ ଅପଡେଟ୍ ଏବଂ କାର୍ଯ୍ୟକଳାପର ଗୁଣବତ୍ତା ଏବଂ ସ୍ଥିରତା ତଦାରଖ କରିବା ପାଇଁ ଜିଲ୍ଲା, ବ୍ଲକ ଏବଂ ପ୍ରକଳ୍ପ ସ୍ତରରେ ନୋଡାଲ୍ ଅଧିକାରୀଙ୍କୁ ମନୋନୟନ ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା ।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିତା ନାଏକ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁଷ୍ପରାଣୀ ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ମୁଖ୍ୟ ବେସାମାରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଓସକା ସମ୍ପାଦିକା ଧରିତ୍ରୀ ରାଉତ, ସମାଜ ମଙ୍ଗଳ ଅଧିକାରୀ ଭାରତୀ ସାହୁ, ଜିଲ୍ଲା ସଂଯୋଜକ, ପୋଷଣ ଅଭିଯାନ ଅଜିତ ମହାନ୍ତି ଓ ପ୍ରୋଗ୍ରାମ ଅଫିସର ବାସନ୍ତୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ଭବ ୨୦୨୫ - କଳା ମାଧ୍ୟମରେ ସଶକ୍ତିକରଣର ଦୁଇ ଦଶନ୍ଧି




ନୂଆଦିଲ୍ଲୀ, ୧୦/୧୦: ଆସୋସିଏସନ୍ ଫର୍ ଲର୍ଣ୍ଣି ପରଫର୍ମି ଆର୍ଟସ୍ ଆଣ୍ଡ୍ ନର୍ମାଟିଭ୍ ଆକ୍ସନ୍ ଦ୍ୱାରା ଆୟୋଜିତ, ସମ୍ଭବ ୨୦୨୫ ଏହାର ୨୦ତମ ବର୍ଷକୁ ସୃଜନଶୀଳତା, ଅନ୍ତର୍ଭୁକ୍ତିକରଣ ଏବଂ ମାନବୀୟ ଆତ୍ମାର ଏକ ବିଶ୍ୱସ୍ତରୀୟ ଉତ୍ସବ ଭାବରେ ପାଳନ କଲା । ୪ ଏବଂ ୫ ଅକ୍ଟୋବର ୨୦୨୫ରେ ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟରରେ ଅନୁଷ୍ଠିତ ଏହି ଅନ୍ତର୍ଜାତୀୟ ମହୋତ୍ସବ ଭାରତ ଏବଂ ବିଶ୍ୱର ଭିନ୍ନକ୍ଷମ କଳାକାରମାନଙ୍କୁ (ଦିବ୍ୟାଙ୍ଗଜନ) ଏକାଠି କରିଥିଲା, ଯାହା ଅନ୍ତର୍ଭୁକ୍ତି ଏବଂ ସଶକ୍ତିକରଣର ଏକ ଉପକରଣ ଭାବରେ କଳାର ପରିବର୍ତ୍ତନକାରୀ ଶକ୍ତିକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା । ପ୍ରଦର୍ଶନ ଏବଂ ଦୃଶ୍ୟ କଳା ମାଧ୍ୟମରେ ଅନ୍ତର୍ଭୁକ୍ତିକରଣକୁ ଆଗକୁ ବଢାଇବାରେ ଏହି କାର୍ଯ୍ୟକ୍ରମର ସ୍ଥାୟୀ ଭୂମିକାକୁ ପ୍ରଶଂସା କରୁଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ଉତ୍ସାହଜନକ ବାର୍ତ୍ତା ସହିତ ଉତ୍ସବ ଆରମ୍ଭ ହୋଇଥିଲା । ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଶ୍ରୀ ରାଜେଶ ବର୍ମା, ଆଇଏଏସ୍ (ଅବସରପ୍ରାପ୍ତ), ଭାରତ ସରକାରଙ୍କ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍)ର ଅଧ୍ୟକ୍ଷ ଏବଂ ସମ୍ମାନିତ ଅତିଥି ଶ୍ରୀ ଦେବଦାସ ଆପତେ ଜୀ (ବାପୁ ଜୀ) ଯୋଗ ଦେଇଥିଲେ । ଆଲ୍ପନାର ଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ଗୀତ ସହିତ ଉଦ୍ଘାଟିତ ଦୀପ ପ୍ରଜ୍ଜ୍ୱଳନ ଦୁଇ ଦିନିଆ ଉତ୍ସବର ସ୍ୱର ସଜ୍ଜିତ କରିଥିଲା । ପ୍ରସିଦ୍ଧ ଚିତ୍ରଶିଳ୍ପୀ ଶ୍ରୀମତୀ ଅନୁପମା ତ୍ରିଗୁଣାୟତଙ୍କ ଦ୍ୱାରା ଉଦ୍ଘାଟିତ ଏକ କଳା ଏବଂ ହସ୍ତଶିଳ୍ପ ପ୍ରଦର୍ଶନୀରେ ଦିବ୍ୟାଙ୍ଗ କଳାକାରମାନଙ୍କ ଦ୍ୱାରା ଚିତ୍ରକଳା ଏବଂ ହସ୍ତଶିଳ୍ପ କାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା, ଯାହା ପ୍ରତିବନ୍ଧକ ବାହାରେ ସୃଜନଶୀଳତାକୁ ଉଜ୍ଜ୍ୱଳ କରିଥିଲା । ଶ୍ରୀମତୀ ସୁଜାନ ଲୁଇସ୍ ହ୍ୱାଇଟ୍ମ୍ୟାନ୍ (ଅଷ୍ଟ୍ରେଲିଆ)ଙ୍କ ଦ୍ୱାରା ମ୍ୟୁଜିକ୍ ଥେରାପି କର୍ମଶାଳା ଏବଂ ଅଲ୍ପନାର ସୃଜନଶୀଳ କଳା ବିଭାଗର ମୁଖ୍ୟ ଶ୍ରୀମତୀ ଅଳକା ଅଗ୍ରୱାଲଙ୍କ ଦ୍ୱାରା ହସ୍ତଶିଳ୍ପ ଏବଂ ଚିତ୍ରକଳା ଉପରେ କର୍ମଶାଳା ଅଂଶଗ୍ରହଣକାରୀମାନଙ୍କୁ ସୃଜନଶୀଳତା ଏବଂ ଶିକ୍ଷା ପାଇଁ ସୁଯୋଗ ପ୍ରଦାନ କରିଥିଲା । ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସଚିବ ଶ୍ରୀ ବିବେକ ଅଗ୍ରୱାଲ, IASଙ୍କ ଦ୍ୱାରା ଉଦ୍ଘାଟିତ ଏବଂ ଭାରତୀୟ ପ୍ରତିଯୋଗିତା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ରଭନୀତ କୌର, ଓଇଝ (ଅବସରପ୍ରାପ୍ତ)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସନ୍ଧ୍ୟାର କାର୍ଯ୍ୟକ୍ରମରେ ଅଷ୍ଟ୍ରେଲିଆ, ଭିଏତନାମ, ଶ୍ରୀଲଙ୍କା, ଭୁଟାନ, ମିଆଁମାର, ନେପାଳ, ଋଷ, ତାଜିକିସ୍ତାନ ଏବଂ ଥାଇଲ୍ୟାଣ୍ଡ ସମେତ ଭାରତ ଏବଂ ବିଦେଶର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ପ୍ରତ୍ୟେକ ପ୍ରଦର୍ଶନ ବିବିଧତାରେ ସ୍ଥିରତା ଏବଂ ଏକତାର କାହାଣୀ ମାଧ୍ୟମରେ ' ସମ୍ଭବ'ର ସାରକୁ ପ୍ରତିଫଳିତ କରିଥିଲା । ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଭାରତରେ ଶ୍ରୀଲଙ୍କାର ହାଇକମିଶନର ମହାମହିମ ମହିଷିନୀ କୋଲୋନ ଏବଂ ମାଇକ୍ରୋସାଇନ - ସେଣ୍ଟର ଫର ଏକ୍ସଲେନ୍ସର ସିଇଓ ଶ୍ରୀ ନିସୀଥ ମେହେଟ୍ଟା ସାମିଲ ଥିଲେ । ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏସ-ଭ୍ୟାସା ବିଶ୍ୱବିଦ୍ୟାଳୟର ଶ୍ରୀମତୀ ହିତଲଙ୍କ ଦ୍ୱାରା ଏକ ଯୋଗ ଚିକିତ୍ସା କର୍ମଶାଳା ସହିତ । ଏହା ପରେ ପ୍ରଫେସର ଡକ୍ଟର ରବିନ୍ଦ୍ର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଯୋଗ, ଗତି ଏବଂ ଆଭ୍ୟନ୍ତରୀଣ ସମନ୍ୱୟ ଉପରେ ଏକ ସେମିନାର ଏବଂ ଓଡ଼ିଶୀ ନୃତ୍ୟଶିଳ୍ପୀ ଏବଂ ଗବେଷକ ଡକ୍ଟର ରୀଲା ହୋତାଙ୍କ ଦ୍ୱାରା ଏକ ଉପସ୍ଥାପନା କରାଯାଇଥିଲା । 'ଏକ ଅନ୍ତର୍ଭୁକ୍ତ ସମାଜ ପାଇଁ ଭିନ୍ନକ୍ଷମ କଳାକାର' ଶୀର୍ଷକ ଏକ ଆନ୍ତର୍ଜାତୀୟ ସେମିନାର ଶ୍ରୀ ସଞ୍ଜୀବ ଚନାନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସେମିନାରରେ ଅଷ୍ଟ୍ରେଲିଆ, ଭିଏତନାମ, ଶ୍ରୀଲଙ୍କା, ତାଜିକିସ୍ତାନ, ମିଆଁମାର, ଥାଇଲ୍ୟାଣ୍ଡ, ନେପାଳ, ଋଷ ଏବଂ ଭାରତର ବିଶେଷଜ୍ଞମାନେ ଏକତ୍ରିତ ହୋଇ କଳା ମାଧ୍ୟମରେ ଅଭିଗମ୍ୟତା ଏବଂ ଅନ୍ତର୍ଭୁକ୍ତି ଉପରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ । ଶ୍ରୀଲଙ୍କାର ମଦର ଚାରିଟେବଲ୍ ଫାଉଣ୍ଡେସନ୍ ଦ୍ୱାରା ଏକ ନୃତ୍ୟ ଥେରାପି କର୍ମଶାଳା, ଗତି ଏବଂ ତାଳ ମାଧ୍ୟମରେ ସୃଜନଶୀଳତା ଉପରେ ଗୁରୁତ୍ୱ ଦେଇଥିଲା । ଭାରତ, ନେପାଳ, ଋଷ ଏବଂ ତାଜିକିସ୍ତାନର ପ୍ରଦର୍ଶନ ସହିତ ମହୋତ୍ସବ ସମାପ୍ତ ହୋଇଥିଲା । ସମାପନୀ ଉତ୍ସବରେ ସିଭିଲ ସର୍ଭିସେସ୍ ଏବଂ କୂଟନୈତିକ ସମ୍ପ୍ରଦାୟର ପ୍ରଖ୍ୟାତ ବ୍ୟକ୍ତିମାନେ ଯୋଗ ଦେଇଥିଲେ ଯେପରିକି ଶ୍ରୀ ଆଇ.ସି.ପି. କେଶରୀ, ଆଇଏଏସ୍ (ଅବସରପ୍ରାପ୍ତ), ନିର୍ଦ୍ଦେଶକ ଜେନେରାଲ, ଆସୋସିଏସନ୍ ଅଫ୍ ପାୱାର ପ୍ରଡ୍ୟୁସର୍ସ; ରାଷ୍ଟ୍ରଦୂତ ସଞ୍ଜୟ ବର୍ମା, ଆଇଏଫଏସ୍ (ଅବସରପ୍ରାପ୍ତ), ଜାପାନ ଏବଂ କାନାଡାରେ ଭାରତର ପୂର୍ବତନ ରାଷ୍ଟ୍ରଦୂତ; ଶ୍ରୀ ସୁବ୍ରତ ଦାସ, ପୂର୍ବତନ ସଚିବ ରାଙ୍କ, କ୍ୟାବିନେଟ ସଚିବାଳୟ, ଭାରତ ସରକାର; ଏବଂ ଶ୍ରୀମତୀ ଅଞ୍ଜୁ ରଞ୍ଜନ, ଆଇଏଫଏସ୍, ଯୁଗ୍ମ ସଚିବ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ । ଗୁରୁ ଶ୍ରୀମତୀ ଅଲ୍ପନା ନାୟକଙ୍କ ହୃଦୟସ୍ପର୍ଶୀ ଧନ୍ୟବାଦ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା । ସେ ସମ୍ଭବର ଉଲ୍ଲେଖନୀୟ ଯାତ୍ରାକୁ ରୂପ ଦେଇଥିବା କଳାକାର, ସ୍ୱେଚ୍ଛାସେବକ ଏବଂ ସହଯୋଗୀମାନଙ୍କର ସମର୍ପଣ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । କୋଡ଼ିଏ ବର୍ଷ ଧରି, ଅଲ୍ପନା ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ମୁଖ୍ୟଧାରାର କଳା ଏବଂ ସଂସ୍କୃତିରେ ସାମିଲ କରିବା ପାଇଁ ପ୍ରତିବଦ୍ଧ । ୨୦୦୬ ମସିହାରୁ, 'ସମ୍ଭବ' ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ ପରିଣତ ହୋଇଛି ଯାହା ଦକ୍ଷତାକୁ ପ୍ରତିପାଦନ କରେ, ଅନ୍ତର୍ଭୁକ୍ତିକୁ ପୋଷଣ କରେ ଏବଂ 'ସମ୍ଭବ'କୁ ପୁନଃପରିଭାଷିତ କରେ । ଅଲ୍ପନାର ସମ୍ପାଦକ ଶ୍ରୀମତୀ ପ୍ରିୟଦର୍ଶିନୀ ତ୍ରିପାଠୀ, ଉପାଧ୍ୟକ୍ଷ ଶ୍ରୀ ଅଶ୍ୱିନୀ କୁମାର, କୋଷାଧ୍ୟକ୍ଷ ଶ୍ରୀମତୀ ସବିତା ସାହୁ, ପରାମର୍ଶଦାତା ଶ୍ରୀ ଦେବଜିତ ରଥ, କାର୍ଯ୍ୟନିର୍ବାହୀ ସଦସ୍ୟ ଶ୍ରୀମତୀ ଅର୍ଚ୍ଚନା ନନ୍ଦୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଶ୍ରୀମତୀ ମୀରା ବେହେରା ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଶ୍ରୀମତୀ ସୌଭାଗ୍ୟଲକ୍ଷ୍ମୀ ରଥଙ୍କ ମିଳିତ ପ୍ରୟାସ ଯୋଗୁଁ ଏହି କାର୍ଯ୍ୟକ୍ରମ ଏକ ବଡ଼ ସଫଳତା ହାସଲ କରିଥିଲା । କୋଡ଼ିଏ ବର୍ଷ ଧରି, ସମ୍ଭବ ସୁଗମ ସାଂସ୍କୃତିକ ସ୍ଥାନ ସୃଷ୍ଟି କରିବା ପାଇଁ ଭାରତର ପ୍ରତିବଦ୍ଧତାର ଉଦାହରଣ ଦେଇଆସିଛି । ଏହା ଦ୍ୱାରା ପ୍ରମାଣିତ ହୋଇଛି ଯେ ଯେତେବେଳେ କଳା ମାର୍ଗଦର୍ଶନ କରେ, ଅନ୍ତର୍ଭୁକ୍ତି ଅନିବାର୍ଯ୍ୟ ହୋଇଯାଏ ।

# କେନ୍ଦ୍ରାପଡ଼ାରେ ରାଷ୍ଟ୍ରୀୟ ପୋଷଣ ମାସ ପାଳନ

କେନ୍ଦ୍ରାପଡ଼ା, ୧୦/୧୦ (ନି.ପ୍ର): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ ପାଳନ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ମନୋରଞ୍ଜନ ରାଉତ, ଜିଲ୍ଲା ମଙ୍ଗଳ ଅଧିକାରୀ ସଂଗ୍ରାମ କେଶରୀ ବେହୁରା, ତୁଳସୀ ମହିଳା ମହାବିଦ୍ୟାଳୟର ଅଧାପିକା ଡ଼ଃ ପ୍ରଜ୍ଞା ପ୍ରିୟଦର୍ଶିନୀ ପଣ୍ଡା ପ୍ରମୁଖ ଯୋଗଦେଇ ମେଦ ବହୁଳତାର ସମାଧାନ ପାଇଁ ଖାଦ୍ୟରେ ଚିନି, ଲୁଣ, ତେଲର ବ୍ୟବହାର କମ୍ କରିବା, ଆଦ୍ୟ ଶୈଶବ ଅବସ୍ଥାରେ ଯତ୍ନ ଓ ଶିକ୍ଷା ଜରିଆରେ ଶୁନ୍‌ରୁ ୩ ବର୍ଷ ଶିଶୁଙ୍କ ବୌଦ୍ଧିକ ବିକାଶକୁ ପ୍ରାଧାନ୍ୟ ଦେବା, ପୋଷଣ ବି ପଢ଼ାଇ ବି ମାଧ୍ୟମରେ ପ୍ରତିଟି ଶିଶୁକୁ ଉତମ ପେଷଣ ସହ ଶିକ୍ଷା ପ୍ରଦାନ କରିବା, ନବଜାତ ଓ ଶିଶୁଙ୍କୁ ଉତମ ପୋଷଣ ପ୍ରଦାନ ପାଇଁ ସ୍ତନ୍ୟପାନ ଓ ସଠିକ୍ ଖାଦ୍ୟାଭାଷ ବିଷୟରେ ସଚେତନ କରାଇବା, ଗର୍ଭବତୀ ମା ଓ ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ମହିଳାମାନଙ୍କ ସହ ପୁରୁଷମାନଙ୍କର ସହଭାଗିତାକୁ ପ୍ରାଧାନ୍ୟ ଦେବା ଆଦି ବିଷୟରେ ଆଲୋଚନା କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୋଷଣର ଡିସି ସଂଜୟ ପାତ୍ର, ପୋଷଣର ଡିପିଏ ସନିତା ବେହେରା, ଶୁଭେନ୍ଦୁ ଦାସ, ଡିପିସି ମମତା ମନୋରଞ୍ଜନ ଦାସ, ହବର ଡିସି ଲଲାଟେନ୍ଦୁ ଭୋଇଙ୍କ ସମେତ ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ୧୦ ଗୋଟି ଷ୍ଟଲ ଖୋଲା ଯାଇଥିବାବେଳେ ପୋଷଣ ମାସ ପାଇଁ ବିଭିନ୍ନ ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଚାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ ।

# ଭଗାରାମ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତି ପାଳିତ: ସେବା ନିବୃତ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ଭଦ୍ରକ, ୧୦/୧୦ (ନି.ପ୍ର): ଆଗରପଡା ନିକଟସ୍ଥ ଭଗାରାମ ପ୍ରାଥମିକ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତି ଉତ୍ସବ ପାଳିତ ହୋଇଛି । ଉତ୍ସବରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜିବ୍ କୁମାର ମଲ୍ଲିକ ତାଙ୍କ ବକ୍ତବ୍ୟରେ ସୁନ୍ଦର ସମାଜ ଗଢି ତୋଳିବା ପାଇଁ ଭଲ ଅନୁଷ୍ଠାନ ଓ ଶିକ୍ଷକଙ୍କ ଆବଶ୍ୟକତା ରହିଛି ବୋଲି କହିଥିଲେ । ଭଦ୍ରକ ଜିଲ୍ଲାପାଳ ଦିଲ୍ଲିପ ରାଉତରାୟ,ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ବିଦ୍ୟାଳୟର ପ୍ରତିଷ୍ଠାତା ସୋମା ଚାନ୍ଦ, ଭଦ୍ରକ ଜିଲ୍ଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ,ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ହରେକୃଷ୍ଣ ଆପଟ୍ଟ,ଜୟଦୁର୍ଗା ଫାଉଣ୍ଡେସନ୍ ଟ୍ରଷ୍ଟର ଅଧ୍ୟକ୍ଷା ସୁରେଶ୍ୱରୀ ସାଗରିକା ଜେନା, ବିଜେପି ନେତା ପଂଚାନନ ରାଉତ, କାଦବରାଙ୍ଗ ସରପଂଚ ତଅପୋଇ ସେଠୀ, ସମିତି ସଭ୍ୟ ଦୀପାରାଣୀ ଜେନା, ପୁରୁଷଣ୍ଡ ସୋସାଇଟି ସଭାପତି ପ୍ରଶାନ୍ତ କୁମର ଦାଶ, କାଦବରାଙ୍ଗ ସୋସାଇଟି ସଭାପତି ବାସୁଦେବ ଜେନା, ଜାତୀୟ ପୁରସ୍କୃତ ପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢୀ, ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ବିକ୍ରମ କୁମାର ଦାଶ, ପୂର୍ବତନ ସରପଂଚ ଭାଗିରଥି ସେଠୀ, ଡାକ୍ତର ମନୋଜ ପତି, କାଦବରାଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିମଳ କୁମାର ଦାସ,ବ୍ରହ୍ମାନନ୍ଦ ଭୂୟାଁ, ସିଆରସିସି ପ୍ରଦୀପ କୁମାର ପଲେଇ, ନିରଞ୍ଜନ ଖିଲାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଯୁବନେତା ବିଷ୍ଣୁ ଦାସଙ୍କ ମଂଚ ପରିଚାଳନାରେ ସଭାକୁ ରବିନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ । ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ପହି ଅତିଥି ପରିଚୟ ରଖିଥିଲେ । ପ୍ରାରମ୍ଭରେ ବିଧାୟକ ଓ ଜିଲ୍ଲାପାଳ ବିଦ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତିଉନ୍ମୋଚନ କରିଥିବା ବେଳେ ସେବା ନିବୃତ ପ୍ରଧାନଶିକ୍ଷକ ପ୍ରଣୟ କୁମାର ସିଂହଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯିବା ସହ 'ପ୍ରଣୟ ପିୟୂଷ' ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଏଥିସହ ଗ୍ରାମର ମୁରବୀ ଏବଂ ଶିକ୍ଷାବିତ୍ ସୁବଳ ଦାସ,ନରହରି ରାଉତ୍, ବୈଷ୍ଣବ ଜେନା, ସୁବଳ ଦାସ, କାର୍ତିକ ବାରିକ୍, ନରହରି ରାଉତ, ରତ୍ନାକର ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ବିପନ୍ ବିହାରୀ ଉପ୍ରା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବିନାରାୟଣ ନାଥ, ସଭାପତି ଶରତ ଦାସ, ଭଗାରାମ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ନାଇକ, ସଭାପତି ଅନାମ ଚରଣ ଜେନା,ବିନୋଦ ଜେନା, ରାଧାକାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଧାମନଗର ଅଂଚଳରେ ଚୋରା ସୁନା କାରବାରରେ ଧର୍ମଶାଳା ପୋଲିସ ଦ୍ୱାରା ୪ ଜଣ ଗିରଫ

ଭଦ୍ରକ, ୧୦/୧୦ (ନି.ପ୍ର): ଭଦ୍ରକ ଜିଲା ଧାମନଗର ଅଂଚଳ ରେ କିଛି ଅସାମାଜିକ ଲୋକ ବିଭିନ୍ନ ସମୟରେ ଚୋରି ଓ ଡକାୟତି ରେ ଲିପ୍ତ ରହୁଛନ୍ତି ।ଏପରିକି ସେମାନେ ବିଶେଷ କରି ମହିଳା ଙ୍କ ବେକରୁ ସୁନା ହାର ଚୋରି କରିବାରେ ବେସ ଧୁରନ୍ଧର ।ଧାମନଗର ରୁ ଏବେ ଚୋର ମାନେ ଅନ୍ୟ ଜିଲ୍ଲା କୁ ଯାଇ ଚୋରି ରେ ଲିପ୍ତ ରହୁଛନ୍ତି । ଦୁଇ ଦିନ ତଳେ ଧର୍ମଶାଳା ପୋଲିସ ଦ୍ୱାରା ପର୍ଦ୍ଦାଫାଶ ହୋଇଥିବା ଜାତୀୟ ରାଜପଥ ଉପରୁ ଲୁଟ୍ ଛିନତାଇ ମାମଲାରେ ଭଦ୍ରକ ଜିଲ୍ଲା ଧାମନଗରର ଲିଙ୍କ ରହିଛି । ଏହି ମାମଲାରେ ଧର୍ମଶାଳା ପୋଲିସ ଧାମନଗର ରୁ ୪ ଜଣଙ୍କୁ ଗିରଫ କରିଛି । ଏମାନେ ହେଲେ ମୁସ୍ତଫାପୁର ପଂଚାୟତ ନୂଆପଡ଼ା ଗାଁର ୨ ଯୁବକ ବଳରାମ ଦାସ, ଜଗନ ଦାସ ଦୋବଲ ପଂଚାୟତ ସୋଧ ଗୌତମ କୁଣ୍ଡୁ ଏବଂ ଆନନ୍ଦ କୁଣ୍ଡୁ । ଧର୍ମଶାଳା ପୋଲିସ ଆସି ଧାମନଗର ପୋଲିସ ସହାୟତାରେ ପ୍ରଥମେ ସୋଧରୁ ଗୌତମ ଓ ତାଙ୍କ ପଡ଼ୋଶୀ ଆନନ୍ଦ କୁଣ୍ଡୁଙ୍କୁ ଉଠାଇ ନେଇଥିଲା । ନୂଆପଡ଼ା ଗାଁରୁ ବଳରାମ ଓ ଜଗନ ଙ୍କୁ ଧରିଥିଲେ । ଧାମନଗର ଥାନାରେ ଆଇନଗତ ପ୍ରକ୍ରିୟା ସାରି ସମସ୍ତ ୪ ଜଣଙ୍କୁ ଧର୍ମଶାଳା ନେଇ ପଚରାଉଚରା କରିଥିଲେ । ପରେ ଅନ୍ୟ ୨ ଜଣଙ୍କ ସହ କୋର୍ଟ ଚାଲାଣ କରିଥିଲେ । ଏହି ଘଟଣାରୁ ସ୍ପଷ୍ଟ ହୋଇଛି ଯେ, ସୁନା ଗହଣା ଚୋର ଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଧାମନଗର ଥାନା ଅଂଚଳ । ବର୍ଷକ ଭିତରେ ତିନି ତିନିଟି ଘଟଣାରେ ଧାମନଗର ଅଂଚଳର ଲୋକଙ୍କ ଏଭଳି ସଂପୃକ୍ତି ଚିନ୍ତାର କାରଣ ପାଲଟିଛି । ଧର୍ମଶାଳା ଘଟଣାକୁ ମିଶାଇ ଗୌତମ କୁଣ୍ଡୁ ତିନି ତିନିଟି ଚୋରି ମାମଲାରେ ଗିରଫ ହୋଇଛନ୍ତି । ଗତବର୍ଷ ଜୁନରେ ଓ ସେପଟେମ୍ବର ରେ ଯାଜପୁର ଥାନା ଅଞ୍ଚଳରେ ହୋଇଥିବା ସୁନା ଚୋରି ଘଟଣାରେ ଯାଜପୁର ପୋଲିସ ଗୌତମ କୁ ଗିରଫ କରିଥିଲା । ଧର୍ମଶାଳା ପୋଲିସ ଦ୍ୱାରା ଗିରଫ ହୋଇଥିବା ୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଧାମନଗର ଥାନା ଅଂଚଳର ବଳରାମ ଓ ଜଗନ ଜାତୀୟ ରାଜପଥରେ ଲୋକଙ୍କୁ ଟାର୍ଗେଟ କରିଥାନ୍ତି । ଏକୁଟିଆ ଯାଉଥିବା ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍ କରିଥାନ୍ତି । ନମ୍ବର ବିହୀନ କଳା ପଲସର ରେ ବିଜୁଳି ବେଗରେ ଆସି ଛିନତାଇ କରି ପଳାଇଥାନ୍ତି । ଆଉ ଲୁଟ୍ ସୁନା ଗହଣାକୁ ଗୌତମ, ଆନନ୍ଦ ଓ ଅନ୍ୟ ଲୋକଙ୍କୁ ବିକ୍ରି କରିଥାନ୍ତି । କିଛିଦିନ ତଳେ ହାଇୱେ ରେ ପାଟ୍ରୋଲିଂ ବେଳେ ବଳରାମ ଓ ଜଗନ ଧରାପଡ଼ିଥିଲେ । ତା ପରେ ଏମାନେ ସବୁ ଧରା ହୋଇଛନ୍ତି । ତେବେ ପୋଲିସ ଅଧିକ ପେଟ୍ରୋଲିଂ କଲେ ଏପରି ଡକାୟତ ମାନେ ଧରା ପଡ଼ିବେ ।

# ମା' ଜାଡେଇ ଯୁବକ ସଂଘ ଓ ମାସୁମ୍ ଗ୍ରୁପ ମିଳିତ ଆନୁକୂଲ୍ୟରେ ଗୋପବନ୍ଧୁ ଜୟନ୍ତୀ ପାଳିତ

ଧର୍ମଶାଳା, ୧୦/୧୦ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ଝାଲପଡା ପଂଚାୟତସ୍ଥ ସାନବାଗସାହି ମା' ଜାଡେଇ ଉପ୍ରା ବିଦ୍ୟାଳୟ ପରିସରରେ ମା' ଜାଡେଇ ଯୁବକ ସଂଘ ଓ ମାସୁମ୍ ଗ୍ରୁପ ମିଳିତ ଆନୁକୂଲ୍ୟରେ ୧୪୮ତମ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମା' ଜାଡେଇ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ ରଂଜନ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସେବା ଓ ତ୍ୟାଗ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଯାଜପୁର ମଣ୍ଡଳ ଶିକ୍ଷା ଅଧିକାରୀ ଦେବୀଲାଲ ମଲ୍ଲିକ,ସମ୍ମାନୀତ ଅତିଥିଭାବେ ଶ୍ରମିକ ନେତା ପ୍ରଦୀପ ଦାସ, ବ୍ରହ୍ମବରଦା ଥାନା ଏସ୍ଆଇ ସୁଶାନ୍ତ କୁମାର ସେଠୀ, ପ୍ରମୋଦ ପତି ଫାଉଁଣ୍ଡେସନର ଅଧ୍ୟକ୍ଷ ଦିବ୍ୟଜ୍ୟୋତି ପତି, ସାମାଜିକ କର୍ମୀ ଅମୂଲ୍ୟ ରାଉତ ଓ ସିଆରସିସି ସୌଦାମିନୀ ପତି ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଶିଶୁ ଅଧିକାର କର୍ମୀ ମଂଟୁ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷକ ଅବଦୁଲ ରସିଦ ଖାଁନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥିମାନେ ପ୍ରମୋଦ ପତି ଫାଉଁଣ୍ଡେସନର ଅଧ୍ୟକ୍ଷ ଦିବ୍ୟଜ୍ୟୋତି ପତି ଓ ସାମ୍ବାଦିକ ଚିନ୍ମୟ ନାୟକଙ୍କୁ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ସ୍ଥାନୀୟ ଅଂଚଳର ଦିବ୍ୟାଙ୍ଗମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇ ଥିଲା ।

# ଆସ ସ୍କୁଲ ଯିବା ପଦ ଯାତ୍ରା ଅନୁଷ୍ଠିତ

ଖୋର୍ଦ୍ଧା, ୧୦/୧୦ (ନି.ପ୍ର): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଜିଲ୍ଲା ସମଗ୍ର ଶିକ୍ଷ୍ୟା ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ପ୍ରେକ୍ଷାଳୟ ସଭାଗୃହରେ ଗୁରୁବାର ଆସ ସ୍କୁଲ ଯିବା ଜିଲ୍ଲାସ୍ତରୀୟ ପଦଯାତ୍ରା ସଭାରେ ଖୋର୍ଦ୍ଧା ବିଧାୟକ, ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଗଣନାଥଙ୍କ ପ୍ରତିମୂର୍ତିରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ ପୂର୍ବକ କହିଲେ ଯେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଭାରତ ସରକାରଙ୍କ ନୂତନ ଶିକ୍ଷାନୀତି ଏବଂ ଓଡ଼ିଶା ସରକାରଙ୍କ ଯଶସ୍ୱୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆସ ସ୍କୁଲ ଯିବା ଶୈକ୍ଷିକ କାର୍ଯ୍ୟକ୍ରମ ଏକ ଅଭିନବ ଯୋଜନା । ସମୟ ସ୍ରୋତରେ ଆମେ ବିଂଶ ଶତାବ୍ଦୀରେ ପଦାର୍ପଣ ହୋଇ ବିଶ୍ୱ ସହ ଭାରତବର୍ଷ ଓ ଓଡ଼ିଶା ମଧ ଆଗକୁ ବଢ଼ିବାରେ ଲାଗିଛି । ପ୍ରତ୍ୟେକ ଶିଶୁର ଶିକ୍ଷା ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ମାନବ ସମ୍ବଳକୁ ଶକ୍ତିଶାଳୀ କରିବାକୁ ହେଲେ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ । ସରକାରୀ ସାହାଯ୍ୟ ସହ ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂସ୍ଥା, ଜନପ୍ରତିନିଧି ସମସ୍ତେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମକୁ ସାକାର କରନ୍ତୁ ଏବଂ ମାନବ ସମ୍ବଳକୁ ଶକ୍ତିଶାଳୀ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ କୋଣସି ଶିଶୁ ଯେପରି ଶିକ୍ଷା ଅଧିକାରରୁ ବଂଚିତ ନହେଉ ସେଥିପାଇଁ ସମ୍ବେଦନଶୀଳ ହେବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବେଗୁନିଆ ବିଧାୟକ, ପ୍ରଦୀପ କୁମାର ସାହୁ ଯୋଗଦେଇ କହିଲେ ଯେ ଆସ ସ୍କୁଲ ଯିବା ସରକାରଙ୍କ ଏକ ମହତ କାର୍ଯ୍ୟକ୍ରମ । ଶିକ୍ଷାର ଅଗ୍ରଗତି ହେବାର ଆବଶ୍ୟକତା ଅଛି । ଶିକ୍ଷା ପଛକୁ ଗଲେ ରାଜ୍ୟ ପଛକୁ ଯିବ । ଏହି ମର୍ମରେ ବିଧାୟକ ଶ୍ରୀ ସାହୁ କହିଥିଲେ ଶିକ୍ଷା ଅଟଇ ମହାଧନ, ବାଳକେ କର ଉପାର୍ଜନ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ରୁପଶ୍ରୀ ରାଣୀ ଗୁମାନ ସିଂହ ଯୋଗଦେଇ କହିଲେ ଯେ ଶିକ୍ଷା ବିକାଶର ଚାବିକାଠି । ଶିକ୍ଷ୍ୟା ସମାଜରେ ସମସ୍ତେ କିପରି ପାଇପାରିବେ, ପ୍ରତ୍ୟେକ ପିଲା ଶିକ୍ଷାଦାନରେ ସାମିଲ ହୋଇ ମୁଖ୍ୟ ସ୍ରୋତରେ କିପରି ସାମିଲ ହେବେ ସେଥିପାଇଁ ସାମଗ୍ରିକ ଉଦ୍ୟମ ଜରୁରୀ ଅଟେ । ଶିକ୍ଷ୍ୟା ସମସ୍ତଙ୍କ ମୌଳିକ ଅଧିକାର । ଏହି କାର୍ଯ୍ୟକ୍ରମକୁ ସମସ୍ତେ ସଫଳ କରାନ୍ତୁ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ କହିଲେ ଯେ ଶିକ୍ଷାର ଅର୍ଥ ଅନ୍ଧକାର ବା ଅଜ୍ଞାନ ଦୁରକରି ଆଲୋକ ବା ଜ୍ଞାନ ପ୍ରଦାନ କରି ନିଜର, ପରିବାରର, ସମାଜର, ରାଜ୍ୟ, ରାଷ୍ଟ୍ର ଓ ବିଶ୍ୱର କଲ୍ୟାଣ ସାଧିତ କରିବା । ବିଦ୍ୟା ଅର୍ଜ୍ଜନ କରିବା ଦ୍ୱାରା ବ୍ୟକ୍ତିର ସର୍ବାଙ୍ଗୀନ ଉନ୍ନତି ଓ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱର ପରିପ୍ରକାଶ ହୋଇଥାଏ ଯଦ୍ୱାରା ସେ ସମସ୍ତ ଅନ୍ଧକାରକୁ ଦୂର କରିବା ପାଇଁ ସମ୍ଭବ ଓ ସକ୍ଷମ ହୋଇଥାଏ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା କହିଲେ ଯେ ଶିକ୍ଷା ଅଧିକାର ଆଇନରେ ସମସ୍ତେ ଶିକ୍ଷା ଗ୍ରହଣ କରିବା ପ୍ରାବଧାନତା ଅଛି ।

# ଦରକାର ପଡ଼ିବନି ଦାମୀ କସ୍‌ମେଟିକ୍: ଉଜ୍ଜ୍ୱଳ ତ୍ୱଚା ପାଇଁ ବ୍ୟବହାର କରନ୍ତୁ ନଡ଼ିଆ ତେଲ





ତ୍ୱଚା ପାଇଁ ଆଜିକାଲିକା ସମୟରେ ଲୋକେ ହଜାର ହଜାର ଟଙ୍କା ବ୍ୟୟ କରୁଛନ୍ତି। ତା ସତ୍ତ୍ୱେ ବି ଅଧିକାଂଶ ଜିନିଷର କୌଣସି ଫଳାଫଳ ମିଳୁନାହିଁ। ତ୍ୱଚାରେ କୌଣସି ବି ପରିବର୍ତ୍ତନ ଦେଖିବାକୁ ମିଳିନଥାଏ। ହେଲେ ଏମିତି ଏକ ସାଧାରଣ ଜିନିଷ ଅଛି, ଯାହା ତ୍ୱଚା ପାଇଁ ଖୁବ୍ ? ଭଲ। ସେଇଟି ହେଉଛି ନଡ଼ିଆ ତେଲ। ନଡ଼ିଆ ଏକ ଏପରି ଫଳ ଯାହାର ଅନେକ ସୁଫଳ ଅଛି। ନଡ଼ିଆ ଖାଇବା ଯେପରି ଭଲ ତାହା ପାଣି ମଧ ପେଟ ପାଇଁ ଖୁବ୍ ଭଲ। ତା'ଠାରୁ ଆହୁରି ଭଲ ନଡ଼ିଆ ତେଲ। ତ୍ୱଚା ଓ କେଶ ପାଇଁ ଏହା ଔଷଧ ପରି। ନଡ଼ିଆରେ ଭିଟାମିନ୍-ସି, ଭିଟାମିନ୍-ଇ ଏବଂ ବି-ଭିଟାମିନ୍ ରହିଛି। ପଟାସିୟମ୍, ମ୍ୟାଗ୍ନେସିୟମ୍, କ୍ୟାଲ୍‌ସିୟମ୍, ଆଇରନ୍, ଜିଙ୍କ୍, କପର, ମ୍ୟାଗାନିଜ୍ ଏବଂ ସେଲେନିୟନ୍ ପରି ପୋଷକ ତତ୍ୱ ରହିଛି। ସେଥିପାଇଁ ନଡ଼ିଆ ଓ ନଡ଼ିଆ ପାଣି ପରି ତାହା ତେଲକୁ ଶରୀର ପାଇଁ ଖୁବ୍ ଉପକାରୀ। ନଡ଼ିଆ ତେଲ ଆପଣଙ୍କ ଚେହେରା ପାଇଁ କୌଣସି ବରଦାନଠୁ କମ୍ ନୁହେଁ। ଏହା ଚେହେରାର ଚମକ ଆଣିବା ସହ ମୁହଁରେ ଥିବା ବ୍ରଣ ଦାଗକୁ ସଫା କରିବାରେ ସହାୟକ ହୋଇଥାଏ। ନଡ଼ିଆ ତେଲରେ ଭିଟାମିନ୍ ଓ ଏବଂ ଆଣ୍ଟି ଅକ୍ସିଡାଣ୍ଟ୍ ରହିଛି। ଯାହାକୁ ଦାଗ ଚଢ଼ାଇବାରେ ସାହାଯ୍ୟ କରେ। ଏହା ତ୍ୱଚାକୁ ଟାଇଟ୍ ମଧ କରେ। ଯୁବା ଦିଶିବାକୁ ଚାହୁଁଥିଲେ ବି ଆପଣ ଏହାକୁ ବ୍ୟବହାର କରିପାରନ୍ତି।

# ଏମିତି ମର୍ଣ୍ଣିଂ ୱାକ କରନ୍ତୁ: ମିଳିବ ସର୍ବାଧିକ ଫାଇଦା



ଆଜିର ସମୟରେ ସାଧାରଣତଃ ସମସ୍ତେ ଫିଟ ରହିବାକୁ ପସନ୍ଦ କରନ୍ତି। ତେଣୁ ମର୍ଣ୍ଣିଂ ୱାକ ସାଧାରଣତଃ ସମସ୍ତଙ୍କ ଜୀବନର ଏକ ଅଂଶ ରହିଛି। ମାତ୍ର ଏହାକୁ କରିବାର ସଠିକ ଉପାୟ ଅଧିକ ଲୋକଙ୍କୁ ଜଣା ନ ଥାଏ। ମର୍ଣ୍ଣିଂ ୱାକ ଶରୀରର ପାଚନ ପ୍ରକ୍ରିୟାକୁ ତ୍ୱରିତ କରିଥାଏ ଯାହା ଫଳରେ ଶରୀର ରୋଗମୁକ୍ତ ରହିଥାଏ। ଏହା ସହିତ ଜୀବନ ଧାରଣ କାରଣରୁ ସୃଷ୍ଟି ହେଉଥିବା ମେଦ ବହୁଳତା ଓ ଡାଇବେଟିସ ପରି ରୋଗକୁ ମଧ ଏହା ନିୟନ୍ତ୍ରଣରେ ରଖିଥାଏ।

ତେବେ ମର୍ଣ୍ଣିଂ ୱାକ କରିବା ସମୟରେ ଲୋକ ମାନେ କିଛି ସାଧାରଣ ନିୟମକୁ ମାନି ନଥାନ୍ତି। ଫଳରେ ଏହାର ସମ୍ପୂର୍ଣ୍ଣ ଫାଇଦା ମିଳି ନଥାଏ। ମର୍ଣ୍ଣିଂ ୱାକ କରିବା ସମୟରେ କଣ ନିୟମ ମାନିବା ଉଚିତ, ଚାଲିବାର ବେଗ କଣ ରହିବା ଉଚିତ ଓ କିପରି ଚାଲିବା ଉଚିତ ଆସନ୍ତୁ ଜାଣିବା....

ମର୍ଣ୍ଣିଂ ୱାକ ସମୟରେ ନିଜ ଶ୍ୱାସ ପ୍ରଶ୍ୱାସ ଓ ଚାଲିବାର ବେଗ ଉପରେ ଧାନ ଦେବାକୁ ପଡିଥାଏ। ମର୍ଣ୍ଣିଂ ୱାକ ସମୟରେ ପ୍ରଥମେ ଧୀରେ ଧୀରେ ଚାଲିବା ସହ ଶ୍ୱାସ ଉପରେ ଧ୍ୟାନ ଦେବ ଉଚିତ। ଧୀରେ ଧୀରେ ଚାଲିବାର ଗତି ବଢାଇବା ସହିତ ଶ୍ୱାସ ପ୍ରଶ୍ୱାସ କିଭଳି ରହୁଛି ଏହାକୁ ମନିଟର କରିବା ଉଚିତ। ମର୍ଣ୍ଣିଂ ୱାକରେ ଜଣେ ୧୩ ମିନିଟରୁ ଓ ୨୦ ମିନିଟ ମଧରେ ୧ ମାଇଲ ଚାଲିବା ଉଚିତ। ଏପରି ବେଗରେ ଚାଲିବା ଦ୍ୱାରା ମର୍ଣ୍ଣିଂ ୱାକର ବାସ୍ତବ ଫାଇଦା ମିଳିଥାଏ। ଓଜନ ହ୍ରାସ ଓ ରକ୍ତ ଶର୍କରା (ଡାଇବେଟିସ) ନିୟନ୍ତ୍ରଣରେ ଏହା ସାହାଯ୍ୟ କରିଥାଏ। ମେଦବହୁଳତା ରୋଗରେ ପୀଡିତ ବ୍ୟକ୍ତି ମାନଙ୍କ ପାଇଁ ମଧ ଏହା ବେଶ ସହାୟକ ହୋଇଥାଏ। ମର୍ଣ୍ଣିଂ ୱାକରେ ଯାଉଥିଲେ ଦୈନିକ ୨୦-୩୦ ମିନିଟ ଚାଲିବା ଉଚିତ। ସପ୍ତାହରେ ୫ ଦିନ ଯଦି ଜଣେ ଦୈନିକ ୨୦-୩୦ ମିନିଟ ଚାଲନ୍ତି ତେବେ ଏହା ବାସ୍ତବରେ ଫାଇଦା ପ୍ରଦାନ କରିଥାଏ। ଏହା ଠାରୁ କମ୍ ଚାଲୁଥିଲେ ଏହା ଆମର ଶାରୀରିକ ପ୍ରକ୍ରିୟା ଉପରେ ବିଶେଷ ପ୍ରଭାବ ପକାଇ ନଥାଏ।

# ଏହି ଦିଗକୁ ଗୋଡକରି ଶୋଉଛନ୍ତି କି... ପଡିବ ନକରାତ୍ମକ ପ୍ରଭାବ

**ଶରୀରକୁ ରିଲାକ୍ସ ଦେବା ଓ ସୁସ୍ଥ ଜୀବନ ଜୀଇବା ପାଇଁ ଶୋଇବା ଜରୁରୀ। ପ୍ରତ୍ୟେକ ମଣିଷ ଶୋଉଥିଲେ ମଧ ଅନେକ ଏହାର ଠିକ୍ ଉପାୟ ଜାଣନ୍ତି ନାହିଁ। ତେବେ ଏବେ ପ୍ରଶ୍ନ ହେଉଛି ଶୋଇବାର ଉପଯୁକ୍ତ ଉପାୟ କ'ଣ ? କେଉଁ ଦିଗକୁ ଗୋଡ କରି ଶୋଇବା ଉଚିତ୍ ନୁହେଁ ? ଆସନ୍ତୁ ଜାଣିବା।**



ବାସ୍ତୁଶାସ୍ତ୍ର ଅନୁସାରେ, ଯଦି ଜଣେ ବ୍ୟକ୍ତି ନିଜ ପାଦକୁ ଭୁଲ ଦିଗରେ ରଖି ଶୋଇଥାଏ, ତେବେ ତାଙ୍କ ଶରୀରରୁ ସମସ୍ତ ଶକ୍ତି ବାହାରିଯାଏ, କାରଣ ଭୁଲ ଦିଗରେ ପାଦ ରଖି ଶୋଇଲେ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡେ। ବାସ୍ତୁଶାସ୍ତ୍ର ଅନୁସାରେ, ଜଣେ ବ୍ୟକ୍ତି ଦକ୍ଷିଣ ଆଡକୁ ପାଦ ରଖି ଶୋଇବା ଉଚିତ ନୁହେଁ। ଦକ୍ଷିଣ ଦିଗକୁ ଯମଦୂତ, ଯମ ଏବଂ ନକାରାତ୍ମକ ଶକ୍ତିର ଦିଗ ଭାବରେ ବିବେଚନା କରାଯାଏ, ତେଣୁ ଏହି ଦିଗକୁ ପାଦ ରଖି ଶୋଇବା ଉଚିତ ନୁହେଁ। ବାସ୍ତୁଶାସ୍ତ୍ର ଅନୁସାରେ, ଜଣେ ବ୍ୟକ୍ତି ପୂର୍ବ ଦିଗକୁ ମଧ ଗୋଡ କରି ଶୋଇବା ଉଚିତ ନୁହେଁ। ଏହା ବ୍ୟତୀତ, ପଶ୍ଚିମ ଦିଗକୁ ମୁଣ୍ଡ କରି ଶୋଇବା ମଧ ଉଚିତ ନୁହେଁ। ଏହା ଶରୀର ଉପରେ ମଧ ନକାରାତ୍ମକ ପ୍ରଭାବ ପକାଇଥାଏ। ବାସ୍ତୁଶାସ୍ତ୍ରରେ କୁହାଯାଇଛି ଯେ ଯଦି ଜଣେ ବ୍ୟକ୍ତି ପୂର୍ବ କିମ୍ବା ଦକ୍ଷିଣ ଆଡକୁ ପାଦ ରଖି ଶୋଇଥାଏ ତେବେ ତାଙ୍କ ମନରେ ନକାରାତ୍ମକ ଚିନ୍ତାଧାରା ଏବଂ ଭୟାନକ ସ୍ୱପ୍ନ ଆସେ। ଏହା ବ୍ୟତୀତ ଲୋକମାନେ ନିରାଶା ଏବଂ ଭୟର ଶିକାର ହୁଅନ୍ତି। ବାସ୍ତୁବୀତଙ୍କ ମତରେ, ଜଣେ ବ୍ୟକ୍ତି ଉତ୍ତର ଦିଗକୁ ପାଦ ଦେଇ ଶୋଇବା ଦ୍ୱାରା ସୁଖ, ସମୃଦ୍ଧି, ଶାନ୍ତି, ଆର୍ଥିକ ଲାଭ ପାଇବା ସହିତ ଆୟୁ ବୃଦ୍ଧି ହୁଏ। ଏହା ବ୍ୟତୀତ ପୂର୍ବ ଆଡକୁ ମୁଣ୍ଡ କରି ଶୋଇବା ଦ୍ୱାରା ଜ୍ଞାନ ପ୍ରାପ୍ତ ହେବାରେ ସାହାଯ୍ୟ ମିଳେ।

# ସ୍କୁଲ୍ ଯିବାକୁ ଆପଣଙ୍କ ପିଲା କାନ୍ଦୁଛନ୍ତି କି... ଏମିତି କରନ୍ତୁ, ଖୁସିରେ ଖୁସିରେ ସ୍କୁଲ୍ ଯିବ



**ଅନେକ ସମୟରେ ପିଲାମାନେ ସ୍କୁଲ୍ ଯିବା ବେଳେ କାନ୍ଦନ୍ତି। ଏହା ଭାବପ୍ରବଣ ଚିନ୍ତାର ସଙ୍କେତ ହୋଇପାରେ। ଅନେକ ପିଲାମାନେ ଏକ ପ୍ରକାର ଭୟ, ଏକୁଟିଆ କିମ୍ବା ପରିବର୍ତ୍ତନ ହେତୁ ବିଦ୍ୟାଳୟକୁ ଯିବା ପୂର୍ବରୁ ମାନସିକ ଚାପ ଅନୁଭବ କରିବା ଆରମ୍ଭ କରନ୍ତି, ସେଥିପାଇଁ ମଧ ସେମାନେ କାନ୍ଦନ୍ତି। ଏପରି ପରିସ୍ଥିତିରେ ରାତିରେ ସେମାନଙ୍କର ନିଦ ହଜିଯାଏ। ଏଭଳି ପରିସ୍ଥିତିରେ ବାପାମାମାନେ ନିଜ ପିଲାମାନଙ୍କ ଭାବପ୍ରବଣତାକୁ ବୁଝିବା ଏବଂ ସେମାନଙ୍କୁ ସାହାଯ୍ୟ କରିବା ଜରୁରୀ। ଆପଣ କିଛି ସହଜ ଏବଂ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରି ସେମାନଙ୍କର ଭାବପ୍ରବଣ ଚିନ୍ତା ହ୍ରାସ କରିପାରିବେ, ଯାହା ଦ୍ୱାରା ସେମାନେ ଖୁସିରେ ସ୍କୁଲ୍‌କୁ ଯିବେ ଏବଂ ମନରେ ଦୃଢତା ଅନୁଭବ କରିବେ।**

*ସକରାତ୍ମକ କଥାବାର୍ତ୍ତା:*

ପିଲାମାନଙ୍କ ସହିତ ଶାନ୍ତ ଭାବରେ କଥା ହୁଅନ୍ତୁ ଏବଂ ତାଙ୍କ ଚିନ୍ତାଧାରା ବୁଝିବାକୁ ଚେଷ୍ଟା କରନ୍ତୁ। ତାଙ୍କ ଭୟକୁ ଅଣଦେଖା କରନ୍ତୁ ନାହିଁ, ବରଂ ତାଙ୍କୁ କୁହନ୍ତୁ ଯେ ପ୍ରତ୍ୟେକ ପିଲାଙ୍କର କିଛି ନା କିଛି ଡର ଥାଏ, କିନ୍ତୁ ଏହାକୁ ଦୂର କରିବାର ଏକ ଉପାୟ ଅଛି।

*ରୁଟିନ୍ ସୃଷ୍ଟି କରନ୍ତୁ:*

ଆପଣଙ୍କ ପିଲାଙ୍କ ଦୈନନ୍ଦିନ କାର୍ଯ୍ୟକୁ ସରଳ ଏବଂ ନିୟମିତ ରଖନ୍ତୁ। ତାଙ୍କୁ ପ୍ରତିଦିନ ସମାନ ସମୟରେ ବିଦ୍ୟାଳୟକୁ ପଠାନ୍ତୁ, ଯାହାଫଳରେ ସେମାନେ ଧୀରେ ଧୀରେ ଆଡଜଷ୍ଟ ହୋଇପାରିବେ ଏବଂ ଭୟ ତାଙ୍କ ମନରୁ ଦୂରେଇ ଯିବ। ଯଦି ଆପଣ ଏହାକୁ ପଠାଇବେ ନାହିଁ, ତେବେ ଏହା ସ୍ୱାଭାବିକ ହେବା ତାଙ୍କ ପାଇଁ ଅଧିକ କଷ୍ଟସାଧ ହେବ।

*ପ୍ରେରଣା ଦିଅନ୍ତୁ:*

ପିଲାଙ୍କୁ କୁହନ୍ତୁ ଯେ ତାଙ୍କ ଶିକ୍ଷକ ତାଙ୍କୁ ବିଦ୍ୟାଳୟରେ କେତେ ମିସ୍ କରିବେ, ତାଙ୍କର କେତେ ସାଙ୍ଗ ହେବେ, ବିଭିନ୍ନ ଖେଳ ହେବ ଏବଂ ନୂଆ ଜିନିଷ ଶିଖିବାକୁ ମିଳିବ। ଏହା ତାଙ୍କ ଚିନ୍ତାକୁ କମ୍ କରିବ ଏବଂ ସେମାନେ ଖୁସିରେ ସ୍କୁଲ୍ ଯିବେ।

*ଧୈର୍ଯ୍ୟବାନ ହେବା:*

ପିଲାମାନଙ୍କୁ ଆଡଜଷ୍ଟ୍ ହେବା ପାଇଁ କିଛି ସମୟ ଦିଅନ୍ତୁ। ଅନ୍ୟମାନଙ୍କ ସାମ୍ନାରେ ଗାଳି ଦେବା ଏବଂ ଆକ୍ରମଣାତ୍ମକ ହେବା ଠାରୁ ଦୂରେଇ ରୁହନ୍ତୁ। ସେମାନଙ୍କୁ ହସଖୁସିରେ କୁହନ୍ତୁ ଯେ, ସ୍କୁଲ ସରୁ ସରୁ ତାଙ୍କୁ ନେବାକୁ ଆସିବେ, ସେପର୍ଯ୍ୟନ୍ତ ସେମାନେ ନୂଆ ଜିନିଷ ଶିଖିପାରିବେ ଯାହା ଶ୍ରେଣୀରେ ଶିକ୍ଷା ଦିଆଯିବ। ଏହି ଉପାୟରେ ସେମାନେ ଆରାମ ଅନୁଭବ କରିବେ ଏବଂ ସ୍କୁଲ୍ ଯିବାକୁ ସାହସ ପାଇବେ।

*ପ୍ରତିଶ୍ରୁତି ପାଳନ କରିବା:*

ଯଦି ଆପଣ ପିଲା ସ୍କୁଲରୁ ଫେରିବା ପରେ ପାର୍କକୁ ନେବା, ତାଙ୍କୁ ଏକ ପ୍ରିୟ ରେଷ୍ଟୁରାଣ୍ଟ କିମ୍ବା ଅନ୍ୟ କୌଣସି ଯୋଜନା କରିଥିବେ, ତେବେ ଏହାକୁ ଭୁଲିଯାଆନ୍ତୁ ନାହିଁ। ପିଲାଙ୍କୁ କହିଥିବା କଥା ରଖନ୍ତୁ। ନଚେତ ଏହା ସେମାନଙ୍କ ଚାପକୁ ବଢେଇ ଦେବ।

*ଏହି ଜିନିଷଗୁଡିକ ପ୍ରତି ଧ୍ୟାନ:*

ଅନେକ ଅଭିଭାବକ ନିଜ ପିଲାମାନଙ୍କୁ ସ୍କୁଲ୍ ଫାଟକ ନିକଟରେ ଛାଡି, ସାଙ୍ଗେ ସାଙ୍ଗେ ପଛକୁ ବୁଲି 'ବାଏ' ନ କହି ପଳାଇ ଆସନ୍ତୁ। ଏପରି କରନ୍ତୁ ନାହିଁ। ହସ ହସ ମୁହଁରେ ସେମାନଙ୍କୁ 'ବାଏ' କୁହନ୍ତୁ।

ମନେରଖନ୍ତୁ, ପିଲାମାନଙ୍କ ମଧରେ ଅଲଗା ହେବାର ଚିନ୍ତା ସଂପୂର୍ଣ୍ଣ ସ୍ୱାଭାବିକ ଏବଂ ସୁସ୍ଥ। ଯେତେବେଳେ ପିଲାମାନେ କାନ୍ଦନ୍ତି, ସେମାନଙ୍କର ଡର କମିଯାଏ ଏବଂ ମନ ହାଲୁକା ହୁଏ ଏବଂ ସେମାନେ କିଛି ସମୟ ମଧରେ ସ୍ୱାଭାବିକ ହୋଇଯାଆନ୍ତି।

ପିଲାକୁ ଶାନ୍ତ ଭାବରେ ବୁଝାନ୍ତୁ, କେବେ ବି ସେମାନଙ୍କୁ ଅନ୍ୟମାନଙ୍କ ସହିତ ତୁଳନା କରନ୍ତୁ ନାହିଁ।

ଏହିଭଳି କିଛି ସରଳ ଟିପ୍ସ ଗ୍ରହଣ କରି, ପିଲାମାନଙ୍କ ଏହି ଭୟ ଓ ଚିନ୍ତାକୁ ହ୍ରାସ କରିପାରିବେ।

# ଆପଣ ଥଣ୍ଡା-କାଶରେ ପୀଡିତ କି... ଡାକ୍ତର ପାଖକୁ ନ ଯାଇ କରନ୍ତୁ ଏହି ୫ ଘରୋଇ ଉପଚାର

**ଥଣ୍ଡା ଏବଂ ଜ୍ୱରରୁ ମୁକ୍ତି ପାଇବା ପାଇଁ ଲୋକମାନେ ସାଧାରଣତଃ ବିଦେଶୀ ଔଷଧ ବ୍ୟବହାର କରନ୍ତି କିମ୍ବା ଡାକ୍ତରଙ୍କ ନିକଟକୁ ଯାଆନ୍ତି। କିନ୍ତୁ ବେଳେବେଳେ ଏହି ଔଷଧଗୁଡ଼ିକ ମଧ କ୍ଷତିକାର ହୋଇଥାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, କିଛି ଘରୋଇ ଉପଚାର ଚେଷ୍ଟା କରିପାରିବେ। ଏହା କରିବା ଦ୍ୱାରା ଆପଣ ଖୁବ୍ କମ ସମୟରେ ଆରାମ ପାଇପାରିବେ। ଏବେ ପ୍ରଶ୍ନ ଉଠୁଛି କାଶ ଏବଂ ଥଣ୍ଡା ହେଲେ ପ୍ରଥମେ କ'ଣ କରିବା ଉଚିତ ? ଥଣ୍ଡା ଏବଂ କାଶରେ କେଉଁ ଉପଚାର ଉପଯୋଗୀ ହୋଇପାରେ ? ତେବେ ଏନେଇ ବିଶେଷଜ୍ଞମାନେ କ'ଣ କୁହନ୍ତି ଆସନ୍ତୁ ଜାଣିବା।**

**ତୁଳସୀ-ଅଦା ଚା':** ଯଦି ଆପଣ ଥଣ୍ଡା-କାଶ ଭଳି ସମସ୍ୟାରେ ପୀଡିତ, ତେବେ ଆପଣ ଏହାକୁ ଘରେ ଭଲ କରିପାରିବେ। ସାଧାରଣତଃ ଏହା କେବଳ ଘରୋଇ ଚିକିତ୍ସା ଦ୍ୱାରା ଆରୋଗ୍ୟ ହୁଏ। ଘରେ ଛୋଟ ଛୋଟ ଟିପ୍ସ ଆପଣେଇ ସହଜରେ ଏଥିରୁ ଆରାମ ପାଇପାରିବେ। ଥଣ୍ଡା ଏବଂ କାଶରେ ପୀଡିତ ବ୍ୟକ୍ତି ତୁଳସୀ ଓ ଅଦା ମିଶାଇ ଚା' ପ୍ରସ୍ତୁତ କରି ପିଅନ୍ତୁ। ଏହା କାଶ ଏବଂ ଥଣ୍ଡାକୁ ତୁରନ୍ତ ଭଲ କରିଦିଏ।



**ମହୁ-ଅଦା ରସ:** ବିଶେଷଜ୍ଞଙ୍କ ଅନୁଯାୟୀ ଥଣ୍ଡା ଏବଂ କାଶରୁ ମୁକ୍ତି ପାଇବାରେ ମହୁ ଏବଂ ଅଦା ରସ ଅତ୍ୟନ୍ତ ଲାଭଦାୟକ। ଯଦି ଆପଣ ମଧ ଥଣ୍ଡା ଏବଂ କାଶରେ ପୀଡିତ ତେବେ ଅଦା ଏବଂ ମହୁ ରସକୁ ଟିକେ ଗରମ କରି ପିଇଲେ ତୁରନ୍ତ ଆରାମ ମିଳିବ।



**ମହୁ-ଲବଙ୍ଗ:** ଯଦି ଆପଣ କାଶ କିମ୍ବା ଥଣ୍ଡା ରୋଗରେ ପୀଡିତ ତେବେ ଲବଙ୍ଗ ଏବଂ ମହୁ ଖାଆନ୍ତୁ। ଲବଙ୍ଗକୁ ଗ୍ରାଇଣ୍ଡ୍ କରି ମହୁ ସହିତ ମିଶାଇ ଦିନକୁ ୨-୩ ଥର ଖାଇବା ଦ୍ୱାରା କାଶରୁ ବହୁତ ଆରାମ ମିଳିଥାଏ। ଯଦି ଏମିତିରେ ଭଲ ହୋଇଯାଏ ତେବେ ଆପଣଙ୍କୁ ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼ିବ ନାହିଁ।



**ଗରମ ପାଣି କୁଳୁକୁଳି:** ଯଦି ଥଣ୍ଡା ସହିତ ଗଳା ଦରଜ, କଫ ଏବଂ କାଶ ତେବେ ତେବେ ଗାର୍ଗଲିଂ ବହୁତ ଲାଭଦାୟକ। ଏଥିପାଇଁ ଉଷୁମ ଲୁଣ ପାଣିରେ ଗାର୍ଗଲ କରନ୍ତୁ। ଏହା ଗଳାରେ ଜମା ହୋଇଥିବା କଫକୁ ଦୂର କରେ ଏବଂ ଗଳା ଦରଜରୁ ଆରାମ ଦିଏ। ଯଦି ଆପଣ ମଧ ଥଣ୍ଡା ରୋଗରେ ପୀଡିତ ତେବେ ଗାର୍ଗଲ୍ କରନ୍ତୁ।



**ବାମ୍ପ ନେବା:** ଥଣ୍ଡା ଏବଂ କାଶରୁ ଅଧିକ ଆରାମ ପାଇବା ପାଇଁ ବାମ୍ପ ନେବାକୁ ପଡେ। ଏହା ବନ୍ଦ ହୋଇଯାଇଥିବା ନାକକୁ ଖୋଲିଦିଏ। ସାଧା ପାଣି ହେଉ କି ସେଥିରେ ଚା' ତେଲ, ୟୁକାଲିପଟାସ୍ ତେଲ, ଲେମନ୍ ଗ୍ରାସ୍ ତେଲ, ଲବଙ୍ଗ ତେଲ ମିଶାଇ ବାମ୍ପ ନିଆଯାଇପାରେ। ଏହା ଦ୍ୱାରା ଗଳା ଖରାପରୁ ଅନେକ ଆରାମ ମିଳେ। ଯଦି ଆପଣ ମଧ ଥଣ୍ଡା ଏବଂ କାଶରେ ପୀଡିତ ତେବେ ନିଶ୍ଚିତ ଭାବରେ ଏହି ଘରୋଇ ଉପଚାର ଚେଷ୍ଟା କରନ୍ତୁ।



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୧୧ ଅକ୍ଟୋବର ୨୦୨୫, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଗାଜା ଅସ୍ତ୍ରବିରତି: ଏକ ଅସମାପ୍ତ ଅଧ୍ୟାୟ

ଗାଜାରେ ପୁଣି ଥରେ ତୋପ ବନ୍ଧୁକର ଗର୍ଜନ ଶାନ୍ତ ପଡ଼ିଛି । ଇସ୍ରାଏଲ ଏବଂ ହାମାସ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ରାଜିନାମା ଏକ ଅସ୍ଥାୟୀ ଆଶ୍ୱସ୍ତି ଆଣିଦେଇଛି ସତ, କିନ୍ତୁ ଏହା ଏକ ସ୍ଥାୟୀ ଶାନ୍ତିର ମାର୍ଗ ପ୍ରଶସ୍ତ କରିବାରେ କେତେଦୂର ସଫଳ ହେବ, ତାହା ଏବେବି ଏକ ବଡ଼ ପ୍ରଶ୍ନବାଚୀ । ଏହି ଅସ୍ତ୍ରବିରତି କେବଳ ଏକ ଯୁଦ୍ଧର ସାମୟିକ ବିରାମ ନୁହେଁ, ବରଂ ଏହା ଏକ ଜଟିଳ ରାଜନୈତିକ, ମାନବିକ ଏବଂ ଆଇନଗତ ପ୍ରକ୍ରିୟାର ଆରମ୍ଭ ମାତ୍ର । ଏହାର ସଫଳତା ଓ ବିଫଳତା ଉପରେ କେବଳ ଗାଜାର ଭବିଷ୍ୟତ ନୁହେଁ, ବରଂ ସମଗ୍ର ମଧ୍ୟପ୍ରାଚ୍ୟର ସ୍ଥିରତା ନିର୍ଭର କରୁଛି ।

ଏହି ଅସ୍ତ୍ରବିରତି ରାଜିନାମା, ଯାହାକି ଆମେରିକାର ମଧ୍ୟସ୍ଥତାରେ ସମ୍ଭବ ହୋଇଛି, ଏକ ବହୁ-ପର୍ଯ୍ୟାୟ ବିଶିଷ୍ଟ ଯୋଜନା । ଏହାର ପ୍ରାଥମିକ ପର୍ଯ୍ୟାୟରେ ବନ୍ଧକ ଏବଂ କଏଦୀଙ୍କ ମୁକ୍ତି, ଇସ୍ରାଏଲୀ ସେନାର ଆଂଶିକ ପ୍ରତ୍ୟାହାର ଏବଂ ମାନବୀୟ ସହାୟତାର ପ୍ରବେଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସାମିଲ ରହିଛି । ଦୀର୍ଘ ଦୁଇ ବର୍ଷର ରକ୍ତାକ୍ତ ସଂଘର୍ଷ ପରେ ଉଭୟ ପକ୍ଷ ଏହି ରାଜିନାମା ପାଇଁ ରାଜି ହେବା ପଛରେ ଅନେକ କାରଣ ରହିଛି । ଇସ୍ରାଏଲ ଉପରେ ଆନ୍ତର୍ଜାତୀୟ ଚାପ ବଢ଼ିବାରେ ଲାଗିଥିଲା, ଏବଂ ଦେଶ ଭିତରେ ମଧ୍ୟ ବନ୍ଧକଙ୍କ ପରିବାରବର୍ଗଙ୍କ ଦ୍ୱାରା ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯାଉଥିଲା । ଅନ୍ୟ ପଟେ, ହାମାସ ମଧ୍ୟ ସାମରିକ ଏବଂ ରାଜନୈତିକ ସ୍ତରରେ କ୍ଲାନ୍ତ ହୋଇପଡ଼ିଥିଲା । ଏହି ପରିପ୍ରେକ୍ଷୀରେ, ଅସ୍ତ୍ରବିରତି ଉଭୟ ପକ୍ଷ ପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା ପାଲଟିଥିଲା । କିନ୍ତୁ ଏହି ରାଜିନାମାର ଭବିଷ୍ୟତ ଅନେକ 'ଯଦି' ଏବଂ 'କିନ୍ତୁ' ଉପରେ ନିର୍ଭରଶୀଳ । ଏହାର ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକର ସଫଳ ରୂପାୟନ ଏବଂ ଏକ ସ୍ଥାୟୀ ଶାନ୍ତି ଚୁକ୍ତିରେ ପହଞ୍ଚିବା ଏକ କଠିନ ଆହ୍ୱାନ ହେବ ।

ଅସ୍ତ୍ରବିରତି ପରବର୍ତ୍ତୀ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଗାଜାର ପୁନର୍ଗଠନ । ଦୁଇ ବର୍ଷର ଯୁଦ୍ଧ ଗାଜାକୁ ଏକ ଧ୍ୱଂସସ୍ତୂପରେ ପରିଣତ କରିଦେଇଛି । ବିଶ୍ୱ ବ୍ୟାଙ୍କର ଆକଳନ ଅନୁଯାୟୀ, ଗାଜାର ପୁନର୍ଗଠନ ପାଇଁ ୧୮.୫ ବିଲିୟନ ଡଲାରରୁ ୫୦ ବିଲିୟନ ଡଲାର ପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରେ । ଗାଜାର ପ୍ରାୟ ୬୯% ଘର ଏବଂ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି, ଏବଂ ୫୦ ମିଲିୟନ ଟନରୁ ଅଧିକ ଧ୍ୱଂସାବଶେଷ ସଫା କରିବା ଏକ ବିରାଟ କାର୍ଯ୍ୟ । ଏହି ପୁନର୍ଗଠନ କାର୍ଯ୍ୟରେ ସବୁଠାରୁ ବଡ଼ ବାଧକ ହେଉଛି ଇସ୍ରାଏଲ ଦ୍ୱାରା ଲାଗୁ କରାଯାଇଥିବା ଅବରୋଧ । ନିର୍ମାଣ ସାମଗ୍ରୀର ଆମଦାନୀ ଉପରେ କଠୋର ନିୟନ୍ତ୍ରଣ ଏବଂ ରାଜନୈତିକ ଅନିଶ୍ଚିତତା ପୁନର୍ଗଠନ ପ୍ରକ୍ରିୟାକୁ ଜଟିଳ କରିବ । ଏହା ବ୍ୟତୀତ, ଗାଜାର ଶାସନ ଭାର କିଏ ନେବ, ତାହା ମଧ୍ୟ ଏକ ଅସମାହିତ ପ୍ରଶ୍ନ । ଏହି ସମସ୍ତ ଆହ୍ୱାନକୁ ଦୃଷ୍ଟିରେ ରଖିଲେ, ଗାଜାର ପୁନର୍ଗଠନ କେବଳ ଏକ ଆର୍ଥିକ ପ୍ରସଙ୍ଗ ନୁହେଁ, ବରଂ ଏକ ଗଭୀର ରାଜନୈତିକ ଏବଂ କୂଟନୈତିକ ପ୍ରସଙ୍ଗ ମଧ୍ୟ।

ପୁନର୍ଗଠନ ସହିତ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ହେଉଛି ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ । ଏହି ସଂଘର୍ଷରେ ଉଭୟ ପକ୍ଷଙ୍କ ଦ୍ୱାରା ଯୁଦ୍ଧ ଅପରାଧ ଏବଂ ମାନବିକ ଅଧିକାରର ଉଲ୍ଲଂଘନ ହୋଇଥିବାର ଅଭିଯୋଗ ହୋଇଛି । ଆନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ (**ICC**) ଏବଂ ଆନ୍ତର୍ଜାତୀୟ ନ୍ୟାୟାଳୟ (**ICJ**) ଏହି ମାମଲାର ତଦନ୍ତ କରୁଛନ୍ତି । **ICC** ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନୟାହୁ ଏବଂ ହାମାସର ନେତାଙ୍କ ବିରୁଦ୍ଧରେ ଗିରଫ ୱାରେଣ୍ଟ ଜାରି କରିଛନ୍ତି । ସେହିପରି, **ICJ** ଇସ୍ରାଏଲ ବିରୁଦ୍ଧରେ ନରସଂହାରର ଅଭିଯୋଗର ଶୁଣାଣି କରୁଛି । ଏହି ଆଇନଗତ ପ୍ରକ୍ରିୟାଗୁଡ଼ିକ କେବଳ ନ୍ୟାୟ ପ୍ରତିଷ୍ଠା ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଭବିଷ୍ୟତରେ ଏଭଳି ସଂଘର୍ଷକୁ ରୋକିବା ପାଇଁ ମଧ୍ୟ ଏକ ଶକ୍ତିଶାଳୀ ବାର୍ତ୍ତା ଦେବ । କିନ୍ତୁ ଏହି ପ୍ରକ୍ରିୟା ମଧ୍ୟ ଅନେକ ରାଜନୈତିକ ବାଧାବିଘ୍ନର ସମ୍ମୁଖୀନ ହେଉଛି । ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ବିନା କୌଣସି ଶାନ୍ତି ପ୍ରକ୍ରିୟା ସ୍ଥାୟୀ ହୋଇପାରିବ ନାହିଁ।

ଏହି ଅସ୍ତ୍ରବିରତିର ଦୀର୍ଘକାଳୀନ ପ୍ରଭାବ କ'ଣ ହେବ, ତାହା ଏବେଠାରୁ କହିବା କଷ୍ଟକର । କେତେକ ବିଶ୍ଳେଷକଙ୍କ ମତରେ, ଏହା ଦୁଇ-ରାଷ୍ଟ୍ର ସମାଧାନ (**two-state solution**) ପାଇଁ ଏକ ନୂତନ ସୁଯୋଗ ସୃଷ୍ଟି କରିପାରେ । ଆନ୍ତର୍ଜାତୀୟ ସମୁଦାୟର ଚାପ ଏବଂ ଏହି ସଂଘର୍ଷର ଭୟାବହତା ଇସ୍ରାଏଲ ଏବଂ ପାଲେଷ୍ଟାଇନ ଉଭୟଙ୍କୁ ଏକ ସ୍ଥାୟୀ ସମାଧାନ ଦିଗରେ ଆଗେଇବାକୁ ବାଧ୍ୟ କରିପାରେ । କିନ୍ତୁ ଅନ୍ୟ କେତେକଙ୍କ ମତରେ, ଏହି ଅସ୍ତ୍ରବିରତି କେବଳ ଏକ ସାମୟିକ ବ୍ୟବସ୍ଥା ଏବଂ ମୂଳ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଶାନ୍ତି ଅସମ୍ଭବ । ଇସ୍ରାଏଲର କଠୋରପନ୍ଥୀ ସରକାର ଏବଂ ହାମାସ ଭଳି ସଂଗଠନର ଉପସ୍ଥିତି ଶାନ୍ତି ପ୍ରକ୍ରିୟାରେ ସବୁଠାରୁ ବଡ଼ ପ୍ରତିବନ୍ଧକ । ଏହି ପରିସ୍ଥିତିରେ, ଆମେରିକା, ୟୁରୋପୀୟ ସଂଘ ଏବଂ ଆରବ ଦେଶଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ ।

ପରିଶେଷରେ, ଗାଜା ଅସ୍ତ୍ରବିରତି ଏକ ଆଶା ଏବଂ ଆଶଙ୍କାର ମିଶ୍ରଣ । ଏହା ଯୁଦ୍ଧର ବିଭୀଷିକାରୁ ଏକ ସାମୟିକ ମୁକ୍ତି ଦେଇଛି, କିନ୍ତୁ ଏକ ସ୍ଥାୟୀ ଶାନ୍ତିର ପଥ ଏବେବି କଣ୍ଟକିତ । ଗାଜାର ପୁନର୍ଗଠନ, ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ଏବଂ ଏକ ସ୍ଥାୟୀ ରାଜନୈତିକ ସମାଧାନର ସନ୍ଧାନ - ଏହି ତିନୋଟି ସ୍ତମ୍ଭ ଉପରେ ହିଁ ଏହି ଅଞ୍ଚଳର ଭବିଷ୍ୟତ ନିର୍ଭର କରେ । ଯଦି ଆନ୍ତର୍ଜାତୀୟ ସମୁଦାୟ ଏକଜୁଟ ହୋଇ ଏହି ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ପ୍ରୟାସ ନକରେ, ତେବେ ଏହି ଅସ୍ତ୍ରବିରତି କେବଳ ଆଉ ଏକ ସଂଘର୍ଷ ପୂର୍ବର ନୀରବତା ଭାବରେ ହିଁ ରହିଯିବ ।

# 'ବିପର୍ଯ୍ୟୟ ଏବଂ ଜରୁରୀକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ ସେବାରେ ପ୍ରବେଶ'



## ପ୍ରଫେସର ଡାକ୍ତର ସମ୍ରାଟ କର

ବିଶ୍ୱରେ ମାନସିକ ସମସ୍ୟା ଥିବା ଲକ୍ଷ ଲକ୍ଷ ଲୋକ ମାନବିକ ଅଧିକାରରୁ ବଞ୍ଚିତ। ସେମାନଙ୍କୁ ଅଦରକାରୀ ମନେକରି ଅପମାନିତ କରାଯାଉଛି । ଶାରୀରିକ ଓ ମାନସିକ ନିର୍ଯ୍ୟାତନା ମଧ୍ୟ ଦିଆଯାଉଛି । ମାନସିକ ରୋଗୀମାନଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଛି । ମାତ୍ର ସେହି ସେହି ଅନୁପାତରେ ମାନସିକ ରୋଗ ବିଶେଷଜ୍ଞଙ୍କ ସଂଖ୍ୟା କମ । ଆନୁଷଙ୍ଗିକ ଭିତ୍ତିଭୂମି ଓ ସୁବିଧା ସୁଯୋଗର ଅଭାବ ମାନସିକ ରୋଗୀମାନଙ୍କର ଅଧିକାର ତଥା ମର୍ଯ୍ୟାଦାକୁ ଅଧିକ ହାନୀ କରୁଛି । ପ୍ରତିବର୍ଷ ଅକ୍ଟୋବର ମାସ ୧୦ତାରିଖକୁ ବିଶ୍ୱ ମାନସିକ ଦିବସ ରୂପେ ପାଳନ କରାଯାଉଛି। ଚଳିତବର୍ଷର ସ୍ଲୋଗାନ ବା ବାର୍ତ୍ତା ରହିଛି ''ବିପର୍ଯ୍ୟୟ ଏବଂ ଜରୁରୀକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ ସେବାରେ ପ୍ରବେଶ'। (**"Access to Services - Mental Health in Catastrophes and Emergencies".**)। ଏହାର ପୂର୍ବ ସାତଦିନକୁ ବିଶ୍ୱ ମାନସିକ ସପ୍ତାହ କୁହାଯାଏ । ଏଥିପାଇଁ ସରକାର ସ୍ତରରୁ ବେସରକାରୀ ସ୍ତର ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ମଧ୍ୟରେ ମାନସିକ ରୋଗ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବାକୁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଏ । ପ୍ରାୟ ପାଞ୍ଚ ହଜାର ବର୍ଷ ତଳେ 'ମନୁସଂହିତା'ରେ ଲେଖା ହୋଇଛି ଯେ 'ମନସାଂ ଶରୀର ତତ୍ତ୍ୱଃ'। ଶରୀରକୁ ମନ ଚଳାଏ, ମନକୁ ଶରୀର ନୁହେଁ । ସାଧାରଣ ଜନସମାଜ ଏ ପର୍ଯ୍ୟନ୍ତ ମାନସିକ ରୋଗକୁ ଏକ ରୋଗ ବୋଲି ଗ୍ରହଣ କରିପାରି ନାହାନ୍ତି। ଏହା ଭୂତପ୍ରେତର ପ୍ରଭାବ ବା ଦେବଦେବୀଙ୍କ ପ୍ରଭାବ ଯୋଗୁଁ ମନୁଷ୍ୟର ମାନସିକ ବିକୃତି ଘଟୁଛି ବୋଲି ଆଜିପର୍ଯ୍ୟନ୍ତ ସମସ୍ତେ ଭାବୁଛନ୍ତି । ଅନେକ ସମୟରେ ଦେଖାଯାଏ ଯେ ପରିବାରର ଲୋକ ନିଜ ଲୋକକୁ ମାନସିକ ରୋଗଗ୍ରସ୍ତ ହୋଇଛି ବୋଲି ସମାଜରେ ଜଣାଇଦେବାକୁ ଚାହାଁନ୍ତି ନାହିଁ। ତେଣୁ ସେମାନେ ମାନସିକ ରୋଗ ଚିକିତ୍ସକମାନଙ୍କ ପାଖକୁ ନ ଯାଇ ଏଥିପାଇଁ ଗୁଣି ଗାରେଡ଼ି, ଝଡ଼ାଫୁଙ୍କା, କୁକୁଡ଼ା, ବୋଦା ବଳି ଦେଇ ଦେବଦେବୀଙ୍କୁ ଶାନ୍ତି କରିବା, ଗ୍ରହ ଶାନ୍ତି କରିବା ଓ ଭୂତପ୍ରେତର ପ୍ରାଦୁର୍ଭାବରୁ ନିଜକୁ ରକ୍ଷା କରିବା ପାଇଁ ଚେଷ୍ଟା କରନ୍ତି । ରୋଗୀକୁ ଡାକ୍ତରଙ୍କ ପାଖକୁ ଚିକିତ୍ସା ପାଇଁ ଆଣନ୍ତି ନାହିଁ, ଯାହା ଫଳରେ ରୋଗୀର ବ୍ୟକ୍ତିଗତ ଜୀବନ, ପାରିବାରିକ ଜୀବନ, ସାମାଜିକ ଜୀବନ, ଶିକ୍ଷା ଜୀବନ ଓ ଚାକିରି ଜୀବନର ବହୁମୂଲ୍ୟ ସମୟ ନଷ୍ଟ ହେଉଛି।

ପରିବାର, ପରିବେଶ, ପରିସ୍ଥିତିର ଅଚାନକ ଓ ଅପ୍ରତ୍ୟାଶିତ ପରିବର୍ତ୍ତନ ହେଲେ ମନୁଷ୍ୟ ତା'ର ମାନସିକ ଭାରସାମ୍ୟ ରକ୍ଷା କରି ପରିସ୍ଥିତି ସହ ନିଜକୁ ଖାପ ଖୁଆଇପାରେ ନାହିଁ । ତେଣୁ ସେ ମାନସିକ ଭାରସାମ୍ୟ ହରାଇଥାଏ । ନାନା କାରଣରୁ ଯେପରି ଶାରୀରିକ ରୋଗ ହୋଇଥାଏ ସେହିପରି ନାନାପ୍ରକାର କାରଣରୁ ମାନସିକ ରୋଗ ହୋଇଥାଏ । ଏହାର ଭୂତ, ପ୍ରେତ, ପୂର୍ବଜନ୍ମର ଅଭିଶାପ ସଙ୍ଗେ କୌଣସି ସମ୍ପର୍କ ନ ଥାଏ । ମସ୍ତିଷ୍କର ଲିମ୍ବିକ୍ ସିଷ୍ଟମ (**Limbic System**) ଜ୍ଞାନଶକ୍ତି, ବୁଦ୍ଧି ଓ ବିଚାର ଶକ୍ତି ପରିଚାଳିତ କରିଥାଏ । ଏହା ଏକ ନିର୍ଦ୍ଦିଷ୍ଟ ପରିମାଣର ଜୈବ ତରଳ ପଦାର୍ଥ (**Monoamines**) ନିର୍ଗତ ହେବାର କାର୍ଯ୍ୟ କରେ । ଯଦି କୌଣସି ରାସାୟନିକ ପ୍ରକ୍ରିୟା (**Biochemical reaction**) ଯୋଗୁଁ ଲିମ୍ବିକ୍ ସିଷ୍ଟମରେ ନିର୍ଗତ ହେଉଥିବା ଜୈବ ତରଳ ପଦାର୍ଥ (**Monoamines**) ସଞ୍ଚାଳନର ପରିମାଣରେ ପରିବର୍ତ୍ତନ ହୁଏ, ତାହାହେଲେ ମାନସିକ ରୋଗ ସୃଷ୍ଟି ହୋଇଥାଏ । ଏହି ରାସାୟନିକ ପ୍ରକ୍ରିୟା ବଂଶଗତ କାରଣ ଯୋଗୁଁ ହୋଇପାରେ, ସାମାଜିକ ଓ ମାନସିକ ଦୁର୍ବଳତାରୁ ହୋଇପାରେ କିମ୍ବା କୌଣସି କାରଣ ନଥାଇ ମଧ୍ୟ ହେବାର ସମ୍ଭାବନା ଅଛି । ସିଜୋଫ୍ରେନିଆ କହିଲେ ସାଧାରଣତଃ ଆମେ ମନୁଷ୍ୟର ପାଗଳାମୀ ବା ବାତୁଳତା ବୋଲି ଭାବୁ । ଏହି ରୋଗରେ ଜଣେ ସନ୍ଦେହ କରେ ଯେ ତା' ବିରୋଧରେ ସମସ୍ତେ ଲାଗିଛନ୍ତି । ଖାଦ୍ୟରେ ବିଷ ମିଶିଛି ବୋଲି ତା'ର ଧାରଣା ହୋଇଥାଏ । ସ୍ୱାମୀ ବା ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରନ୍ତି । ଏହି ପ୍ରକାର ରୋଗୀଙ୍କୁ ଔଷଧ ଦେଲେ, ସେମାନେ ପାଟି ଭିତରେ ରଖିଦିଅନ୍ତି ଓ ପରେ ଫୋପାଡ଼ି ଦିଅନ୍ତି । ତେଣୁ ଔଷଧ ଦେବା ପରେ, ସେ ଢୋକିଲା କି ନାହିଁ ତା'ର ପାଟି ଖୋଲି ଦେଖିବା ଦରକାର । ଏପରି ରୋଗୀ ଯଦି ଔଷଧ ଖାଆନ୍ତି ନାହିଁ, ତା'ହେଲେ ତାକୁ ଡାକ୍ତରଖାନାରେ ରହିବା ଦରକାର ହୋଇଥାଏ ଓ ଇଂଜେକସନ ଦେବାକୁ ପଡ଼ିଥାଏ । କେତେକ ମାନସିକ ରୋଗ ବିଶେଷଜ୍ଞ, ଖାଦ୍ୟରେ ଔଷଧ ମିଶାଇ ଖାଇବାକୁ ଦେବାକୁ ଉପଦେଶ ଦିଅନ୍ତି । ଏପରି ସ୍ଥଳରେ ପରିବାରର ଲୋକଙ୍କୁ ଅଧିକ ଦାୟିତ୍ୱବାନ ହେବାକୁ ପଡ଼ିବ । ଲୋକଟିକୁ ମାନସିକ ଅବସାଦ (**Depression**) ହୋଇଥିଲେ ତା'ର ମନ ଅତି ଖରାପ ରହେ । କିଛି କାମ କରିବାକୁ ଇଚ୍ଛା ହୁଏ ନାହିଁ । ନିଦ ଓ ଭୋକ ହୁଏ ନାହିଁ । ଆଉ କେତେଜଣ ଆତ୍ମହତ୍ୟା କରିବାକୁ ଇଚ୍ଛା କରିଥାନ୍ତି । ସେମାନଙ୍କର ମରିଯିବେ ବୋଲି ଏତେ ଦୃଢ଼ ଧାରଣା ଥାଏ ଯେ, କୌଣସି ଔଷଧ ଖାଇବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ । ତେଣୁ ଏହି ପ୍ରକାର ରୋଗୀମାନଙ୍କୁ ଉତ୍ସାହିତ କରିବାକୁ ପଡ଼ିବ। ଆଗକୁ ଭଲ ଦିନ ଆସୁଛି ଓ ଔଷଧ ନିୟମିତ ଖାଇଲେ ସେମାନେ ସଂପୂର୍ଣ୍ଣ ଭଲ ହୋଇଯିବେ ବୋଲି ଆତ୍ମବିଶ୍ୱାସ ବଢ଼ାଇବାକୁ ପଡ଼ିବ ।

ଅତି ଫୂର୍ତ୍ତି ହେବା, ବହୁତ କଥା କହିବା, ନିଜକୁ ବହୁତ ବଡ଼ ଲୋକ ବୋଲି ଭାବିବା ଓ ଗଣ୍ଡଗୋଳ କରିବା ମାନିଆ (**Mania**) ରୋଗର ଲକ୍ଷଣ । ଏମାନଙ୍କର ମିଥ୍ୟା ଆତ୍ମବିଶ୍ୱାସ ଥାଏ ଯେ, ସେମାନଙ୍କୁ କୌଣସି ରୋଗ ହୋଇ ନାହିଁ । ତେଣୁ ସେମାନଙ୍କୁ ଔଷଧ ଖାଇବାକୁ ବାଧ କରାଯାଏ ଓ କେତେକ ସ୍ଥଳରେ ଡାକ୍ତରଖାନାରେ ରହିବାକୁ କୁହାଯାଏ । ଯେଉଁମାନେ ଅତ୍ୟଧିକ ନିଶା ସେବନ କରନ୍ତି, ସେମାନେ ନିଜ ଭିତରେ ଏପରି ମଜ୍ଜି ଯାଇଥାନ୍ତି ଯେ, ନିଶା ଛାଡ଼ିବାକୁ ଆଗ୍ରହ କରନ୍ତି ନାହିଁ । ସେମାନଙ୍କୁ ପ୍ରଥମେ ମନସ୍ତାତ୍ତ୍ୱିକ ଚିକିତ୍ସା (**Psychotherapy**) ଦେବାକୁ ପଡ଼େ । ନିଶାସେବନର କ୍ଷତିକାରିତା ବିଷୟରେ ଜାଣିଲେ ସେମାନେ ଏଥିରୁ ନିବୃତ୍ତ ରହିବାକୁ ଇଚ୍ଛା ପ୍ରକାଶ କରନ୍ତି ଓ ଔଷଧ ଖାଇବାକୁ ରାଜି ହୁଅନ୍ତି । ଯେଉଁସବୁ ମାନସିକ ରୋଗରେ ଲୋକଟି ଭାବେ ଯେ ତାକୁ କୌଣସି ପ୍ରକାର ରୋଗ ହୋଇ ନାହିଁ, ସେମାନେ ଔଷଧ ଖାଇବାକୁ ରାଜି ହୁଅନ୍ତି ନାହିଁ । ତେଣୁ ସେମାନଙ୍କୁ ବୁଝାଇ ଓ କେତେଜଣଙ୍କୁ ବାଧରେ ଡାକ୍ତରଖାନାରେ ରଖି ଔଷଧ ଦିଆଯାଏ। ମାନସିକ ରୋଗ ଯେପରି ଶୂଚୀବାଇ (**OCD**), ଅହେତୁକ ଭୟ (**Phobia**), ଅଜଣା ଭୟ (**Anxiety Disorder**), ଯୌନ ସମସ୍ୟା ତଥା ନିଦ୍ରାହୀନତା ହୋଇଥିଲେ ଲୋକଟିକୁ କଷ୍ଟ ହୁଏ । ସେ ନିଜ ରୋଗ ବିଷୟରେ ଜାଣିପାରେ ଓ ଔଷଧ ଖାଇବାକୁ ଇଚ୍ଛା ପ୍ରକାଶ କରେ । ଆପଣ ଯଦି ଜାଣିପାରନ୍ତି ଯେକୌଣସି ବ୍ୟକ୍ତି ଏପ୍ରକାର ରୋଗଦ୍ୱାରା ଆକ୍ରାନ୍ତ ହୋଇଛି- ତାକୁ ସଙ୍ଗେ ସଙ୍ଗେ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନିଅନ୍ତୁ । ଚିକିତ୍ସା ପାଇଁ ତାଙ୍କୁ ବାଧ କରି ଡାକ୍ତରଙ୍କ ପାଖକୁ ନିୟମିତ ନିଅନ୍ତୁ । ଦୟାଶୀଳ ହୋଇ ରୋଗୀସହ କଥାବାର୍ତ୍ତା କରନ୍ତୁ । ତାହାର ଅନୁଭବ ଓ ସମସ୍ୟା ବିଷୟରେ ଧୈର୍ଯ୍ୟ ଧରି ଶୁଣନ୍ତୁ । ତାଙ୍କୁ ଉତ୍ସାହ ଦିଅନ୍ତୁ । ତାଙ୍କୁ ପ୍ରବୋଧ ଦିଅନ୍ତୁ ଯେ ଆଗକୁ ଭଲ ଦିନ ଆସୁଛି ଓ ହସି ହସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ତାହାଙ୍କର ଖାଦ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଯତ୍ନ ଦିଅନ୍ତୁ। ଯଦି ରୋଗୀ ଆତ୍ମହତ୍ୟା କରିବାକୁ ଇଚ୍ଛା କରୁଥାଏ ଓ ଆତ୍ମହତ୍ୟା କରିବାକୁ ଚେଷ୍ଟା କରୁଥାଏ ତା'ହେଲେ ତା'ପ୍ରତି ସଯତ୍ନ ରହି ସର୍ବଦା ଜଗି ରହନ୍ତୁ । ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ତାଙ୍କୁ ଏକୁଟିଆ ଛାଡ଼ନ୍ତୁ ନାହିଁ । ଯଦି ଏହା ସମ୍ଭବ ନ ହୁଏ ତା'ହେଲେ ତାଙ୍କୁ ଡାକ୍ତରଖାନାରେ ରଖି ଦିଅନ୍ତୁ । ମାନସିକ ରୋଗରେ ଆକ୍ରାନ୍ତ ହୋଇଥିବା ରୋଗୀମାନେ ଓ ସେମାନଙ୍କ ପରିବାର ଭାଙ୍ଗିପଡିବା ଉଚିତ ନୁହେଁ । ତେଣୁ ଠିକ ସମୟରେ ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ ।

ଦି'ବ୍ରେନ୍,
ପୁରୀଘାଟ ରୋଡ଼, କଟକ,
ମୋ:୯୧୩୨୪୩୩୩୩୩

# ଆମେ ଯୁଦ୍ଧ ନୁହେଁ, ବୁଦ୍ଧ ଚାହୁଁ





## ପ୍ରଦୀପ ସେନାପତି

ପ୍ରାଚୀନ ଭାରତର ତପୋବନ ମଧ୍ୟରୁ ମୁନୀକଣ୍ଠ ନିଃସୃତ ଅମରବାଣୀ ଯେପରି ଦିନେ ସମଗ୍ର ବିଶ୍ୱର ଚକ୍ଷୁ ଉନମିଳନ କରି ପାରିଥିଲା, ସେହିପରି ଭବିଷ୍ୟତରେ ମଧ୍ୟ ଏହାର ନିରପେକ୍ଷ ବୈଦେଶିକ ନିତୀ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନିତୀ ଓ ସର୍ବୋପରି ନିରସ୍ତ୍ରୀକରଣ ଯେ ସମଗ୍ର ବିଶ୍ୱବାସୀଙ୍କ ହୃଦୟ ଦ୍ୱାରା ଉନ୍ମୁଭ କରିଦେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଏଣୁ ପୁରାଣୀୟ ସଂସ୍କୃତିର ବାବଦୂକ ଋଷିମାନଙ୍କ ମୁଖନିଃସୃତ ବାଣୀକୁ ଆଜି ମଧ୍ୟ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଭାରତ ଉଦାର କଣ୍ଠରେ ଗାନ କରୁଅଛି। "ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟ- ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ, ମାକଶ୍ଚିତ୍ ଦୁଃଖଭାବ ଭବେତ।" "ପରୋପକାରାୟ ସ୍ୱର୍ଗାୟ" ନୀତିଟି ଜୀବ ଧର୍ମ ବୋଲି ଜ୍ଞାନ କରିବା ପ୍ରତ୍ୟେକ ସୁମଣିଷର କର୍ତ୍ତବ୍ୟ। ସେଥିରେ ଈଶ୍ୱରଙ୍କର ଆଶିର୍ବାଦ ରୂପି ଅମୃତ ବର୍ଷଣ ହେବ। ମଣିଷ ଜୀବନ ହେବ ସାର୍ଥକ। ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନୀ ଅକ୍ଷରେ ଲେଖି ଅଳ୍ପ କଥାର ଇତି କରୁଛି ନଚେତ୍ ଅଳ୍ପ କଥା ମୂଲ୍ୟବୋଧର ଅଭାବ ରହିଯିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦିଙ୍କ ସଂକ୍ଷିପ୍ତ ପରିଚୟ ସମଗ୍ର ଭାରତବର୍ଷ ସମେତ ବିଶ୍ୱବାସୀ ଭଲଭାବେ ଅବଗତ। ତାଙ୍କର ନେତୃତ୍ୱ ଓ କ୍ଷମତାର ମହତ୍ୱ, ସୁଶାସନର ଶୈଳୀ ସମ୍ବନ୍ଧରେ ବିଶ୍ୱବାସୀ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି। ଶକ୍ତି କ୍ଷେତ୍ରରେ କାର୍ଯ୍ୟକ୍ରମ, ସଫଳତାର ମୂଳରେ ପଞ୍ଚାମୃତ ଦର୍ଶନ, ସୁଶାସନର ଚମତ୍କାର ଶୈଳୀ ପ୍ରାସଙ୍ଗିକ ଅଟେ। ଜନକଲ୍ୟାଣ ଯୋଜନା ପାଇଁ ଶିକ୍ଷକମାନଙ୍କ ପ୍ରତି ବାର୍ତ୍ତା, ଜନଭାଗିଦାରୀ ପ୍ରସଙ୍ଗ, ସ୍କୁଲମାନଙ୍କର ଯେପରି କଳେବର ତଥା ନୂଆ ସୁବିଧା, ଶିକ୍ଷକ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପିଲାମାନଙ୍କର ପ୍ରଶ୍ନ ଓ ପ୍ରଧାନମନ୍ତ୍ରୀଙ୍କ ଉତ୍ତର, ଶିକ୍ଷ କୌଶଳର ବ୍ୟବହାର ବ୍ୟାପକ ସ୍ତରରେ କରିଛନ୍ତି। ସ୍ୱଚ୍ଛ ଭାରତର ଅଭିଯାନ ମୋଦିଙ୍କ ଜ୍ଞାନକୁ ଗ୍ରହଣ କରି ମହତ୍ୱ ଦିଅନ୍ତି। ତାଙ୍କର କାର୍ଯ୍ୟ ଦକ୍ଷତା, କଠିନ ପରିଶ୍ରମ କରିବା ଏକ ଅନିବାର୍ଯ୍ୟ ଯୋଗ୍ୟତା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିଚାଳନାର ମନ୍ତ୍ର ବା ମୁଖ ନିସୃତ ବାଣୀ ଆଜି ବିଶ୍ୱଗୁରୁର ଉପାଧୀ ମଣ୍ଡନ କରିବା ଆମମାନଙ୍କ ପାଇଁ ଏବଂ ସମଗ୍ର ଭାରତବାସୀଙ୍କ ପାଇଁ ନିଶ୍ଚିତ ଭାବେ ଗର୍ବ ଓ ଗୌରବର କଥା। ଏପ୍ରିଲ ୨୨, ମଙ୍ଗଳବାର, ଦିନ ୪ଘଟିକା ସମୟରେ ଜାମ୍ମୁ-କାଶ୍ମୀର, ଅନନ୍ତନାଗ ଜିଲ୍ଲାର ପେହେଲଗାଁଓ ଠାରେ ପାକିସ୍ଥାନ ପ୍ରାୟୋଜିତ କୁଖ୍ୟାତ ଆତଙ୍କବାଦୀ ମାନଙ୍କ ଦ୍ୱାରା ନରସଂହାରରେ ନେପାଳର ଜଣେ ପର୍ଯ୍ୟଟକ ସମେତ ୨୫ଜଣ ଭାରତୀୟ ପର୍ଯ୍ୟଟକଙ୍କୁ ଧର୍ମ ଆଧାରରେ ଗୁଳିକରି ହତ୍ୟା କରିଥିଲେ। ଏଥିପାଇଁ ଭାରତୀୟମାନଙ୍କ ମନରେ ଚରମ ପ୍ରତିଶୋଧ ପରାୟଣ ହୋଇ ତୁରନ୍ତ ପାକିସ୍ଥାନ ବିରୋଧରେ ଦୃଢ଼ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୋଦି ସରକାରଙ୍କ ଉପରେ ପ୍ରବଳ ଚାପ ପଡ଼ିଥିଲା। ପ୍ରଧାନମନ୍ତ୍ରୀ ମୋଦିଙ୍କର "ଆମେ ଯୁଦ୍ଧ ନୁହେଁ, ବୁଦ୍ଧ ଚାହୁଁ" ଏଭଳି ସମ୍ବେଦନଶୀଳ ଆହ୍ୱାନକୁ ବିଶ୍ୱ ସମୁଦାୟ ବୁଝିପାରିଥିବା ବେଳେ ଭୂୟଂଶୀ ପ୍ରଶଂସା କରିଥିଲେ। ମାତ୍ର ପାକିସ୍ଥାନ, ଚାଇନା, ଆମେରିକା, ତୁର୍କୀ ଏହି ବାର୍ତ୍ତାକୁ ଖାତିର କରିନଥିଲେ। ପ୍ରଧାନମନ୍ତ୍ରୀ ମୋଦି ପାକିସ୍ଥାନକୁ ସ୍ପଷ୍ଟ ଭାବରେ ଚରମ ଚେତାବନୀ ଶୁଣାଇ ଦେଇଥିଲେ। ତୁରନ୍ତ ତଥା ଦୃଢ଼ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମସ୍ତ କ୍ଷମତା ଭାରତୀୟ ସେନା ବାହିନୀକୁ ଦିଆଯାଇଥିଲା। କିଭଳି ପାକିସ୍ଥାନରେ ପଶି ଆତାଙ୍କବାଦୀମାନଙ୍କୁ ନିପାତ କରାଯିବ ଏବଂ ସେମାନଙ୍କ ଆଡ଼ାଗୁଡ଼ିକୁ ମାଟିରେ ମିଶାଇ ଧ୍ୱଂସ କରାଯିବ ତାହା ସେନାବାହିନୀର ନିଜସ୍ୱ ଚିନ୍ତାଧାରାରେ ଯୋଜନା ପ୍ରସ୍ତୁତ କରିବେ ବୋଲି ମୋଦି ନିର୍ଦ୍ଦେଶ ଦେଇଥିଲେ। ପରେ, ମେ - ୮, ୯ ଓ ୧୦ ତାରିଖରେ ଯାହା ଘଟିଗଲା ତାହା ବିଶ୍ୱ ସମୁଦାୟକୁ ଚକିତ କରିଦେଇଥିଲା। ମାତ୍ର ତିନିଦିନ ମଧ୍ୟରେ ପାକିସ୍ଥାନ ସମେତ ସମଗ୍ର ବିଶ୍ୱ ଜାଣିଲା ଭାରତର ପରାକ୍ରମ। ସାମରିକ ଶକ୍ତିର କ୍ଷମତା କେତେ ଭୟଙ୍କର ଥିଲା। ପାକିସ୍ଥାନର ନିଦ ହଜାଇ ଦେଇଥିଲେ ମୋଦି ସରକାର। ଭୟଭୀତ ହୋଇ ଆମେରିକା ସମେତ ବିଶ୍ୱ ସମୁଦାୟ ଆଗରେ ଗୁହାରି କରି ଯୁଦ୍ଧ ବନ୍ଦ କରିବା ପାଇଁ ଭାରତକୁ ବୁଝାଇବାପାଇଁ ଶରଣ ପଶିଥିଲା। ପାକିସ୍ଥାନ ସର୍ବଦା ଟିକେ ଟିକେ କଥାରେ ଭାରତ ଉପରେ ପରମାଣୁ ବୋମା ପକାଇ ଉଡ଼ାଇ ଦେବାକୁ ସସ୍ତା ଧମକପୂର୍ଣ୍ଣ ବାର୍ତ୍ତା ଦେଉଥିବାବେଳେ, ମୋଦି ସରକାର ପାକିସ୍ଥାନରେ ଥିବା ତା'ର ସେହି ପରମାଣୁ ଶକ୍ତି କେନ୍ଦ୍ରକୁ ଧ୍ୱଂସ କରିବା ପାଇଁ। "କିରାନାହିଲ୍" ଉପରେ "ବ୍ରହ୍ମୋସ୍ତ୍ର" ମିଶାଇଲ ମାଡ଼କରି ପାକିସ୍ଥାନକୁ ଛାନିଆ କରିପକାଇଥିଲେ। ମୋଦି ରୋକଠୋକ୍ ଚରମ ଚେତାବନୀ ଶୁଣାଇ ଦେଇ ଧମକପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରି କହିଥିଲେ ଯେ, ଭାରତକୁ ପରମାଣୁ ଧମକ ଦେଉଥିବା ପାକିସ୍ତାନର ବ୍ଲାକମେଲକୁ ଆଉ କସ୍ମିନକାଳେ ମୋଦି ସରକାର ବରଦାସ୍ତ କରିପାରିବେ ନାହିଁ। ଯେତେବେଳେ ଚାହିଁବ ଏବଂ ଯେଉଁ ମୁହୂର୍ତ୍ତରେ ଚାହିଁବ ପାକିସ୍ଥାନକୁ ସମ୍ପୂର୍ଣ୍ଣ ଭାବରେ ମାଟିରେ ମିଶାଇ ଦେବାପାଇଁ ସମସ୍ତ ପ୍ରସ୍ତୁତି କରି ସାରିଛନ୍ତି ମୋଦି ସରକାର। ଯାହା ପ୍ରମାଣ ସ୍ୱରୂପ ପାକିସ୍ତାନ ପାଇ ସାରିଛି। ଭାରତର ସାମରିକ ଶକ୍ତିର କ୍ଷମତା କେତେ ଭୟଙ୍କର ଏବଂ ଶକ୍ତିଶାଳୀ ଥିଲା ତାହା କେବଳ ପାକିସ୍ଥାନ ନୁହେଁ, ସମଗ୍ର ବିଶ୍ୱ ମଧ୍ୟ ଚକିତ ହୋଇଯାଇଥିଲା। ମୋଦି କହିଲେ, ଏହା ପୁରୁଣା ଭାରତ ନୁହେଁ, ଏହା ମୋଦି ଭାରତ।

ପାକିସ୍ତାନର ଆତଙ୍କବାଦୀମାନଙ୍କ ନରସଂହାରରେ ମୋଦି କେବଳ ପାକିସ୍ତାନକୁ ନୁହେଁ ବରଂ ଅନ୍ୟ ତିନୋଟି ଦେଶ ସହିତ ମଧ୍ୟ ଲଢି ଭାରତର ଦୁଃସାହାସିକ ଚମତ୍କାର ସାମରିକ ପରାକ୍ରମ ଦେଖାଇ ପାରିଛନ୍ତି। ଆମେରିକା, ଚାଇନା, ତୁର୍କୀର ଡ୍ରୋନ୍, ଯୁଦ୍ଧ ବିମାନ , ରାଡ଼ାର ସିଷ୍ଟମ, ଏୟାର ଡ଼ିଫେନେସ୍ ସିଷ୍ଟମଗୁଡ଼ିକ ସମ୍ପୂର୍ଣ୍ଣ ଧ୍ୱଂସ କରି ମୋଦି ଚେତାଇ ଦେଲେ ଯେ, ଭାରତର ସାର୍ବଭୌମତ, ଅଖଣ୍ଡତା, ସୁରକ୍ଷା ଓ ନିରାପତ୍ତା ନିମନ୍ତେ ଯେ କୌଣସି ପ୍ରକାର ପଦକ୍ଷେପ ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶୃତିବଦ୍ଧ। ଏଥିପାଇଁ କାହାର ସାହାଯ୍ୟ, ସହଯୋଗର ଆବଶ୍ୟକତା ନାହିଁ କିମ୍ବା ବିଶ୍ୱରେ ଆମକୁ କେହି ଅଟକାଇ ପାରିବେ ନାହିଁ କି ନାଲି ଆଖି ଦେଖାଇ ପାରିବେ ନାହିଁ। ନିଜସ୍ୱ ଜ୍ଞାନକୌଶଳ ନିର୍ମିତ ମୋଦିଭାରତର କ୍ଷମତା ବହୁ ଉନ୍ନତ ଏବଂ ଶକ୍ତିଶାଳୀ, ମେକ୍ଇନ୍ ଇଣ୍ଡିଆର ସ୍ୱପ୍ନ ସମ୍ପୂର୍ଣ୍ଣ ଭାବେ ସାର୍ଥକ ହୋଇପାରିଛି ବୋଲି ମୋଦିବିଶ୍ୱକୁ ଚେତାଇ ଦେଇଛନ୍ତି।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ଭାବନା ଭାବନାରେ ରହିଗଲା

### ପ୍ରତିଭା ଦାଶ

ଅଛି କେତେ ମନେ ଭାବନା
କହିବାକୁ ବେଳ ନାହିଁ
ଲେଖନୀରେ ଲେଖି ବସିଲେ
ପୃଷ୍ଠା ତ ପାଇବ ନାହିଁ ।

ଭାବନାକୁ କିଏ ଜାଣିବ
ମନରେ ଥିଲେ ସେ ଭାବ
ମନେ ମନେ ତାହା ଭାବିଲେ
ଦୁଃଖ ନିଜର ବଢିବ ।

ବଗିଚାରେ ଯେତେ କୁସୁମ
ଭଙ୍ଗିମାରେ ସେତେ ପ୍ରଶ୍ନ
ଉତ୍ତର କାହାଠୁ ପାଇବି
ଜାଣିପାରୁନି ଏ ମନ ।

କାହାକୁ ପଚାରିଲେ ସିନା
କିଏ ତ ହେଲେ କହିବ
ହୃଦୟେ ଭାଳୁଥିଲେ ସଦା
ସମାଧା କିପରି ହେବ ?

+ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଡୁମେରପାଣି
ଜିଲ୍ଲା - ନୂଆପଡ଼ା
ମୋ:-୭୮୯୪୫୨୮୪୯୩

କବିତା କୋଣାର୍କ

## ପ୍ରେମ

### ସରୋଜ କୁମାର ଦାସ



ପ୍ରେମ କେବେ ପ୍ରୀତିର ଫଗୁଣ
କେବେ କଣ୍ଟାର ଶ୍ରାବଣ
ଝରିଗଲେ ଝରଣା ସେ
ବହିଗଲେ ନଈ
ଶୁଖିଗଲେ ଜୀବନଟା
ଶୁଷ୍କ ମରୁଭୂଇଁ ।

ପ୍ରେମ କେବେ ଜହ୍ନ ରାତି
ଶୀତଳ ଜୋଛନା
କେବେ ଅମା ଅନ୍ଧକାର
ମିଳେନା ଠିକଣା
ଜୀବନର ବେଳାଭୂମି ପରେ
ପ୍ରେମ ଏକ ବାଲିଘର
କାହିଁ କେବେ ଭାଙ୍ଗି ଯାଏ
ଯାତନାର ଉଜାଣି ଢେ଼ଉରେ
କେବେ ପୁଣି ଗଢିଥାଏ
ପ୍ରୀତିର ମହଲ
ବିଶ୍ୱାସର ପାହାଡ ଶିଖରେ ।

ପ୍ରେମ ଏକ ବନ୍ଧଟିଏ
ମିଳନର ଆଦ୍ୟ ସୋପାନରେ
ଛୁଇଁବାକୁ ସୁଦୂର ଦିଗନ୍ତ
ଚାଲିଥାଏ ସାଥେ ସାଥେ
କେବେ ଦେଇ ଗୋଲାପର ଛୁଆଁ
କେବେ ପୁଣି କଣ୍ଟାର ଆଘାତ।
କେବେ ସିଏ ଜାଳିଥାଏ ହୃଦୟକୁ
ଅଶାନ୍ତ ବହ୍ନିରେ
କେବେ ମନେ ଭରିଦିଏ ଅସରନ୍ତି ଖୁସି
ପ୍ରୀତି ସରାଗରେ ।

ପ୍ରେମ ଏକ ଛବିଟିଏ ମନ ଆଇନାରେ
ଭାସି ଆସେ ଧୀରେ ଧୀରେ
ଭାବନା ଭିତରେ,
କେବେ ପୁଣି ସପନରେ ଆସି
ଆଖିରୁ ଝରାଏ ଲୁହ
ଛାତିରେ ଛାତିଏ କୋହ
କେବେ ପୁଣି ଓଠଧାରେ
ଭଙ୍ଗିମାରେ ଅମାନିଆ ଖୁସି ।

ପ୍ରେମ କେବେ ବିଷ,
କେବେ ସେ ଅମୃତ
ଗଢେ ସେ କାହାଣୀ ଭଲ ପାଇବାର
କେବେ ଖାଲି ଅବସୋସ ।
ପ୍ରେମ ଜାଳେ ଜୀବନକୁ
ଶେଷ ହେବା ଯାଏ
ଆଉ କେବେ ବସାବାନ୍ଧି ମନତଳେ
ଲୁହ ହୋଇଯାଏ ।
କାହାକୁ କନ୍ଦାଏ ପୁଣି
କାହାକୁ ସେ ହସାଏ,
କେବେ ସେ ଅବୁଝା
କେବେ ବୁଝି ହୋଇଯାଏ ।

+ବାଲିଆପାଳ

## ଚୋରାବାଲି

### ବିନୟ କୁମାର ମିଶ୍ର

ପଦଥାପିଛି ମୁଁ
ତୁମ ପ୍ରୀତିପୂର୍ଣ୍ଣା ମହୋଦଧି ଚୋରା
ବାଲିରେ,
ସଞ୍ଜ ନଇଁଗଲେ
ତୁମେ ସିନା ଆସ
ଲୁଚି ଲୁଚି ଖାଲି ରାତିରେ,
ଖୋଜିବାକୁ ପାଦ ଚିହ୍ନ,
କେତେ ଯେ ଜୁଆର ଭଟ୍ଟାରେ କେମିତି
ରହିଥିବ ଚିହ୍ନ ବର୍ଣ୍ଣ ?

ରାତି ବିତିଯାଏ
ପାଦ ଚିହ୍ନ ଖୋଜି
ସପନେ ଖୋଜୁଛ ପ୍ରୀତି,
ଝରା ଶେଫାଳୀଟା ଲାଜେ ଝରିଯାଏ
ନ ପାହୁ ମିଳନ ରାତି,
ମହକେ ସିନା ଭରୁଛି,
ସେ ମହକ ତୁମ ଦେହବାସ୍ନା ଭାବି
ପ୍ରେମକୁ ମୁଁ ସାଉଁଟୁଛି।

ସ୍ମୃତିଭରା କେତେ ଫୁଲସଞ୍ଜ ନଇଁ
ତାରାଫୁଲ ଫୁଟିଯାଏ,
ଅମେଇଶାଟାରେ
ତୁମ ମୁହଁ ରୂପ
ଜହ୍ନ ପରି ଦିଶିଯାଏ,
ସକାଳ ଯେବେ ହେଉଛି,
ଅଳସ ମନର
ଶୁଷ୍କ ଆକାଶରେ ମଳାଜହ୍ନ ଦିଶୁଅଛି।

ଯାଉଅଛି ହଜି
ମନେ ମନେ ଖାଲି ପ୍ରଣୟ ବର୍ଷାରେ
ଭିଜି,
ଦିବା ସ୍ୱପ୍ନ ଭଳି
ମିଛ ମିଛ ଲାଗେ
ବିରହରେ ହୁଏ ଭାଜି,
ସବୁ ମିଛ ମିଛ ଲାଗେ,
ତତଲା ତତଲା
ମରୁବାଲି ପରି ଜୀବନଟା
ପ୍ରୀତି ମାଗେ ।

+ମଲ୍ଲୀପୁର, ନିଆଳ,
ଖୋର୍ଦ୍ଧା



ଧ୍ୱନି ପ୍ରତିଧ୍ୱନି
ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ ଶନିବାର, ୧୧ ଅକ୍ଟୋବର ୨୦୨୫


# ଗାନ୍ଧିଜୀଙ୍କ କଥା



## ସୁନନ୍ଦା ମହାନ୍ତି

ଏବେ ପ୍ରାୟ ସବୁଦିନ ରାଜାବାବୁ ନାତି ରାଜୁକୁ ଗପ କହୁଥିଲେ। ସେଦିନ କହିଥିଲେ ପ୍ରତ୍ୟେକ ଜନ୍ମଦାତ୍ରୀ ମାଆ ଏକ ଏକ ଦୁର୍ଗା। ସେମାନଙ୍କ ଚେଷ୍ଟା, ନିଷ୍ଠା ଓ ପ୍ରଚେଷ୍ଟା ତାଙ୍କ ପୁତ୍ର କନ୍ୟାଙ୍କୁ ଜ୍ଞାନର ଆଲୋକ ଦେଖାଇଥାଏ। ଉଦାହରଣ ଦେଇ ଦେବକୀ, କୌଶାଲ୍ୟା, ସୀତା,ଦ୍ରୌପଦୀ ଆଦି ପୌରାଣିକ ଚରିତ୍ରର ମାଆମାନେ ଯେତିକି ନମସ୍ୟ ଇତିହାସରେ ଜିଜାବାଇ, ଲକ୍ଷ୍ମୀବାଇ ଇତ୍ୟାଦିଙ୍କ କଥା କହିସାରି ବିଜ୍ଞାନକୁ ନୂତନ ଆଲୋକ ଦେଇଥିବା ଅବଦୁଲ କାଲାମଙ୍କ ମାଆଙ୍କ ଉଦାହରଣ ଦେଇଥିଲା ବେଳେ ସମସ୍ତଙ୍କ ପ୍ରିୟ ବାପୁଙ୍କ ମାଆ ପୁତୁଳିବାଇଙ୍କ କଥା ଶୁଣାଇଥିଲେ ଜେଜେ ରାଜାବାବୁ। ଗାନ୍ଧିଜୀ ପିଲାଦିନେ ମାଆଙ୍କର ଗୋଟେ ବ୍ରତ ଭାଙ୍ଗିବାକୁ ଯାଇ ସନ୍ଧ୍ୟା ଆଗମନ ପୂର୍ବରୁ କୋଇଲି ପରି କୁଉ... କୁଉ ବୋବେଇ ମାଆ କେମିତି ବ୍ରତ ଭାଙ୍ଗି ଖାଇପାରିବେ ବୋଲି ଭଲ ଚିନ୍ତା କରିବା ବେଳେ ମାଆ ପୁତୁଳବାଇ ପୁଅ ଗାନ୍ଧି ମିଛର ଆଶ୍ରୟ ନେଇ କୋଇଲି ପରି ବୋବାଇବା ଜାଣିପାରି ଗାନ୍ଧିଜୀଙ୍କୁ କହିଥିଲେ କି ତୋ ମିଛ ଯୋଗୁଁ ଆଜି ମୋର ଏଡ଼େ ବଡ଼ ତପସ୍ୟାର ଫଳ ତୋ ମିଥ୍ୟା ଯୋଗୁଁ ଭାଙ୍ଗିବାକୁ ଯାଉଥିଲା କହି ଭତ୍ସନା କରିବା ଫଳରେ ସେଦିନ



ଗାନ୍ଧି ମାଆଙ୍କ ପାଦ ଛୁଇଁ ଶପଥ କରିଥିଲେ ଯେ ଆଉ ଜୀବନରେ କେବେ ବି ଦିନେ ମିଥ୍ୟାର ଆଶ୍ରୟ ନେବିନାହିଁ। ସେହି ସତ୍ୟ ଓ ଅହିଂସା ବଳରେ ଦେଶକୁ ସ୍ୱାଧୀନ କରି, ଇଂରେଜମାନଙ୍କୁ ତଡି ନିଜେ ବନିଗଲେ ମହାତ୍ମା। ସେହି ମାଆମାନଙ୍କ ଶିକ୍ଷା, ସଂଯମ, ଆଚରଣ ଓ ଉଚ୍ଚାରଣ ଭିତରେ ପୁତ୍ର କନ୍ୟା ଭବିଷ୍ୟତରେ ଭଲମଣିଷ ହୋଇ ଦେଶ ଜାତିର ଗୌରବ ବଢ଼େଇ ଥାଆନ୍ତି। ଏହା ପରେ ଜେଜେମାଆ ରୋଜା ଦେବୀ ମଧ୍ୟ ଗାନ୍ଧିଜୀ କିପରି ପିଲାଦିନେ ବାପାଙ୍କ ପକେଟରୁ ପଇସା ଚୋରି କରିଥିଲେ ମଧ୍ୟ ସତ ମାନିଯାଇ ଚୋରି କରିବା ଗୋଟେ ଖରାପ କଥା ବୋଲି ବୁଝିଯାଇଥିଲେ ଓ କେବେ ଚୋରି କରିବିନି ବୋଲି ମଧ୍ୟ ଶପଥ ନେଇଥିଲେ।

ଖାଲି କଣ ସେତିକି ! ସ୍କୁଲରେ ଯୋଉଦିନ ପରିଦର୍ଶକ ପିଲାମାନଙ୍କୁ ପାଞ୍ଚଗୋଟି ଶବ୍ଦ ଡାକି ତାକୁ ନିର୍ଭୁଲ ଭାବରେ ଲେଖିବାକୁ କହିଥିଲେ,ସାର ଲକ୍ଷ କଲେ ଗାନ୍ଧି ଯାହାଙ୍କ ପୁରା ନାମ ମୋହନ ଦାସ କରମ ଚାନ୍ଦ ଗାନ୍ଧି, ସେ କେଟିଲ ଶବ୍ଦ ଟିକୁ ଇଂରାଜି ଭାଷାରେ ଠିକ କରି ଲେଖିପାରିନଥିଲେ ତ ଗୁରୁଜୀ ଗାନ୍ଧିଙ୍କୁ ଇଶାରାରେ ଠାରି ପାଖ ପିଲାଠାରୁ ଦେଖି ଲେଖିଦେବାକୁ କହିଥିଲେ ମଧ୍ୟ ତାହା ମିଥ୍ୟା ପରି ଚୋରି ଗୋଟେ ଖରାପ କଥା ଭାବି ସାଙ୍ଗ ଖାତାରୁ କପି କରିନଥିଲେ। ତାଙ୍କର ଏହି ଗୁଣ ଦ୍ୱାରା କେବଳ ସାର, ପିତା କି ମାତା ନୁହଁନ୍ତି ବରଂ ସତ୍ୟର ସାରଥୀ ସାଜି ସେ ଦେଶମାତୃକାକୁ ସ୍ୱାଧୀନତା ଆଣିଦେଇଥିଲେ ପୁଣି ଅଂହିସା ମନ୍ତ୍ର ଓ ସତ୍ୟର ଯନ୍ତ୍ର ସାହାଯ୍ୟରେ। ରାଜୁ କହିଥିଲା ମୁଁ ବି କେବେ ମିଛ କହିବିନି। ଜେଜେ କହିଲେ ସେଇଥିପାଇଁ ସ୍କୁଲରେ ଛୋଟ ପିଲାମାନଙ୍କୁ ବା ଶିଶୁ ଓ କିଶୋରମାନଙ୍କୁ ପ୍ରତିବର୍ଷ ଗାନ୍ଧିଙ୍କ ନୀତି ଓ ଆଦର୍ଶର କଥା କହି ସେମାନଙ୍କୁ ମିଛ, ହିଂସା, ଚୋରି ଠାରୁ ଦୂରରେ ରଖିବାକୁ ଗାନ୍ଧି ଜୟନ୍ତୀ ପାଳନ କରାଯାଉଛି। ଗାନ୍ଧିଙ୍କ ଜୀବନୀ ପଢି ଆଗକୁ ବଢି ଭଲମଣିଷ ହେବାକୁ ରାଜୁ ଜେଜେ ଜେଜେମାଆଙ୍କଠାରୁ ଶୁଭକାମନା ପାଇବା ପାଇଁ ସବୁଦିନ ସକାଳୁ ପ୍ରଣାମ କରୁଥିଲା ବେଳେ ଜେଜେ କହୁଥିଲେ ପିତା ମାତା ପ୍ରଥମ ଗୁରୁ। ସେମାନଙ୍କୁ ପ୍ରଥମେ ପ୍ରଣାମ କରିବା ଉଚିତ।


+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭


# ରାତି ପାହିଲାଣି ଉଠରେ ଧନ

## ଅନନ୍ତ କୁମାର ସେନାପତି

ପୂରୁବ ଦିଗରୁ ଫରଚା ଦେଖି
କିଚିରି ମିଚିରି ହେଲେଣି ପକ୍ଷୀ
ଗହଳ ନିଦରୁ ଉଠି ସୂରୁଜ
ଧରଣୀ କୋଳରେ ଆଙ୍କି ଦେଉଛନ୍ତି
ଚିକିମିକି ଭରା ନାଲି ମୁରୁଜ ।

ସକାଳୁ ସକାଳୁ ପରଜାପତି
ଖୋଜି ଖୋଜି ମହୁ ରଖେ ସାଇତି
ଅପର ହିତରେ ଲାଗିବା ପାଇଁ
ଡେଣା ଝାଡ଼ି ଝାଡ଼ି ଉଡ଼ି ବୁଲିବାକୁ
ମାଆ କୋଳ ଛାଡ଼ି ଆସିଛି ଧାଇଁ ।

ଫୁଲ ତୋଳିବାକୁ ଗଲେଣି ଜେଜ
ରାତି ଚାରିଟାରୁ ଛାଡ଼ନ୍ତି ଶେଜ
ସଅଳ ସଅଳ କରିବେ ପୂଜା
ନାତି ନାତୁଣୀଙ୍କୁ ଖୁସି ଆଣିବାକୁ
ପାଠ ପଢ଼ା ସଙ୍ଗେ କରିବେ ମଜା ।

ବରଷାକୁ ଦେଖି କୃଷକ ଭାଇ
କୃଷି କାମ ପାଇଁ ଗଲେଣି ଧାଇଁ
ସାଥିରେ ଧରଇ କୋଡ଼ି, କୋଦାଳ
ଆସୁ ପଛେ ଯାହା ଅଭାବ, କଷଣ
ଚାଷ ପାଇଁ ସଦା ସେ ତରବର ।

ଶେଜ ଛାଡ଼ିଦେଇ ଉଠରେ ଧନ
ଭାଙ୍ଗି ଦେ ତୋର ଅଳସ ମନ
ସଅଳ ସଅଳ କାମଟି ସାରି
ଭଲ ମନ୍ଦ କଥା ଶିଖି ତୁ ପାରିବୁ
ପାଠକୁ କରିଲେ ଗଳାର ମାଳୀ ।


+ବାଥୁପଡା, ରାଜଗାଙ୍ଗପୁର,
ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫


# କଲମଟି ଆମର ସମ୍ବଳ ଭଳି



## ।। ସୁବ୍ରତ ଦାସ ।।



ଅଭି ବହୁଦିନ ହେବ ଲକ୍ଷ୍ୟ କରୁଛି, ବାପାଙ୍କ ସାର୍ଟ ପକେଟ୍‌ରେ ଥିବା କଲମଟି ଖୁବ୍ ଚିକ୍ ଚିକ୍ କରୁଛି । ଅଭି ମନରେ ପ୍ରଶ୍ନ ଉଙ୍କି ମାରିଲା, ବାପା ଏତେଦିନ ହେଲା କିପରି କଲମଟିକୁ ସାଇତି କରି ରଖିଛନ୍ତି। ବାପା ତାକୁ ଦେଇଥିବା କେତେ କଲମ କେବେଠୁଁ ହଜି ଗଲାଣି, ଆଉ କେତେକ ଭାଙ୍ଗି ଗଲାଣି। କିନ୍ତୁ, ବାପାଙ୍କର ପୁରୁଣା କଲମଟି ସେହିଭଳି ଆଜି ବି ନୂଆ ଦିଶୁଛି । ଦିନେ ସକାଳେ ଅଭି ଦେଖିଲା, ବାପା ତାଙ୍କ ପିନ୍ଧିଥିବା ଚଷମାଟିକୁ କପଡ଼ାରେ ପୋଛିବା ବେଳେ କଲମଟିକୁ ପକେଟ୍‌ରୁ କାଢି ସଫା କପଡ଼ାରେ ପୋଛି ପୁଣି ପକେଟ୍‌ରେ ରଖିଦେଲେ । ଅଭି ଏସବୁ ଦେଖି ପଚାରିଲା; ବାପା ଆପଣଙ୍କ କଲମଟି ତ ବହୁତ ଦିନ ହେଲାଣି, କିନ୍ତୁ ଏବେ ବି ଆଗ ଭଳି ନୂଆ ଦିଶୁଛି । ଏଇଟା କଣ ଦାମିକିଆ ! ବାପା ମୁରୁକି ହସି ଦେଇ କହିଲେ, ନାଁରେ ଧନ; ଏଇଟା ତ ଖୁବ୍ ପୁରୁଣା । କିନ୍ତୁ ଯତ୍ନର ସହ ସାଇତି ରଖା ଯାଇଛି ବୋଲି ନୂଆ ଭଳି ଦିଶୁଛି । କଲମଟି ଆମର ସମ୍ବଳ ଭଳି । ଆମେ ଧନକୁ ଯେମିତି ସାଇତି ରଖନ୍ତି କଲମକୁ ମଧ୍ୟ ସେମିତି ସାଇତି କରି ରଖିଲେ ଦୀର୍ଘଦିନ ଯିବ । କଲମର ଶକ୍ତି ଅମାପ। ପକେଟ୍‌ରେ କଲମ ଶୋଭା ପାଇଥାଏ। ଶିକ୍ଷିତ ଲୋକମାନେ ସବୁବେଳେ କଲମକୁ ପକେଟ୍‌ରେ ରଖିଥାନ୍ତି । ଆବଶ୍ୟକ ବେଳେ ବହୁ ଦରକାରରେ ଆସିଥାଏ । କଲମର ଦାମ୍ କମ୍ ହେଲେ ବି ଆବଶ୍ୟକ ସ୍ଥଳେ ତାର ମୂଲ୍ୟ ଅମୂଲ୍ୟ ହୋଇଥାଏ । ଅଭି, ତୁ ଯେତେବେଳେ ବଡ ହୋଇଯିବୁ ସେତେବେଳେ କଲମର ମୂଲ୍ୟ ବୁଝିପାରିବୁ। ବହୁ ପୁରାତନ ସମୟରୁ ଯେତେବେଳେ ଆଜିକା ଭଳି କଲମ ନଥିଲା, ସେତେବେଳେ ଝର କଲମ ଦ୍ୱାରା କାଳୀ ଦୁଆତ ରେ ବୁଡାଇ ଲେଖା ଯାଉଥିଲା । ଅକ୍ଷର ସୁନ୍ଦର ଗୋଲ ଗୋଲ କରି ଲେଖିଲେ ପଢିବାକୁ ସୁନ୍ଦର ଲାଗେ । ତେଣୁ ସୁନ୍ଦର କଲମ ସୁନ୍ଦର ସ୍ୱଭାବର ପରିଚୟ ଦିଏ। ଅଭି ବୁଝିପାରିଲା, ପ୍ରକୃତରେ କଲମ କେତେ ଦରକାରୀ । ସେଥିପାଇଁ ବିଦ୍ୟାଳୟର ସମସ୍ତ ଗୁରୁଜୀ ମାନେ କଳା, ନୀଳ ଓ ଲାଲ୍ ରଙ୍ଗର କଲମକୁ ପକେଟ୍‌ରେ ସୁନ୍ଦର ଭାବେ ସଜାଇ ରଖି ଥାନ୍ତି। ସୁନ୍ଦର ସୁନ୍ଦର ହସ୍ତାକ୍ଷର କରି ଲେଖିଥାନ୍ତି ଏବଂ ସବୁ ପିଲାମାନଙ୍କୁ ସୁନ୍ଦର ହସ୍ତାକ୍ଷର କରି ଲେଖିବାକୁ ଉପଦେଶ ଦେଇଥାନ୍ତି। ଯେଉଁ ପିଲାର ହସ୍ତାକ୍ଷର ସୁନ୍ଦର ସେ ପିଲା ସମସ୍ତଙ୍କର ଆଦର ହୋଇଥାଏ । ତେବେ ଅଭି ଆଉ କୌଣସି ପଦାର୍ଥ କୁ ଅସଜଡା କରି ରଖିବନି। ତାର ବହି, ଖାତା ସହ ପେନ୍ ସିଲ ଓ କଲମକୁ ସାଇତି କରି ରଖିବାକୁ ନିଷ୍ପତି ନେଲା । ବାପାଙ୍କ କଲମ ତାକୁ ନୂଆ ଶିକ୍ଷା ଦେଲା ।


+ରାଜେନ୍ଦ୍ରପୁର,
ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩


# ନଈବଢ଼ି

## ପ୍ରଦ୍ୟୁମ୍ନ ପଟ୍ଟନାୟକ





ରବି ସକାଳୁ ଉଠିବା ଆଗରୁ ତାଙ୍କ ଘର ପାଖରେ ପହଂଚି ଯାଇଥିଲା ନଈ ପାଣି । ତାଙ୍କ ଘରେ ବଢ଼ି ପାଣି ପଶି ଯାଇଥାଏ । ତା’ ବାପା, ଦାଦା, ମା’, ବୁଢୀମା’ ସବୁ ଲାଗି ଯାଇ ଥାଆନ୍ତି ଜିନିଷ ପତ୍ର ସିଡ଼ି ଘର ଉପରକୁ ଉଠାଇବାରେ । ସେଥିରୁ କିଛି ଭିଜି ବି ଯାଇଥାଏ । ବାହାରେ ଝିପି ଝିପି ବର୍ଷା ଲାଗିରହିଥାଏ । ରବିକୁ ସାତ ବର୍ଷ । ସ୍କୁଲରେ ପଢୁଥାଏ । ଦୁଇଦିନ ଆଗରୁ ଝଡ଼ି ବର୍ଷା ଯୋଗୁଁ ସ୍କୁଲ ବି ବନ୍ଦ ଥାଏ । ସେଦିନ ଗାଁରେ ନଦୀ ପାଣି ପଶି ଥିବାରୁ ସ୍କୁଲ ବନ୍ଦ ।

ଆଗରୁ ରବି ଏତେ ବର୍ଷା କିମ୍ବା ଏତେ ବଡ଼ ନଈ ବଢ଼ି ଦେଖିନଥିଲା । ତାଙ୍କ ଘର ଭିତରେ ପାଣି ପଶିବା ଦେଖି ସେ ବି ତା’ ବହି, ଖାତା, ସ୍କୁଲ ବ୍ୟାଗ, ଜୋତାକୁ ଶୁଖିଲା ଜାଗାକୁ ଉଠାଇ ନେଲା । ଆଉ କିଛି ଜିନିଷ ଉଠାଇବାରେ ଘର ଲୋକଙ୍କ ସହ ମିଶି ଗଲା।

ସେ ଝରକା ଖୋଲି ଦେଖିଲା ତାଙ୍କ ଗୁହାଳରେ ବି ପାଣି ପଶି ଯାଇଥାଏ । ପଚାରିଲା ତାଙ୍କ ଗାଇ ବାଛୁରୀ ସବୁ କୁଆଡ଼େ ଗଲେ ? ତା’ ବାପା କହିଲେ, ବଢ଼ି ପାଣି ଗୁହାଳେ ପଶିବାରୁ ତାଙ୍କୁ ଫିଟାଇ ଦିଆଗଲା। ସେମାନେ ଶୁଖିଲା ଜାଗାକୁ ଚାଲି ଯାଇଥିବେ। ପୁଣି ରବି ପଚାରିଲା, “ସେମାନେ ଖାଇବେ କ’ଣ ? ଶୋଇବେ କେଉଁଠି ?” ରବିର ବାପା କହିଲେ, ‘ଦେଖୁଛୁ ପରା ଏ ବର୍ଷା ବଢ଼ିରେ ମଣିଷଙ୍କୁ ରହିବା ପାଇଁ ଜାଗା ନାହିଁ, ଗାଇ ଗୋରୁଙ୍କ କଥା ପଚାରେ କିଏ । ସେମାନେ ଉଚ୍ଚ ଜାଗାରେ କେଉଁ ଗଛ ମୂଳରେ ରହିଥିବେ।”

ଘର ଭିତରୁ ରବି ବାହାରି ଆସି ବାରଣ୍ଡାରେ ଠିଆ ହୋଇ ଦେଖିଲା ଚାରିଆଡ଼ ପାଣି ଆଉ ପାଣି। ତାଙ୍କ ଘର ଭିତରେ ପାଣି ପଶି ଥିଲେ ବି ଉଚ୍ଚ ବାରଣ୍ଡା ଶୁଖିଲା ଥାଏ । ସେଠାରେ ଗୋଟିଏ କୁକୁର ଶୋଇଥାଏ । ପାଣି ଯୋଗୁଁ ଆଉ କୁଆଡ଼େ ଯାଇ ପାରୁ ନଥାଏ । ସିଏ ବାଡ଼ି ଧରି କୁକୁରକୁ ଗୋଡ଼ାଇବାକୁ ଯାଉଥିଲା । ବାପା କହିଲେ, “ ଥାଉ ତାକୁ ଗୋଡ଼ାନା । ଚାରିଆଡ଼ ବଢ଼ି ପାଣି, ସିଏ କୁଆଡ଼େ ଯିବ ? ତେଣୁ ଉଚ୍ଚ ପିଣ୍ଡା ଦେଖି ଆଶ୍ରା ନେଇଛି ।’

ରବି ଯାଇ ମୁହଁ ହାତ ଧୋଇ ଦାନ୍ତ ଘଷିଲା । ତାକୁ ଭୋକ ଲାଗୁଥିଲା । ମା’ ଙ୍କୁ ଖାଇବା ପାଇଁ ମାଗିଲା । ମା’ କହିଲେ, “ ଚୁଲିରେ ପାଣି ପଶି ଯାଇଥିବାରୁ ରୋଷେଇ ହୋଇ ପାରି ନାହିଁ । ପାଣି ଛାଡ଼ିବା ଯାଏ ଆମକୁ ଚୁଡ଼ା ମୁଢ଼ି ଆଦି ଶୁଖିଲା ଖାଦ୍ୟ ଖାଇ ରହିବାକୁ ପଡ଼ିବ ।” ରବିର ମା’ ରବିକୁ ଗୋଟିଏ ତାଟିଆରେ କିଛି ମୁଢ଼ି ଏବଂ ବିସ୍କୁଟ ଖାଇବାକୁ ଦେଲେ । ରବିର ମନେ ପଡ଼ିଗଲା ବାରଣ୍ଡାରେ ଶୋଇଥିବା କୁକୁର କଥା । ସେ ମା’ଙ୍କୁ କହିଲା, ‘ଆଉ ଦୁଇ ଖଣ୍ଡ ବିସ୍କୁଟ ଦିଅ ମୁଁ ବାରଣ୍ଡାରେ ଶୋଇଥିବା କୁକୁରକୁ ଦେଇ ଆସେ । ସେ ବି ଭୋକିଲା ହୋଇଥିବ ।’

ରବି ମୁଣ୍ଡ ଆଉଁଶି ଦେଇ ମା’ କହିଲେ, ‘ହଁ ନେ ଏଇ ଦୁଇ ଖଣ୍ଡ ବିସ୍କୁଟ କୁକୁରକୁ ଦେଇଦେବୁ । ଏପରି ବିପତ୍ତି ବେଳେ ମଣିଷ ହୁଅନ୍ତୁ କି ପଶୁ ସବୁ ପରସ୍ପରକୁ ସାହାଯ୍ୟ କରିବା କଥା ।’ କୁକୁର ବିସ୍କୁଟ ପାଇବା ମାତ୍ରେ ଚଟାପଟ୍ ଖାଇ ଦେଇ ସେହି ପିଣ୍ଡାରେ ବସିଥାଏ।

କିଛି ସମୟ ପରେ ରବି ଦେଖିଲା ତାଙ୍କ ଘର ଆଡ଼କୁ ଗୋଟିଏ ସାପ ପାଣିରେ ପହଁରି ଆସୁଥାଏ । ସେ ଘର ପାଖରେ ପହଂଚିବା ଆଗରୁ କୁକୁର ତାକୁ ଦେଖି ନେଲା । ଜୋରରେ ଭୁକିବାକୁ ଲାଗିଲା । କୁକୁରକୁ ଦେଖି ସାପ ଆଉ ଘର ଆଡ଼କୁ ନଆସି ବାଡ଼ି ଆଡ଼କୁ ଚାଲି ଗଲା । ରବି ଏସବୁ ଦେଖି ଭାବିଲା କୁକୁର ବି ସାପ କୁ ଘଉଡ଼ାଇ ଦେଇ ତାଙ୍କର ଉପକାର କଲା । ବିସ୍କୁଟ ଦୁଇ ଖଣ୍ଡର ଋଣ ଶୁଝାଇ ଦେଲା । ରବି ଯେତେବେଳେ ଯାହା ଖାଉଥାଏ ସେଥିରୁ କିଛି କୁକୁରକୁ ଦେଉଥାଏ । ବଢ଼ି ଛାଡ଼ିବା ପରେ ସେ କୁକୁର ରବି ଘର ପିଣ୍ଡାରୁ ଚାଲିଗଲା ।


+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬


# ପେନସିଲ ରବର

## କୀର୍ତ୍ତନ ସାହୁ

ଦିଅ ମୋତେ ଦିଅ ପେନସିଲ ରବର
ଗାରେଇବି ଏଣୁତେଣୁ
ଗାରଉ ଗାରଉ ଛବି ଆଙ୍କି ଦେବି
ଶିଖି ଯିବି ଧୀରେ ଯେଣୁ ।

ଫୁଲ ଫଳ ପୁଣି ପଶୁ ପକ୍ଷୀ ଚିତ୍ର
ଧୀରେ ଧୀରେ ଶିଖି କରି
ସକାଳର ଛବି ଛୋଟି ଚିତ୍ର ଆଦି
ଆଙ୍କିବି ମୁଁ ମନ ଭରି ।

ପେନସିଲରେ ପୁଣି ଅକ୍ଷର ଲେଖିବି
ଅ ’ ଆ ’ କ ଖ ପରା
ଏ ବି ସି ଡି ଆଦି ଲେଖି ଶିଖିବି ମୁଁ
ହେଉ ବର୍ଷା ଶୀତ ଖରା ।

ଏଇମିତି କେତେ କଥା ମୁଁ ଲେଖିବି
ଶିଖି ଶିଖି ନୂଆ ପାଠ
ବଡ ହୋଇ ଦିନେ ଜ୍ଞାନ ବଢାଇବି
ଲେଖି ଶିଖି ପାଠ ଶାଠ ।

ଯେଉଁଠାରେ କିଛି ଭୁଲ ହୋଇବ
ରବରରେ ଲିଭାଇବି
ସଂଶୋଧନ କରି ପୁଣି ଲେଖି ଦେବି
ଠିକ କଥା ଜଣାଇବି ।


+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧




# ଟିକି ଶିଶୁଟିଏ

## ମମତା ବଗର୍ତ୍ତୀ

ଟିକି ଶିଶୁଟିଏ ସତେ ଯେ
ଗୋଟେ ମାଟି ମୁଣ୍ଡା ପରି,
ଯେମିତି ଆମେ ତାହାକୁ ଗଢିବା
ସେ ବଢିବ ସେଇ ପରି ।

ଟିକି ଶିଶୁ ଟି ସଭିଙ୍କର
ଅତି ପ୍ରିୟ, ଗେଲବସର
ବାପା ମାଁଙ୍କ ପାଇଁ ସେ
ନିଜ ଜୀବନଠୁ ବି ନିଜର ।

ଆଜିର ଟିକି ଶିଶୁଟି ଆମର
କାଲିର ଆଗାମୀ ଭବିଷ୍ୟତ,
ବାପା ମାଁଙ୍କ ଆଶା ଓ ଇଚ୍ଛା
ପୂରଣ କରିବ ସେ ସମସ୍ତ ।

ମାଁ ବାପା କରିଥାନ୍ତି ଲାଳନ ପାଳନ
ଗୋଟିଏ କରି ଦିନ ଓ ରାତି,
ଶିଶୁଟି ତାଙ୍କର ବଡ ହୋଇ
ସାଜିବ ସୁଖ ଦୁଃଖର ସାଥୀ ।


+ରାଣୀକଟା,ବଲାଙ୍ଗୀର


# ସେ ଆମ ଧରିତ୍ରୀ ମାଆ

## ନୀଳମଣି ଚାନ୍ଦ

ସୁଜଳା ସୁଫଳା ସେ ଧରିତ୍ରୀ ମାଆ
ତା ସମ ନୁହଁଇ କିଏ
ସହିଛି ଆମର ଅଳି ଅରଦଳି
ସର୍ବଂସହା ହୋଇ ସିଏ।

ତା ଉପରେ ଚାଲୁ ତା ଉପରେ ବୁଲୁ
ତା ଉପରେ ଆମ ଘର
ତା ଗରଭେ ଧାତୁ ଦରବ ଖଣିରେ
ରହିଛି ଜଳର ସ୍ତର।

କ୍ଷେତ ଗିରି ବନ ସରିତ ସାଗର
ନେଇ ମା’ ଗରବ କରେ
କୋଟିକୋଟି ଜୀବ ଆଶ୍ରୟସ୍ଥଳୀ ସେ
ଭାବିଛ କି କୁହ ଥରେ ।

ଗ୍ରୀଷ୍ମ ଋତୁ ରୈ ।ଦ୍ର,ପ୍ରାବୃଟର ବର୍ଷା
ଶୀତର ଜାଡ଼କୁ ସହେ
ମାଆର ସହିବା ଶକତି ଦେଖିରେ
ଚକିତ ହୋଇ ମୁଁ ରହେ ।

ଜନମ ଲଭିଛି ରହିବି ମୁହିଁରେ
ଶେଷ ଯାଏ ତାର କୋଳେ
ସବୁ ମାଆ ଠାରୁ ବଡ ମା’ ଧରିତ୍ରୀ
ତା ଧୂଳି ମଥାରେ ବୋଳେ।


+ ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର ,
ମୋ :୯୫୮୩୨୦୨୩୫୭


# ଶିକ୍ଷାକୁ ଜୀବନ ବ୍ରତ

## ସତ୍ୟନାରାୟଣ ପ୍ରଧାନ

ଶିକ୍ଷାର ପ୍ରସାର କରିବା ନିମନ୍ତେ
ଅଣ୍ଟା ଭିଡ଼ିଲେଣି ସରକାର
ଡିଜିଟାଲ ଯୁଗ ଆସିଲାରେ ଭାଇ
ଭଲ କାମ କଲେ ପୁରସ୍କାର ।

ଟ୍ରେନିଙ୍ଗ ସାଙ୍ଗକୁ ସ୍ମାର୍ଟ କ୍ଲାସ ରୁମ
କାର୍ଯ୍ୟ ପୁସ୍ତିକାର ବହି
ଏଫ ଏଲ ଏନ ଠାରୁ ଶିଶୁବାଟିକା
ଛାତ୍ର ମନ ନିଏ ମୋହି ।

ବଢ଼ି ଯାଇଅଛି ଅଧିକ ଦାୟିତ୍ୱ
ନ ଭାବୁ ଏ ମନ ବୋଝ
ଶିକ୍ଷକ ଅଟଇ ଶିକ୍ଷାର ମାଧ୍ୟମ
ରଖିବା ତାହାର ଲାଜ ।

ଆସୁ ପଛେ ଦୁଃଖ ସବୁ ଯିବା ସହି
କର୍ତ୍ତବ୍ୟ ନ ହେଉ ହେଳା
କୋମଳ ଶିଶୁ ଯେ ଦେଶର ଭବିଷ୍ୟ
ନ ହେଲେ ବୁଡିବ ଭେଳା ।

ନ ମାପିବା କେବେ ଶିକ୍ଷାକୁ ଟଙ୍କାରେ
ଭାବିବା ଜୀବନ ବ୍ରତ
ସକଳ ସୃଷ୍ଟିର ଆଧାର ଈଶ୍ୱର
ଥାଉ ସେ କରୁଣା ହାତ ।


+ଅଣ୍ଟିଆ, ଜେନାପୁର, ଯାଜପୁର
ପିନ- ୭୫୫୦୨୩
ମୋ - ୯୧୭୮୩୧୩୬୪୪

# ମାଳଦାରେ ବୈତରଣୀ ମହୋତ୍ସବ ଉଦ୍‌ଘାଟିତ

ଭଦ୍ରକ, ୧୦/୧୦ (ନି.ପ୍ର): ବର୍ଷା ଓ ପ୍ରତିକୂଳ ପାଗ ସତ୍ୱେ ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଆୟୋଜିତ ହୋଇଥିବା ବାର୍ଷିକ ଗଜଲକ୍ଷ୍ମୀ ପୂଜା ମଂଚରେ ଆଜି ବୈତରଣୀ ମହୋତ୍ସବ ଉଦଘାଟିତ ହୋଇଯାଇଛି । ରାଜ୍ୟ ମହୋତ୍ସ୍ୱ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରି ଏହା ଧର୍ମ ସଂସ୍କୃତିର ମିଳନ ବୋଲି କହିଥିଲେ । ସଂପ୍ରତି ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସମସ୍ତେ ଗତି କରୁଥିବା ବେଳେ ନିରନ୍ତର ସଂଘର୍ଷ କଲେ ସଫଳତା ମିଳିବ ବୋଲି ଏହି ଅବସରରେ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବେ ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା, ଅଧ୍ୟାପକ ଅଶୋକ ପଣ୍ଡା, କବିୟତ୍ରୀ ମମତା ବଳ, ସାମ୍ବାଦିକ ପ୍ରଦୀପ ବଳ, ବରିଷ୍ଠ ନାଗରିକ ନୃସିଂହ ଚରଣ ଖିଲାର, ଯୁବନେତା ପ୍ରତ୍ୟୁଷ ସାମଲ, ଭାଗିରଥି ପରିଡା ପ୍ରମୁଖ ଯୋଗଦେଇ ଗଜଲକ୍ଷ୍ମୀ ପୂଜା ଓ ମହୋତ୍ସବ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ । କମିଟି ପକ୍ଷରୁ ଚିତ୍ରଶିଳ୍ପୀ କ୍ଷୀରୋଦ ଦାସ, କଣ୍ଠଶିଳ୍ପୀ ଭାସ୍କର ଦାସ, ଡାକ୍ତରୀ ଛାତ୍ରି ସୁନିତା ରାଜେଶ୍ୱରୀ ପଣ୍ଡା, ଶିକ୍ଷକ ମନୋଜ ସାମଲ, ବ୍ୟବସାୟୀ ନିରଞ୍ଜନ ବେହୁରିଆ, ଯୁବ ସଂଗଠକ ଶିବା ନାୟକଙ୍କୁ ମୁଖ୍ୟ ଅତିଥି ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ମାଲକାନଗିରିରେ ବହୁମୁଖୀ ସ୍ୱଧାର ଗୃହକାମ ନସାରି କମ୍ପାନୀ ପ୍ରାୟ ୯୦% ଟଙ୍କା ଉଠାଇ ନେଇଥିବା ଅଭିଯୋଗ

ମାଲକାନଗିରି , ୧୦/୧୦ (ନି.ପ୍ର): ଖୋଲୁଛି ବ୍ରିଜ ଆଣ୍ଡ ରୁଫ କମ୍ପାନି ଗୁମର । ମାଲକାନଗିରିରେ ବହୁମୁଖୀ ସ୍ୱଧାର ଗୃହ ବା ଆଇଆଇସି ବିଲ୍‌ଡିଂ ନିର୍ମାଣ ଦାୟିତ୍ୱ ନେଇଥିବା କମ୍ପାନି କାମ ନସାରି ପ୍ରାୟ ୯୦% ଟଙ୍କା ଉଠାଇ ନେଇଥିବା ଜଣାପଡ଼ିଛି । ମାଲକାନଗିରିର ସ୍ୱଧାର ଗୃହ ଟଙ୍କା ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡ ନିର୍ମାଣରେ ଲଗାଇ ଥିବା ଚାଂଚଲ୍ୟକର ତଥ୍ୟ ଏବେ ସାମନାକୁ ଆସୁଛି ।ତେବେ ପ୍ରଶ୍ନ ଉଠୁଛି ଏହି ବ୍ରିଜ ଆଣ୍ଡ ରୁଫ୍ କମ୍ପାନିକୁ ଅନୁକମ୍ପା ଦେଖାଉଥିଲା କିଏ ? ପାଣିରେ ବୁଡ଼ି ରହିଥିବା ଅଧପନ୍ତରିଆ କୋଠା । ଅଙ୍କାବଙ୍କା କଂକ୍ରିଟ୍ ପିଲର, ଚଟାଣ ଉପରେ ଗଛ ଉଠିଲାଣି, ଛାତରୁ ପାଣି ଗଳୁଛି । ମାଲକାନଗିରି ସହରରୁ ପ୍ରାୟ ୧୫କିମି ଦୂର କୋରୁକୋଣ୍ଡା ରାସ୍ତାକଡରେ ୨୫ ଏକର ଜମିରେ ରହିଛି ବହୁମୁଖୀ ସ୍ୱଧାର ଗୃହ ବା ଆଇଆଇସି ବିଲ୍‌ଡିଂ । ଅସହାୟ ମହିଳା, ପୁରୁଷ, ବୃଦ୍ଧବୃଦ୍ଧା, ଅନାଥ ପିଲା ଗୋଟିଏ କ୍ୟାମ୍ପସରେ ରହିବେ । ସେଥିପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୨୦୧୭ରେ ପ୍ରାୟ ୩୬ କୋଟି ବ୍ୟୟ ଅଟକଳରେ କୋଠା ନିର୍ମାଣ ଦାୟିତ୍ୱ ନେଇଥିଲା ବ୍ରିଜ ଆଣ୍ଡ ରୁଫ ଇଣ୍ଡିଆ କମ୍ପାନି । ଅଧପନ୍ତରିଆ କାମ କରି ଠିକା ସଂସ୍ଥା ୩୩ କୋଟି ଟଙ୍କା ଉଠାଇ ନେଇଛି । ସବୁ ଟଙ୍କା ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଲଗାଇଥିବା ତଥ୍ୟ ସାମନାକୁ ଆସିଛି । ଏହି କମ୍ପାନି ସହ ପୂର୍ବ ସରକାରଙ୍କ ସମୟରେ ସଚିବ ସ୍ତରରେ ଅଧିକାରୀଙ୍କ ସମ୍ପୃକ୍ତ ଥିବା ଅଭିଯୋଗରେ ତମ୍ବିତୋଫାନ ହୋଇଥିଲା । ବର୍ତ୍ତମାନ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଦେଖି, ତରବର ହୋଇ ପୁଣି କାମ କରୁଛି ।

## ଚୋରା ମଦ ସହିତ କାର୍ ଜବତ : ୨ ଗିରଫ

ଚମ୍ପୁଆ, ୧୦/୧୦ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ଚିମିଳା ଗ୍ରାମରେ ଚୋରା ମଦ ବିକ୍ରି କରୁଥିବାବେଳେ ଗ୍ରାମବାସୀ ଚୋରା ମଦ ବିକ୍ରିରେ ବ୍ୟବହୃତ ଗାଡ଼ି ଓ ମଦ ଜବତ କରିବା ସହ ଦୁଇ ମଦ ବେପାରୀଙ୍କୁ ଚମ୍ପୁଆ ପୁଲିସର ଜିମା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ ଗତକାଲି ତଡୁଆବାହାଳ ଗ୍ରାମର ଦୁଇଜଣ ସ୍ୱାମୀ ସ୍ତ୍ରୀ ଚୋରା ମଦ ବେପାରୀ ଚିମିଳା ଗ୍ରାମର ଜଣେ ମଦ ବେପାରୀଙ୍କୁ ମଦ ଯୋଗାଇବାକୁ ଏକ କାର୍(ଗାଡି ନଂ. ଓଡି୦୯ଏଇ୦୯୦୭)ରେ ଚିମିଳା ଗ୍ରାମକୁ ଆସିଥିବାବେଳେ ଗ୍ରାମବାସୀ ସେମାନଙ୍କୁ ଅଟକ ରଖି ଚମ୍ପୁଆ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ଚମ୍ପୁଆ ପୁଲିସ ଚିମିଳା ଗ୍ରାମରେ ପହଂଚି ଘଟଣାସ୍ଥଳରୁ ଏକ କାର୍ ଓ ୬୦ ଲିଟର ଚୋରା ମହୁଲି ମଦ ଜବତ କରିବା ସହ ଚୋରା ମଦ ବେପାରୀ ତଡୁଆବାହାଳ ଗ୍ରାମର ସୁଶାନ୍ତ ମାଝୀ ଓ ପାୟା ମାଝୀ ସହ ଚିମିଳା ଗ୍ରାମର ଚାନ୍ଦମଣି ଓରାମକୁ ଗିରଫ କରିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଏହି ଦୁଇଜଣ ଚୋରା ମଦ ବେପାରୀ ଚାନ୍ଦମଣି ଓରାମଙ୍କୁ ଚୋରା ମହୁଲି ମଦ ଯୋଗାଇ ଆସୁଥିଲେ । ଯାହାଫଳରେ ଚିମିଳା ଗ୍ରାମରେ ଚୋରା ମଦ ବିକ୍ରି ବୃଦ୍ଧି ପାଇବା ସହ ଗ୍ରାମର ବାତାବରଣ କଳୁଷିତ ହେଉଥିଲା । ଆଜି ବହୁ ସଂଖ୍ୟାରେ ଚିମିଳା ଗ୍ରାମବାସୀ ଚମ୍ପୁଆ ଥାନାକୁ ଆସି ଚୋରାମଦ ବିକ୍ରୟକାରୀଙ୍କ ବିରୁଦ୍ଧରେ ଅଭିଯୋଗ କରିବା ସହ ଗ୍ରାମରେ ମଦ ବିକ୍ରୀ ବନ୍ଦ କରିବାକୁ ଚମ୍ପୁଆ ଥାନାଧିକାରୀଙ୍କ ନିକଟରେ ଦାବି କରିଛନ୍ତି ।

# ସମ୍ବଲପୁରର ବିକାଶମୂଳକ କାର୍ଯ୍ୟକ୍ରମ ଓ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ସମ୍ବଲପୁର, ୧୦/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ପରିସରରେ ଜିଲ୍ଲା ପ୍ରଶାସନ ଦ୍ୱାରା ଦାରିଦ୍ର୍ୟ ଦୂରୀକରଣ ଯୋଜନା ଏବଂ ସମ୍ବଲପୁରର ବିକାଶମୂଳକ କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ନେଇ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ, ଜିଲ୍ଲା ଉନ୍ନୟନ ଅଧିକାରୀ (ସିଡ଼ିଓ-କମ-ଇଓ) ପ୍ରସନ୍ନ କୁମାର ପାତ୍ରଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଂଟର ବିଭାଗୀୟ ଅଧିକାରୀ, ଜିଲ୍ଲାର ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମହାତ୍ମାଗାନ୍ଧୀ ନାସନାଲ ରୁରାଲ ଏମ୍ପ୍ଲୋୟମେଂଟ ଗ୍ୟାରେଂଟି ସ୍କିମ)ର କାର୍ଯ୍ୟକାରିତା, ସ୍ୱଚ୍ଛ ଭାରତ ମିଶନ ଓ ପାନୀୟ ଜଳ ଯୋଗାଣର କାର୍ଯ୍ୟକାରିତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗ୍ରାମୀଣ ଓ ମୋ' ଘର ଯୋଜନା ଅଧୀନରେ ଗୃହ ନିର୍ମାଣ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, ଜିଲ୍ଲାରେ ଅଣ ବ୍ୟାଙ୍କ ପଂଚାୟତ ସମସ୍ୟା ସମାଧାନ ପାଇଁ ବ୍ୟାଙ୍କିଂ ସୁବିଧା ପ୍ରଦାନର ପଦକ୍ଷେପ, ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ, ଗ୍ରାମ୍ୟ ସଡକ, ସରକାରୀ କାର୍ଯ୍ୟାଳୟ ଓ ସାଧାରଣ ପ୍ରାଥମିକ ସଂସ୍ଥାଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣା ରାଜ୍ୟ ଆର୍ଥିକ ନିଗମ, ଇ ଗ୍ରାମ୍ୟ ସ୍ୱରାଜ ପୋର୍ଟାଲରେ ତଥ୍ୟ ଅପଲୋଡ୍, ଲୋକଙ୍କୁ ସ୍ୱଚ୍ଛ ତଥ୍ୟ ପ୍ରଦାନ ଓ ଯୋଜନାର ପ୍ରଗତି,ଭିଏସ୍‌ଏସ ବିଲଡିଂର ପରିଚାଳନା, ଜନସାଧାରଣଙ୍କ ଅଭିଯୋଗ ନିବାରଣକୁ ପ୍ରାଥମିକତା ଦେବା, ଓଡିଶା ଜୀବିକା ମିଶନରେ କିପରି ସମସ୍ତ ଗରିବ ପରିବାରଙ୍କ ନିକଟରେ ପହଂଚିବା ସହ ସେମାନଙ୍କୁ ନିରନ୍ତର ଜୀବିକା ଯୋଗାଇ ଦେବା ଓ ଦାରିଦ୍ର୍ୟରୁ ବାହାରିବା ପର୍ଯ୍ୟନ୍ତ ଭଲ ଜୀବନଯାପନ କରିବା ପର୍ଯ୍ୟନ୍ତ ସେମାନଙ୍କୁ ପ୍ରତିପୋଷଣ କରିବା, ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି ଯୋଜନା ଅଧୀନରେ ବିଭିନ୍ନ ପ୍ରକଳ୍ପ ଏବଂ ପଦକ୍ଷେପ ମାଧ୍ୟମରେ ଓଡିଶାର ଗ୍ରାମୀଣ ଉତ୍ପାଦକମାନଙ୍କୁ ନିରନ୍ତର ଜୀବିକା ନିର୍ବାହ ଯୋଗାଇ ଦେଇ ଦାରିଦ୍ର୍ୟ ଦୂରୀକରଣ, ଜୀବିକା ନିର୍ବାହ, ମହିଳା ସଶକ୍ତିକରଣ, ଦକ୍ଷତା ବୃଦ୍ଧି ଏବଂ ଗ୍ରାମୀଣ ସମ୍ପ୍ରଦାୟର ସାମଗ୍ରିକ ସାମାଜିକ-ଆର୍ଥିକ ବିକାଶ ରେ ଉନ୍ନତି କିପରି କରି ହେବ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା ।

# ଝୁମ୍ପୁରା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

କେନ୍ଦୁଝର, ୧୦/୧୦ (ନି.ପ୍ର): ବିଜେଡିର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଗୁରୁବାର ଠାରୁ ଆରମ୍ଭ ହୋଇଛି ବିଜେଡିର ଜନସମ୍ପର୍କ ପଦଯାତ୍ରା । ଏହି ପଦଯାତ୍ରା ଆସନ୍ତା ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଥିବା ବେଳେ, ବିଜେପି ନେତୃତ୍ୱାଧିନ ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାରୀନିର୍ଯ୍ୟାତନା ବୃଦ୍ଧି ଓ ବିଫଳତାକୁ ଜନସାଧାରଣ ନିକଟରେ ପହଂଚାଇବା ପାଇଁ ପ୍ରୟାସ କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି । ଏହି କ୍ରମରେ ଝୁମ୍ପୁରା ବ୍ଲକ ବିଜେଡି ପକ୍ଷରୁ ଗୁରୁବାର ନହବେଡା ଠାରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଝୁମ୍ପୁରା ବ୍ଲକ ବିଜେଡି ସଭାପତି ଡମ୍ବରୁଧର ଦାସଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୁଟୁଗାଁ, ଖେଣ୍ଡରା ଏବଂ ନହବେଡା ଗ୍ରାମପଂଚାୟତର ବିଜେଡି କର୍ମୀ ଓ ଛାମୁଆଁ ନେତା ସାମିଲ ହୋଇଥିଲେ ।

କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମେ ଉତ୍କଳମଣି ଗୋପବନ୍ଧୁ ଏବଂ ବିଜୁ ପଟ୍ଟନାୟକଙ୍କ ଫଟୋରେ ପୁଷ୍ପମାଲ୍ୟ ଏବଂ ଧୂପ ପ୍ରଜ୍ୱଳନ କରାଯାଇଥିଲା । ଏହା ପରେ ଗୁମୁରା ସମିତି ସଭ୍ୟ ସ୍ୱର୍ଗତ ଉଦୟ ପାତ୍ରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, ଜିଲ୍ଲା ବିଜେଡି ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ନହବେଡା ସମିତି ସଭ୍ୟ ବସନ୍ତି ପ୍ରଧାନ, ମହିଳାନେତ୍ରୀ ତୁଳସୀ ମହାନ୍ତ, ନହବେଡା ପଂଚାୟତ ସଭାପତି ବିଶୁ ନାଏକ, ଖେଣ୍ଡରା ପଂଚାୟତ ସଭାପତି ଖଗେଶ୍ୱର ମହାନ୍ତ, ଝୁମ୍ପୁରା ପଂଚାୟତ ସଭାପତି ଭୋଲାନାଥ ନାଏକ, ବ୍ଲକ ଛାତ୍ର ସଭାପତି ଭାଗିରଥି ପ୍ରଧାନ, ରଞ୍ଜନ ବେହେରା, ଲାଲା ବାରିକ, କାଳେନ୍ଦୀ ମହାନ୍ତି, ପବନା ମହାନ୍ତ, ଟୁନା ଭଞ୍ଜ, ପ୍ରଶାନ୍ତ ମହାକୁଡ଼, ସରଜ ବାରିକ, ବସନ୍ତ ମହାନ୍ତ, ଯତୀନ ମୁଣ୍ଡା ପ୍ରମୁଖ ଉପସ୍ଥିତ ରହି କର୍ମୀମାନଙ୍କ ସହିତ ତୃଣମୂଳ ସ୍ତରରେ ସଂଗଠନକୁ ଅଧିକରୁ ଅଧିକ ମଜବୁତ କରିବା ନେଇ ସବିଶେଷ ଆଲୋଚନା କରିଥିଲେ । ବିଜେଡି କର୍ମୀ ଓ ନେତାମାନେ ଜନସାଧାରଣଙ୍କ ପାଖକୁ ଯାଇ ସେମାନଙ୍କ ସୁଖଦୁଃଖରେ ସାମିଲ ହେବା ସହିତ ସେମାନଙ୍କ ସମସ୍ୟା ସମାଧାନ କରାଯିବ ବୋଲି ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର ମତବ୍ୟକ୍ତ କରିଥିଲେ ।

# କାଲିମେଲା ବନାଞ୍ଚଳରେ ୭୧ ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ

ମାଲକାନଗିରି, ୦୯/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ବନାଞ୍ଚଳ ସଭାଗୃହ ଠାରେ ୭୧ ତମ ବନ୍ୟପ୍ରାଣୀ ସପ୍ତାହ ଗତକାଲି ପାଳିତ ହୋଇଯାଇଛି । ଏହି ଅବସର ରେ ବନ୍ୟଜନ୍ତ ତଥା କଇଁଛ ଓ ସାପ ଭଳି ପ୍ରାଣୀଙ୍କ ସୁରକ୍ଷା ବିଷୟରେ ଆଲୋଚନା ହେବା ସହ ସହ ସେମାନଙ୍କ ସୁରକ୍ଷା ଓ ଅବାଧ ଶିକାରକୁ ନେଇ ଆଲଚନା ହୋଇଥିଲା । ବଣ ନିକଟରେ ରହୁଥି ବା ଗ୍ରାମ ଗୁଡିକରେ ବର୍ଷା ସମୟରେ ବିଭିନ୍ନ ସରୀସୃପ ଦେଖା ଦେବା ସହ ଆକ୍ରମଣ କରୁଥିବା ନଜିର ରହିଛି । ବିଶେଷ କରି ଭାରତରେ ୨୭୬ ପ୍ରକାରର ସାପ ଦେଖାଯାଉଥି ବା ବେଳେ ଓଡ଼ିଶାରେ ମାତ୍ର ୮୦ପ୍ରକାର ରହିଛନ୍ତି ! ମାଲକାନ ଗିରି ଜିଲ୍ଲାର ପଡିଆ ଓ କାଲି ମେଲା ଅଞ୍ଚଳରେ ସର୍ପଘାତ ଅଧିକା ରହିଛି ! ଏହି ଅଞ୍ଚଳରେ ବ୍ୟାପକ ସଚତନତାର ଆବଶ୍ୟକ ଏହାର ପ୍ରତିକାର ବାବଦରେ ଆଲୋଚନା କରାଯାଇଥିଲା ଓ ପାରମ୍ପରିକ ଚିକିତ୍ସା ଯଥା ଚେରମୂଳି ପ୍ରୟୋଗ, ବିଷକୁ ମୁହଁ ଲଗାଇ ବାହାର ବାହାର କରିବା, ଗୁଣିଗାରେଡିର ପ୍ରୟୋଗ କରିବା, ପ୍ରଭାବିତ ସ୍ଥାନକୁ କୌଣସି ଧାରୁଆ ଅସ୍ତ୍ରରେ କାଟିବା ଭଳି କାର୍ଯ୍ୟ ନକରିବାକୁ ପରାମର୍ଶ ଦିଆଯାଇଥିଲା । ସେହିଭଳି କଇଁଛକୁ ସାଧାରଣ ଲୋକେ ଖାଦ୍ୟ ଭାବେ ଗ୍ରହଣ କରିଥିବାରୁ ଏ ବାବଦରେ ସଚେତନାର ଆବଶ୍ୟକ ରହିଛି ବୋଲି ଅଧିକାରୀ ମାନେ ପ୍ରକାଶ କରିଥିଲେ । କାଲିମେଲା ରେଞ୍ଜର ବିଜୟ କୁମାର ନାୟକ ଙ୍କ ସଭାପତି ତ୍ୱ ଅନୁଷ୍ଠିତ ସଭାରେ ଏସିଏଫ୍ ମନସୁନ ଖେମୁଣ୍ଡୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସର୍ପ ବିଶେଷଜ୍ଞ ଆକାଶ ପ୍ରଧାନ ଓ ଆୟୁସି ବନ୍ଦୋପାଧ୍ୟ ନିଜର ବାକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ବନପାଳ ମୃତ୍ୟୁଞ୍ଜୟ ସେଠୀ ପରିଚାଳନା କରିଥିବା ବେଳେ କାଲିମେଲା ରେଞ୍ଜର ର ସମସ୍ତ କର୍ମଚାରୀ, ସୃଷ୍ଟି ଏନଜିଓ ର କର୍ମୀ ଶ୍ରୀନିବାସ ପାତ୍ର, ରବି କୁମାରଙ୍କ ସମେତ ବିଭିନ୍ନ ସ୍କୁଲର ଛାତ୍ର, ଛାତ୍ରୀ, ବନ ସୁରକ୍ଷା ସମିତିର ସଦସ୍ୟ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କୁ ପରସ୍କାର ପ୍ରଦାନ କରାଯାଇଥିଲା

## ଗୋପବନ୍ଧୁ ଜୟନ୍ତୀ ଓ ସେବା ଦିବସ ପାଳନ

କେନ୍ଦୁଝର, ୧୦/୧୦ (ନି.ପ୍ର): ଗୁରୁବାର ଦିନ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଜନ୍ମ ଜୟନ୍ତୀ ଉପଲକ୍ଷେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍ୱର୍ଣ୍ଣକ୍ଷେତ୍ର ଗଦଗଦି ଠାରେ 'ସେବାଦିବସ' ପାଳିତ ହୋଇଅଛି । ପ୍ରଧାନ ଆଚାର୍ଯ୍ୟ ପୁରୁଜିତ୍ ମୁନିଙ୍କର ତତ୍ୱାବଧାନରେ ଏହା ପାଳିତ ହୋଇଥିଲା । ବିଦ୍ୟାଳୟର ଆଚାର୍ଯ୍ୟ ପ୍ରତାପ ଚନ୍ଦ୍ର ମହାନ୍ତ ଓ ସନାତନ ମହାନ୍ତ ମାତା ସରସ୍ୱତୀଙ୍କର ନିକଟରେ ଦୀପ ପ୍ରଜ୍ୱଳନ କରିଥିଲେ । ବିଦ୍ୟାଳୟର ପଂଚମ ଶ୍ରେଣୀର ଭଉଣୀ ଶୁଭଶ୍ରୀ ମହାନ୍ତ ଗୋପବନ୍ଧୁ ଦାସଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ । ଆଚାର୍ଯ୍ୟ ସନାତନ ମହାନ୍ତ ଶିଶୁ ଭାଇଭଉଣୀଙ୍କୁ ସେବା ଦିବସ ଓ ଗୋପବନ୍ଧୁ ଜୟନ୍ତୀ ର ମହତ୍ୱ ସମ୍ବନ୍ଧରେ ଅବଗତ କରାଇଥିଲେ । ପରିଶେଷରେ ଶିଶୁ ଭାଇଭଉଣୀ ମାନେ ସଂସ୍କାରକେନ୍ଦ୍ର ଓ ବିଭିନ୍ନ ଗ୍ରାମାଂଚଳକୁ ପରିଭ୍ରମଣରେ ଯାଇ ସେଠାରେ ସେବା କାର୍ଯ୍ୟ ମଧ୍ୟ କରିଥିଲେ ।

# ହଜାର ହଜାର ଚାଷୀ ସରକାରୀ ଯୋଜନାରୁ ବଂଚିତ

କେନ୍ଦ୍ରାପଡ଼ା, ୦୯/୧୦ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ କୁଆଁଣିଆ ପ୍ରାଥମିକ କୃଷି ସମବାୟ ସମିତିରେ ହୋଇଥିବା କୋଟି କୋଟି ଟଙ୍କା ଦୁର୍ନିତିର ତଦନ୍ତ ଓ ଏଥିରେ ସଂପୃକ୍ତ ଥିବା ସଂପାଦକ ଓ ସରପଂଚଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଶତାଧିକ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ସମବାୟ ସମିତିର ସଂପାଦକ ଓ ସରପଂଚଙ୍କ ମଧୁଚନ୍ଦ୍ରିକା ଯୋଗୁ ସମିତିରେ କୋଟି କୋଟି ଟଙ୍କା ଦୁର୍ନିତି ହୋଇଥିବାର ଅଭିଯୋଗ ହେବାପରେ ସ୍ୱତନ୍ତ୍ର ଅଡିଟ ମଧ୍ୟ ସରିଛି । ଏଥି ସହ ସଂପାଦକ ନିଲମ୍ବନ ହେବାପରେ ତାଙ୍କ ସ୍ଥାନରେ ଅନ୍ୟ ସଂପାଦକଙ୍କୁ ନିଯୁକ୍ତି ଦେବାପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ସେଠାରେ ସଂପାଦକ ନିଯୁକ୍ତି ହୋଇପାରୁ ନାହାଁନ୍ତି । ବାରମ୍ବାର ଏ ବିଷୟରେ ଏଆରସିଏସ୍ ଓ ଡିଆରସିଏସ୍‌ଙ୍କୁ ଏବଂ ଜିଲ୍ଲାପାଳଙ୍କୁ ଅଭିଯୋଗ କଲାପରେ ମଧ୍ୟ ସେଠାରେ ସଂପାଦକ ନିଯୁକ୍ତି ନ ହେବାରୁ ହଜାର ହଜାର ଚାଷୀ ବିଭିନ୍ନ ସରକାରୀ ଯୋଜନା ପାଇବାରୁ ବଂଚିତ ହେଉଛନ୍ତି । ଏହା ଧେୟାଂଚଳ ହୋଇଥିବାରୁ ଫସଲ ନଷ୍ଟ ହୋଇଥିବା ଚାଷୀ ମାନଙ୍କର ସହାୟତା ବୀମା ରାଶି ଓ ଋଣ ପାଇବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ବିଷୟରେ କୁଆଁଣିଆ ଅଂଚଳବାସୀ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା, ମାନ୍ୟବର ମୁଖ୍ୟ ସଚିବ, ସମବାୟ ମନ୍ତ୍ରୀ, ରେଜିଷ୍ଟ୍ରାର ସମବାୟ ସମିତି ଓଡିଶା, କଟକ କେନ୍ଦ୍ର ସମବାୟ ସମିତିର ସଂପାଦକ ଆଦିଙ୍କୁ ଅଭିଯୋଗ କରାଯାଇଛି । ପୁନର୍ବାର ଶାତାଧିକ ଚାଷୀ ବୁଧବାର ଦିନ ଜିଲ୍ଲାପାଳ ରଘୁରାମ ଆର ଆୟାର, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ଡିଆରସିଏସ୍ ପ୍ରଭାକର ନାୟକଙ୍କୁ ଭେଟି ତୁରନ୍ତ କୁଆଁଣିଆ କୃଷି ସମବାୟ ସମିତିରେ ସଂପାଦକ ନିଯୁକ୍ତି କରିବା ସହ ଦୁର୍ନିତି ହୋଇଥିବା କୋଟି କୋଟି ଟଙ୍କାରେ ସଂପୃକ୍ତ ଥିବା ଅଭିଯୁକ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏହି ଆଲୋଚନା ସମୟରେ ପ୍ରଶାନ୍ତ କୁମାର ସାମଲ, ପ୍ରଦିପ କୁମାର ଖିଲାର, ସୁବାସ ଚନ୍ଦ୍ର ଦାସ, ନିରଞ୍ଜନ ସାମଲ, ପ୍ରଫୁଲ୍ଲ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ହିତାଧିକାରୀଙ୍କ ମାସିକ ଚାଉଳ ବାଟମାରଣା: ଯୋଗାଣ ସହାୟକଙ୍କ ସଂପୃକ୍ତି ଅଭିଯୋଗ

ମାଲକାନଗିରି, ୧୦/୧୦ (ନି.ପ୍ର): ଆହାର ପାଇଁ ଯେପରି କୌଣସି ବ୍ୟକ୍ତିକୁ ସଂଘର୍ଷ କରିବାକୁ ନପଡେ ସେଥିପାଇଁ ଗରିବ ଓ ଅସହାୟଙ୍କ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ପିଡିଏସ୍ ବ୍ୟବସ୍ଥାରେ ଚାଉଳ ଏବଂ ମାଣ୍ଡିଆ ଯୋଗାଇ ଦେଉଛନ୍ତି । ତେବେ ତୃଣମୂଳ ସ୍ତରରେ କିନ୍ତୁ ଏହାର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ ।
ସୂଚନା ମୁତାବକ, ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ମାନ୍ୟମକୋଣ୍ଡା ପଂଚାୟତରେ ବିଭିନ୍ନ ଯୋଜନାରେ ୧୬୬୨ ଜଣ ହିତାଧିକାରୀଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପିଡିଏସ୍ ବ୍ୟବସ୍ଥାରେ ଚାଉଳ ଏବଂ ମାଣ୍ଡିଆ ଯୋଗାଇ ଦିଆଯାଉଛି । ହେଲେ ଏହି ସାମଗ୍ରୀ ବଂଟନ ଦାୟିତ୍ୱରେ ଥିବା ପୂର୍ବତନ ଯୋଗାଣ ସହାୟକ ରଘୁ ବଡ଼ନାୟକ ତାଙ୍କ ପାଖରେ ଲେଖା ଲେଖି କରିବା ପାଇଁ ରଖିଥିବା ନିତାଇ ନାମକ ଏକ ବ୍ୟକ୍ତିଙ୍କୁ ଗାଁ ଗାଁ ପଠେଇ ଅନଲାଇନ୍ ରେ ଟିପ ଚିହ୍ନ ନେଇ କାର୍ଡରେ ଏଂଟ୍ରି କରିବା ସହ ଲୋକଙ୍କୁ ପଂଚାୟତ ଆସି ଚାଉଳ ନେଇଯିବାକୁ କହିଥିଲେ । ପରବର୍ତୀ ସମୟରେ ହିତାଧିକାରୀ ମାନେ ପଂଚାୟତକୁ ଯାଇ ଜୁନ ମାସର ଚାଉଳ ମାଗିବାରୁ ଯୋଗାଣ ସହାୟକ ସେମାନଙ୍କୁ ଚାଉଳ ଦେଇନଥିଲେ । ଏ ସମ୍ପର୍କରେ ପଂଚାୟତର ହିତାଧିକାରୀ ମାନେ ବର୍ତମାନ ଦାୟିତ୍ୱରେ ଥିବା ଯୋଗାଣ ସହାୟକଙ୍କୁ ଜଣାଇବାରୁ ଏ ବିଷୟରେ ମୁଁ କିଛି ଜାଣି ପୂର୍ବରୁ ଥିବା ଯୋଗାଣ ସହାୟକ ରଘୁଙ୍କୁ ପଚାରି ବୁଝି ଜଣେଇବି ବୋଲି କହିଥିଲେ । ଏଠାରେ ପ୍ରଶ୍ନ ଉଠୁଛି ଯେ, ଯୋଗାଣ ସହାୟକ ହିତାଧିକାରୀଙ୍କ ପାଇଁ ଆସୁଥିବା କୁଇଂଟାଲ କୁଇଂଟାଲ ଚାଉଳ କେଉ ଉଦ୍ଦେଶ୍ୟରେ ବାଟମାରଣା କରିଛି ଏବଂ କାଲିମେଲା ବ୍ଲକ ଯୋଗାଣ ନିରୀକ୍ଷକ ଏ ବିଷୟରେ କିଛି ଜାଣିନପାରିବା ହିତାଧିକାରୀଙ୍କୁ ଚକିତ କରିଛି । ତେବେ ଅଧିକାରୀଙ୍କ ସହ ମଧୁଚନ୍ଦ୍ରିକା ବିନା ଏପରି ଦୁର୍ନୀତି ପୂର୍ଣ୍ଣ କାର୍ଯ୍ୟ ସମ୍ଭବ ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଥିବା ବେଳେ, ଏପରି ଦୁର୍ନୀତି ପୂର୍ଣ୍ଣ କାର୍ଯ୍ୟ ତଥା କାର୍ଯ୍ୟ କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ସାଧାରଣରେ ଦାବି ହେଉଛି ।
ଏ ସମ୍ପର୍କରେ କାଲିମେଲା ବ୍ଲକ ଯୋଗାଣ ନିରୀକ୍ଷକ ଚିନ୍ମୟ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ଏହାର ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ଟ୍ରକ୍‌ରୁ ତେଲ ଚୋରି ମାମଲାରେ ୩ ଅଭିଯୁକ୍ତ କୋର୍ଟ ଚାଲାଣ : ୬୬୭ ଲିଟର ଡିଜେଲ ଜବତ

କୋରେଇ, ୧୦/୧୦ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ପାଶ୍ୱର୍ ସଦଗୁରୁ ପୋଟ୍ରୋଲ ପମ୍ପ ନିକଟରେ ଗତ ୬ ତାରିଖ ରାତିରେ ଅଟକିଥିବା ୫ଟି ଟ୍ରକରୁ ତେଲ ଚୋରି ନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଥିଲା । ପାଣିକୋଇଲି ପୁଲିସ ଘଟଣାସ୍ଥଳରେ ପହଂଚି ଘଟଣାର ତଦନ୍ତ କରିଥିଲା । ପ୍ରକାଶଯେ, କାଳିଆପାଣିରୁ ଲୁହାପଥର ଲୋଡ କରି ୫ଟି ଟ୍ରକ ପେଟ୍ରୋଲପମ୍ପ ନିକଟରେ ସୋମବାର ବିଳମ୍ବିତ ରାତ୍ରୀରେ ଗାଡି ରଖିଥିଲେ । ମାତ୍ର ବିଳମ୍ବିତ ରାତ୍ରୀରେ କେହି ଦୃବୃର୍ତ୍ତ ୫ଟି ଗାଡିରୁ ତେଲ ଚୋରି କରିନେଇଥିଲେ । ପ୍ରତ୍ୟେକ ଗାଡିରୁ ୨୮୦ ଲିଟର ଲେଖାଏଁ ତେଲ ଚୋରି ହେବା ନେଇ ଅଭିଯୋଗ ହୋଇଥିଲା । ଏନେଇ ଚାଳକ ଯାଜପୁର ସଦର ଥାନା ଅନ୍ତର୍ଗତ ରେକିବାଜାର ଅଂଜଳର ସେକ ତାଜଉଦ୍ଦିନ ଅଭିଯୋଗ କରିଥିଲେ । ତାଙ୍କ ସହିତ ସେହି ରେକିବଜାରର ଫୁରକାନ ଖାଁ, ସେକ ଅରସାଦ, ସେକ ସଫିଉଲ୍ଲା, ସେକ ଫିରଦାସ ଆଲାମ ମଧ୍ୟ ସମାନ ଅଭିଯୋଗ କରିଥିଲେ । ସେମାନେ ପେଟ୍ରୋଲପମ୍ପ ନିକଟରେ ନିଜକୁ ସୁରକ୍ଷିତ ଭାବି ଗାଡି ରଖିଥିଲେ । ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ସେମାନେ ଉଜାଗର ଥିବା କହିଛନ୍ତି । ହେଲେ ସବୁ ପରେ କିପରି ଚୋରି ହେଲା ତାହା ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ଦେବା ପାଇଁ ଦାବି କରିଥିଲେ । ପେଟ୍ରୋଲ ପମ୍ପର ସିସିଟିଭି ଯାଂଚ କଲେ ପ୍ରକୃତ ଘଟଣାର ପର୍ଦ୍ଦାଫାସ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଓଡି ୦୪କିୟୁ ୪୪୩୭, ଓଡିଶା୪ଏନ ୭୪୧୬, ଓଡି୦୪କିୟୁ ୬୬୨୮, ଓଡିଶା୪ଟି ୮୮୫୦, ଓଡି ୩୪ଆର ୬୭୭୩ ଆଦି ଟ୍ରକରୁ ଚୋରି ଅଭିଯୋଗ ହୋଇଥିଲା । ରାଜପଥ କଡରେ ତେଲ ଚୋର ଦେକାନ କରି ସକ୍ରିୟ ରହିଥିବାର ଅଭିଯୋଗ କରାଯାଇଥିଲା । । ଏ ନେଇ ପୁଲିସ ଏକ ମାମଲା ୩୨୪/୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ରାଜପଥ ପାର୍ଶ୍ୱରେ ତେଲ ଚୋରି କରି ବିକ୍ରି କରୁଥିବା ତିନିଜଣଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ଗଚ୍ଛିତ ଥିବା ୬୬୭ ଲିଟର ଡିଜେଲ ମଧ୍ୟ ଜବତ କରିଛି । ଅଢେଇବାଟିଆ ଛକ, ଓଉପଦା ଛକ ଓ କରୁଣା ହୋଟେଲ ସମ୍ମାରେ ତେଲ କିଣାବିକା କରୁଥିବା ତିନିଜଣଙ୍କୁ ଧରିବା ସହ ଡିଜେଲ ଜବତ କରି ଥାନାକୁ ଆଣିଥିଲା । ଥାନାଧିକାରୀ ରଂଜିତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଂଚାୟତ ଅନ୍ତର୍ଗତ ଓଉପଦା ଗ୍ରାମର ପ୍ରମୋଦ ରାଉତଙ୍କ ପୁଅ ପ୍ରଭାତ ରାଉତ(୨୮), ମହମ୍ମଦ ଜମାଲପୁର (ଅଢେଇବାଟିଆଁଆ) ଗ୍ରାମର ମୋହନ ବୋଇତାଇଙ୍କ ପୁଅ ମାନସ ବୋଇତାଇ(୪୦) ଓ କୋରେଇ ଥାନା ଅନ୍ତର୍ଗତ ଅନ୍ଧାରୀ ଗ୍ରାମର ଜଗନ୍ନାଥ ବେହେରାଙ୍କ ପୁଅ ବିଦ୍ୟାଧର ବେହେରା(୩୯)କୁ ଗିରଫ କରାଯାଇଥିଲା । ଆଜି ସେମାନଙ୍କୁ ଦଫା ୩୦୩(୨) ବିଏନଏସରେ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ସବଇନ୍ସପେକ୍ଟର ମିନତୀ ବେହେରାଙ୍କ ସୂତ୍ରରୁ ପ୍ରକାଶ ।

# ୧ କ୍ୱିଂଟାଲ ୬୭ କେଜି ଗଞ୍ଜେଇ ଜବତ, ୨ ଗିରଫ : କାର୍ ଜବତ

ସୁବର୍ଣ୍ଣପୁର, ୧୦/୧୦ (ନି.ପ୍ର): ପୋଲିସ ଜାଲରେ ଫସିଲା ଗଞ୍ଜେଇ ମାଫିଆ । ସୋନପୁର ବ୍ଲକ ବୁରୋମୁଣ୍ଡା ଠାରେ କରିଥିବା ଗଞ୍ଜେଇ ଗୋଦାମରେ ଚଢ଼ଉ କଲା ସୋନପୁର ପୋଲିସ । ଜିଲ୍ଲା ଆରକ୍ଷୀ ଅଧିକାରୀ ନାରାୟଣ ନାୟକଙ୍କ ସୂତ୍ରରୁ ପ୍ରକାଶ ଯେ, ଗତକାଲି ସକାଳ ୧୦ଟା ୩୦ ସମୟରେ ସୋନପୁର ଥାନାର ଏକ ଟିମ୍ ଏସଆଇ ଦୀପ୍ତି ରଞ୍ଜନ ଦିଗାଲଙ୍କ ନେତୃତ୍ୱରେ ପେଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଏକ ଧଳା ରଙ୍ଗର ଇଣ୍ଡିଗୋ କାରରେ ଗଞ୍ଜେଇ ଚାଲାଣ ହେଉଥିବାର ଖବର ପାଇ ଉକ୍ତ ଗାଡିର ସନ୍ଧାନ ପାଇ ତା'ର ପିଛା କରିଥିଲେ । ଉକ୍ତ ଗାଡି ସୋନପୁର-ବଲାଙ୍ଗିର ରାସ୍ତାର ହରାଡଖୋଲ ଗ୍ରାମ ଦେଇ ବୁରୋମୁଣ୍ଡା ଗ୍ରାମକୁ ଦ୍ରୁତ ଗତିରେ ପଳେଇ ଥିବା ବେଳେ କୌଶଳ କ୍ରମେ ପୁଲିସ ଟିମ୍ ତାହାର ପିଛା କରିଥିଲେ । ସେହି ଗାଡିଟି ବୁରୋମୁଣ୍ଡା ଗୁଲୁ ସାହୁଙ୍କ ଗୋଦାମ ଘରକୁ ଯାଇ ସେଠାରେ ଗାଡିରୁ ଗଞ୍ଜେଇ ବସ୍ତା ଓହ୍ଲାଇ ଗୋଦାମ ଭିତରେ ଦୁଇ ଜଣ ଲୋକ ରଖୁଥିବା ବେଳେ ସେମାନଙ୍କ ଠାରୁ ୨ ଟି ବସ୍ତାରେ ଥିବା ୫୧ କେଜି ୨୦୦ ଗ୍ରାମ ଗଞ୍ଜେଇ ସହ ଇଣ୍ଡିଗୋ ଇସିଏସ କାର ନଂ ଓଡି୩୧-୫୯୫୫ କୁ ଜବତ କରାଯିବା ସହ ଡ୍ରାଇଭର ବୌଦ୍ଧ ଜିଲ୍ଲା କଂଟାମାଳ ଥାନା ମାର୍ଦୋଳ ଗ୍ରାମର ବିଶିକେଶନ୍ ଭୋଇ (୪୫) ଓ ବୁରୋମୁଣ୍ଡା ଗ୍ରାମର ଗୌରୀଶଙ୍କର ମଲ୍ଲିକ (୪୦) ଙ୍କୁ ସୋନପୁର ପିଏସ କେସ ନଂ ୨୫୦/ତା ୦୭.୧୦.୨୫ଟ/ଶୃ-୨୦(ଭ) (ସସ)ଉ/୨୫/୨୯ ଏନଡ଼ିପିଏସ ଆକ୍ଟ ଅନୁସାରେ ଗିରଫ କରାଯାଇ ସେମାନଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି । ପ୍ରଥମ କେସର ତଦନ୍ତ ସାରି ପୁଲିସ ଟିମ ଅଭିଯୁକ୍ତ ମାନଙ୍କୁ ଧରି ବୁରୋମୁଣ୍ଡା ଗ୍ରାମରୁ ବାହାରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଲା ଯେ ଉକ୍ତ ଅଭିଯୁକ୍ତ ଗୌରିଶଙ୍କର ମଲ୍ଲିକ ଯାହାର ଘର ଉକ୍ତ ଗୁଲୁ ସାହୁ (ଦେବେନ୍ଦ୍ର) ର ଗୋଦାମ ଘର ସାମନାରେ ଅବସ୍ଥିତ ଏହି ଘରେ ଗୌରିଶଙ୍କର ଓ ଗୁଲୁ ସାହୁ ମିଶି ଆହୁରି ଗଞ୍ଜେଇ ବେଆଇନ ଭାବେ ରଖିଛନ୍ତି କ୍ଷ ଏହି ଖବର ପାଇ ପୁଲିସ ଟିମ୍ ସାକ୍ଷୀ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଘରର ଏକ କୋଠରୀରୁ ୧ କ୍ୱିଂଟାଲ ୧୬ କେଜି ଗଞ୍ଜେଇ ଜବତ କରିଥିଲେ । ଏ ନେଇ ଅଧିକ ତଦନ୍ତ ଚାଲିଥିଲା ବେଳେ ପୋଲିସ୍ ସ୍କାନରରେ ବର୍ତମାନ ଫେରାର ଥିବା ମାଫିଆ ବୁରୋମୁଣ୍ଡାର ଗୁଲୁ ସାହୁ । ଏନେଇ ଏକ ମାମଲା ସୋନପୁର ପିଏସ କେସ ନଂ ୨୫୧/ତା ୦୭.୧୦.୨୫ ଟ/ଶୃ-୨୦(ଭ) (ସସ)ଉ/୨୯ ଏନଡ଼ିପିଏସ ଆକ୍ଟ ଅନୁସାରେ ଅନ୍ୟ ଏକ କେସ ରୁଜୁ କରାଯାଇ ମାମଲା ତଦନ୍ତାଧୀନ ଥିବା ସୂଚନା ଦେଇଛନ୍ତି ଆରକ୍ଷୀ ଅଧିକ୍ଷକ ।

# ବଲାଙ୍ଗୀର ସଦର ବ୍ଲକର ନୂତନ ଶିକ୍ଷା ଅଧିକାରୀ ଭାବେ ନୀଳମଣି ପଟେଲଙ୍କ ଯୋଗଦାନ

ବଲାଙ୍ଗୀର, ୧୦/୧୦ (ନି.ପ୍ର): ବଲାଙ୍ଗୀର ସଦର ବ୍ଲକର ନୂତନ ବ୍ଲକ ଶିକ୍ଷା ଅଧିକାରୀ ଭାବେ ନୀଳମଣି ପଟେଲ ଯୋଗଦାନ କରିଛନ୍ତି । ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ର ସଂଖ୍ୟା ୨୭୫୮୮ଓଡିଶା ଶିକ୍ଷା ସେବା(ବିଦ୍ୟାଳୟ ଶାଖା)ଭାବରେ ପଦୋନ୍ନତି ମିଳିଛି । ଏହା ପୂର୍ବରୁ ଶ୍ରୀ ପଟେଲ ବିନୋବା ଉଚ୍ଚ ବିଦ୍ୟାଳୟ ଛତାମଖନାରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ । ସେ ଦୀର୍ଘ ବର୍ଷ ଧରି ବୁବେଲ ହାଇସ୍କୁଲ, କୁଶଙ୍ଗ ହାଇସ୍କୁଲ ଓ ବଲାଙ୍ଗୀର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ରେ ଜିଲ୍ଲା ବିଜ୍ଞାନ ତତ୍ୱାବଧାରକ ଭାବରେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ । ଶ୍ରୀ ପଟେଲ ଜଣେ ଦକ୍ଷ ଓ କର୍ତବ୍ୟନିଷ୍ଠ ଅଧିକାରୀ ଭାବରେ ଜଣାଶୁଣା ।

# ଆମେ ଯୁଦ୍ଧ ନୁହେଁ, ବୁଦ୍ଧ ଚାହୁଁ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଆମେରିକା, ଚାଇନା ଓ ତୁର୍କୀ ମଧ୍ୟ ଭାରତର ସାମରିକ ଶକ୍ତିର କ୍ଷମତା, ଦକ୍ଷତାକୁ ନିଶ୍ଚିତ ଭାବରେ ଗ୍ରହଣ କରିବା ପାଇଁ ବାଧ୍ୟ ହୋଇଛନ୍ତି। ପାକିସ୍ତାନକୁ ସିନ୍ଧୁନଦୀ ଜଳଚୁକ୍ତି ବାତିଲ କରି ଦୃଢ଼ ଐତିହାସିକ ଓ ଦୁଃସାହସିକ ପଦକ୍ଷେପ ଗ୍ରହଣ କରିବା ସ୍ୱାଧୀନ ଭାରତ ପାଇଁ ଏହା ଥିଲା ପ୍ରଥମ ଘଟଣା ବୋଲି କୁହାଯିବ। ଆଜି ପର୍ଯ୍ୟନ୍ତ କୌଣସି ପ୍ରଧାନମନ୍ତ୍ରୀ ଏଭଳି ପଦକ୍ଷେପ ଗ୍ରହଣ କରିବା ପାଇଁ ସାହାସ କରିପାରିନଥିଲେ ଏହା "ମୋଦି ଭାରତ"। ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱକୁ ଆହୁରି ଚେତାଇ ଦେଇଛନ୍ତି ଯେ, ଦେଶ ପାଇଁ ଆବଶ୍ୟକ ପଡ଼ିଲେ ଆମ୍ଭେ "ବୁଦ୍ଧ ନୁହେଁ ଯୁଦ୍ଧ ପାଇଁ ସର୍ବଦା ପ୍ରସ୍ତୁତ ଅଛୁ। ଏହା "ମୋଦି ଭାରତ" ଏଡି ପରିପ୍ରେକ୍ଷୀରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦି "ବିଶ୍ୱ ବନ୍ଦିତ" ପ୍ରଧାନମନ୍ତ୍ରୀ ହୋଇଥିବାରୁ ଗର୍ବର ସହିତ ଆଜି ଆମେ କହିପାରୁଛୁ "ମେରା ଭାରତ ମହାନ୍"। ତେଣୁ, ଆଜି ତାଙ୍କର ଏହି ପବିତ୍ର ୭୫ତମ ଜୟନ୍ତୀ ଅବସରରେ ଗର୍ବ ଓ ଗୌରବ, ସହୃଦୟତାର ସହିତ ମୁଁ ଗଭୀର ଶୁଭେଚ୍ଛା ଅଭିନନ୍ଦନ ଓ ଶୁଭକାମନା ଜଣାଇ କାଳଜୟୀ ହୋଇ ରୁହନ୍ତୁ ବୋଲି ଏତିକି ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପାଖରେ ପ୍ରାର୍ଥନା କରୁଛି। ଜୟହିନ୍ଦ୍, ଜୟ ଭାରତ, ଭାରତ ମାତା କି ଜୟ, ଜୟ ମୋଦି ଭାରତ।

+ ସାମନ୍ତରାପୁର
ପୁରୁଣା, ଭୁବନେଶ୍ୱର-୨,
ମୋ :- ୭୮୪୮୮୯୮୪୫୬

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଲୋକସଭାରେ କାହିଁକି ...

ଅନ୍ୟପଟେ ଘଟଣାକୁ ନେଇ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ପ୍ରତିକ୍ରିୟା ରଖି କହିଛନ୍ତି-କେବଳ ଗଣମାଧ୍ୟମରେ ମାଇଲେଜ ନେବାକୁ ଶ୍ରୀମୟୀ ଏମିତି କହୁଛନ୍ତି। ତେଣେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ମିଶ୍ର କହିଛନ୍ତି- ଏବେ କିଛି କହିବିନି। ବିଜେଡିରେ ରହି ସୋସିଆଲ ମିଡିଆରେ ତେରେଛା ବାଣ ମାରି ଦଳରୁ ବାହାରିବା ପରେ ଏବେ ସିଧା ଗଣମାଧ୍ୟମ ଆଗରେ ରାଗ ଓ ଅଭିମାନ ଝାଡୁଛନ୍ତି ଶ୍ରୀମୟୀ ମିଶ୍ର। କେବଳ ପାଣ୍ଡିଆନ୍ ନୁହଁନ୍ତି ନବୀନଙ୍କୁ ବି ପରୋକ୍ଷରେ ମାରୁଛନ୍ତି ବାକ୍ୟ ତୀର।

### ଦଶ ହଜାର ଟଙ୍କା ଲାଞ୍ଚ ନେଉଥିବା ...

ଜଳେଶ୍ୱର ପୌରପାଳିକାରଏମ୍ଆଇଏସ କର୍ମଚାରୀ ବ୍ରଜ ଗୋପାଳ ଘୋଷ ମହାପାତ୍ର ପୌରପାଳିକାର ଠିକାଦାର୍ ଜ୍ୟୋତିପ୍ରକାଶ ମହାପାତ୍ର ମ୍ୟୁନସିପାଲଟିରେ ହୋଡିଂ ଓ ଲାଇଟ ପୋଷ୍ଟ କାର୍ଯ୍ୟ ପାଇଁ ବିଲ୍ ପାଇଁ ଆସିଥିଲେ ଏବଂ ତାଙ୍କୁ ଏମ୍ଆଇଏସ କର୍ମଚାରୀ ବ୍ରଜଗୋପାଳ ଘୋଷ ମହାପାତ୍ର ଏକ ଲକ୍ଷ୍ୟ ଟଙ୍କା ର ଏକ ବିଲ ପାସ କରେଇ ଦେବା ପାଇଁ କୋଡିଏ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଠିକାଦାର ଜ୍ୟୋତି କିଛି ଉପାୟ ନ ପାଇ ବାଲେଶ୍ୱର ଭିଜିଲାନ୍ସ ରେ ଅଭିଯୋଗ କରିଥିଲେ। ଶୁକ୍ରବାର ଦିବା ୧୨.୩୦ ସମୟ ରେ ଠିକାଦାର ଜ୍ୟୋତି ପ୍ରଥମେ ଟଙ୍କା ଦଶ ହଜାର ନେଇ ଆସି ଏମ୍ଆଇଏସ କର୍ମଚାରୀ ବ୍ରଜଗୋପାଳ ଘୋଷ ମହାପାତ୍ର ଙ୍କୁ ଦେବା ପାଇଁ ଆସିଥିବା ବେଳେ ତାଙ୍କ ସହଯୋଗୀ କର୍ମଚାରୀ ଜୁନିଅର ସାନିଟାରିଏକ୍ସପୋର୍ଟ ରତିକାନ୍ତ ପାତ୍ର ଙ୍କୁ ଟଙ୍କା ଦେବା ପାଇଁ କହିଥିଲେ। ସହଯୋଗି କର୍ମଚାରୀ ରତିକାନ୍ତ ଙ୍କୁ ଟଙ୍କା ଦେବା ସମୟ ରେ ଭିଜିଲାନ୍ସ ଡ଼ିଏସପି ସିକନ୍ଦର ହେମ୍ବ୍ରମଙ୍କ ନେତୃତ୍ୱରେ ଛଅ ଜଣିଆ ଟିମ ଚଢ଼ାଉ କରି ଦଶ ହଜାର ଟଙ୍କା ଜବତ କରିବା ସହିତ କମ୍ପୁଟରର ହାର୍ଡ ଡିସ୍କ ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜବତ କରି ବ୍ରଜଗୋପାଳ ଏବଂ ରତିକାନ୍ତ କୁ ଅଟକ ରଖି ଅଧିକ ତଦନ୍ତ ଜାରୀ ରଖିଛି ବିଭାଗ। ଏହି ଚଢ଼ାଉ ସମୟ ରେ ଇନ୍ସପେକ୍ଟର ଶ୍ରୀବଲ୍ଲଭ ନାୟକ, ଛବିରାଣୀ ହେମ୍ବ୍ରମ ଏବଂ ଅନ୍ୟ କର୍ମଚାରୀ ଜ୍ଞାନେନ୍ଦ୍ର ପଲେଇ,ମଙ୍ଗଳ ହେମ୍ବ୍ରମ, ତାପସ ସାହୁ ଉପସ୍ଥିତ ଥିଲେ।

### ନିଯୁକ୍ତି ଜାଲିଆତି ଖୋଳତାଡ...

ଯେଉଁ ଆଧାରରେ ପୁରା କେଲେଙ୍କାରୀରେ ବଣିକର ସଂପୃକ୍ତି ନେଇ ଚାଲିଛି ଖୋଳତାଡ । ଆଉ ଏହାକୁ ନେଇ ଗତକାଲି କୋଚିଂ ସେଣ୍ଟର ଉପରେ ରେଡ ପରେ ଆଜି ୩ ବରିଷ୍ଠ କର୍ମଚାରୀଙ୍କୁ କ୍ରାଇମବ୍ରାଞ୍ଚ ଅଫିସରେ ହାଜର ହେବାକୁ କହିଥିଲେ । ଏହି ଅନୁସାରେ ଆଜି ଦିନ ପାଖାପାଖି ସାଢେ ୧୧ ଟା ବେଳେ ବଣିକ୍ କୋଚିଂ ସେଣ୍ଟରର ଏଚଆର ମ୍ୟାନେଜର, ମାର୍କେଟିଂ ମ୍ୟାନେଜର ଓ ଆକାଉଣ୍ଟସ୍ ହେଡ କଟକ ସ୍ଥିତ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ହାଜର ହୋଇଥିଲେ ।

# ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ -୨୦୨୫ ପାଳିତ

ବାଲେଶ୍ୱର , ୧୦/୧୦ (ନି.ପ୍ର): ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ -୨୦୨୫ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ବାଲେଶ୍ୱର ଜିଲାର ବରିଷ୍ଠ ନାଗରିକ ମଂଚର ଉପଦେଷ୍ଟା ଅନ୍ତର୍ଯ୍ୟାମୀ ନାୟକ ପୌରହିତ୍ୟ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ବାଲେଶ୍ୱର, ସାମାଜିକ ସୁରକ୍ଷା ଓ ଭିନ୍ନ କ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜନ କରା ଯାଇ ଥିଲା ବେଳେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ ମଞ୍ଚ ପରିଚାଳନା କରିଥିଲେ। ଏହି ଦିବସ ପାଳନ ଅବସରରେ ଏକ ମନୋଜ୍ଞ ଯୋଗ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକଙ୍କ ଦ୍ୱାରା ଶୁଭ ଉଦ୍ଘାଟିତ ହୋଇଥିଲା ଏବଂ ପରେ ପରେ ବରିଷ୍ଠ ନାଗରିକ ମାନଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ପରେ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୂତନ ଅଡିଟରିୟମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ମାନଙ୍କ ସହ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ମୁଖ୍ୟ ବକ୍ତା ଭାବେ ଭାରତ ସରକାରଙ୍କ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ରାମ କୃଷ୍ଣ ଶର୍ମା ସମେତ ସମସ୍ତ ଅତିଥି ଗଣ ଜଗନ୍ନାଥଙ୍କ ନିକଟରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା ଅତିଥି ପରିଚୟ, ସ୍ୱାଗତ ସମ୍ବର୍ଦ୍ଧନା ଏବଂ ଏହି ଦିବସ ପାଳନ ସମ୍ପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ।ଏଥିରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀଯୁକ୍ତ ବିକାଶ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ,ଯୋଜନା ସହିତ ସେମାନଙ୍କ ଜ୍ଞାନ,ଅଭିଜ୍ଞତା ପଥ ପ୍ରଦର୍ଶନ ଆମ ପାଇଁ ଉତ୍ସ୍ୟ ଏବଂ ସେମାନଙ୍କୁ ସ୍ନେହ ପ୍ରେମ ଶ୍ରଦ୍ଧା ସେବା ସମ୍ମାନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ଉପଦେଷ୍ଟା ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ନାୟକ ବଶିଷ୍ଠ ନାଗରିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରଙ୍କ ବରିଷ୍ଠ ନାଗରିକ ଆଇନ --୨୦୧୬ ଅନୁଯାୟୀ ସରକାରୀ ସହାୟତା, ବିଭିନ୍ନ ପ୍ରକାରର ସାମାଜିକ ସମସ୍ୟାରେ ସମ୍ମୁଖୀନ ହେବା , ଘରୋଇ ହିଂସା ପ୍ରସଙ୍ଗରେ ବକ୍ତବ୍ୟ ରଖିବା ସହିତ ପ୍ରଶାସନ ତରଫରୁ ବରିଷ୍ଠ ନାଗରିକ ପରିଚୟ ପତ୍ର, ସାମାଜିକ ସମ୍ମାନ, ନ୍ୟାୟ, ଚିକିତ୍ସାଳୟ ରେ ସ୍ୱତନ୍ତ୍ର ବ୍ୟବସ୍ଥା,ଯାତ୍ରା(ବସ, ରେଳ ଭଡା) ରିହାତି, ବରିଷ୍ଠଙ୍କ ଆଶ୍ରୟ ସ୍ଥଳ ନିର୍ମାଣ ଦାବୀ ଉପସ୍ଥାପନ କରିଥିଲେ। ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ବାଲେଶ୍ୱର ସଦର ଉପଜିଲ୍ଲାପାଳ ଶିବ ମାଲବ୍ୟ ବରିଷ୍ଠ ଙ୍କ ନିମନ୍ତେ ସମସ୍ତ ସାହାଯ୍ୟ ସହଯୋଗ କରିବା ପାଇଁ ସମ୍ମତି ପ୍ରକାଶ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ଏହି ଦିବସ ପାଳନ ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାରେ ପ୍ରଶାସନ ସହଯୋଗ ସଦୃଶ ପରିଚୟ ପତ୍ର, ସାମାଜିକ ସୁରକ୍ଷା ଯୋଗାଇଦେବା, ଗୃହ ନିର୍ମାଣ ପାଇଁ ଜମି ଆଦି ପଦକ୍ଷେପ ଗ୍ରହଣ ସମ୍ପର୍କରେ ଅବଗତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଭାରତ ସରକାରଙ୍କ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ରାମ କୃଷ୍ଣ ଶର୍ମା ବରିଷ୍ଠ ନାଗରିକ ମାନଙ୍କ ଜୀବନ ଶୈଳୀରେ ସୁଧାର ଆଣିବା ସହିତ ସାମାଜିକ ସମ୍ମାନ,ନ୍ୟାୟ ଶ୍ରଦ୍ଧା ସେବା, ଯୋଗର ଆବଶ୍ୟକତା ସଂପର୍କ, ସମ୍ବେଦନଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଶେଷରେ ବରିଷ୍ଠ ନାଗରିକ ମଂଚର ସଦସ୍ୟ ଗୌରାଙ୍ଗ ପାଣିଗ୍ରାହି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ସୁଧାକର ନାୟକ, ସଦର ଉପଜିଲ୍ଲାପାଳ ଶିବ ମାଲବ୍ୟ, ଭାରତ ସରକାରଙ୍କ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ରାମ କୃଷ୍ଣ ଶର୍ମା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ କର, ବରିଷ୍ଠ ନାଗରିକ ମଂଚର ଉପଦେଷ୍ଟା ଅନ୍ତର୍ଯ୍ୟାମୀ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା, ବରିଷ୍ଠ ନାଗରିକ ମଂଚର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ନନ୍ଦ, ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ମଞ୍ଚାସିନ ଥିବା ବେଳେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ରୁ ବରିଷ୍ଠ ନାଗରିକ (ଉଭୟ) ଯୋଗ ଦେଇଥିଲେ। ଏଥି ସହିତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ରୁ ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଏବଂ ପାରଦର୍ଶିତା ହାସଲ ପାଇଁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ।

# ଅଫିସର ହେବ ତ 'ରଥ ବାବୁ'ଙ୍କ ପରି: ଦୁଇ ଅସହାୟ ମହିଳାଙ୍କ ହାତେ ଯୋଗାଇଲେ ରାସନ କାର୍ଡ





ବାଲିଆପାଳ , ୧୦/୧୦ (ନି.ପ୍ର): ସରକାରୀ ଅଫିସର ହେଲେ ମାନବତାର ସ୍ପର୍ଶ ଥିବା ଆବଶ୍ୟକ ଯାହାର ଜ୍ୱଳନ୍ତ ଉଦାହରଣ ବାଲିଆପାଳ ବ୍ଲକର ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ । ସମାଜର ଅନ୍ତିମ ସ୍ତରରେ ଥିବା ଦୁଇ ଅସହାୟ ମହିଳାଙ୍କୁ ସେ ନିଜ ପ୍ରଚେଷ୍ଟାରେ ରାସନ କାର୍ଡ ଯୋଗାଇ ତାଙ୍କ ଜୀବନରେ ଆଶା ଆଣିଛନ୍ତି । ସୂଚନାରୁ ପ୍ରକାଶ ବାଲିଆପାଳ ବ୍ଲକ ବିଶ୍ୱନାଥପୁରର ପୁଷ୍ପାଞ୍ଜଳି ମଲ୍ଲିକ ଦୁଇ ଶିଶୁକୁ ନେଇ ଭିକ୍ଷା ମାଗୁଥିବା ବେଳେ ରଥ ବାବୁ ତାଙ୍କ କଷ୍ଟ ଦେଖି ତୁରନ୍ତ ସାହାଯ୍ୟର ହାତ ବଢ଼ାଇଥିଲେ । ରଥ ବାବୁ ଜାଣିବାକୁ ପାଇଥିଲେ ପୁଷ୍ପାଞ୍ଜଳିର ସ୍ୱାମୀ ଦ୍ୱିତୀୟ ବିବାହ ପରେ ପୁଷ୍ପାଞ୍ଜଳି ଏବଂ ତାର ଦୁଇ ସନ୍ତାନ କଥା ବୁଝୁ ନାହାଁନ୍ତି । ଶାଶୂଘର ଲୋକେ କିମ୍ବା ବାପଘର ଲୋକେ ତାଙ୍କୁ ଆଶ୍ରୟ ଦେଉନାହାନ୍ତି କି ଖାଇବାର ବ୍ୟବସ୍ଥା କରୁନାହାନ୍ତି । ବର୍ତ୍ତମାନ ପୁଷ୍ପାଞ୍ଜଳି ବୋଲଂ ଗ୍ରାମର ଏକ ନିଛାଟିଆ ଜାଗା ନଇ ଆଡି ବନ୍ଧରେ ଛୋଟ ଜରି ପାଲରେ କୁଡ଼ିଆ କରି ଦୁଇ ପିଲାଙ୍କୁ ନେଇ ଆଶ୍ରୟ ନେଉଛି। ପ୍ରତିଦିନ ଭିକ୍ଷାବୃତ୍ତି ହିଁ ଏହି ଅସହାୟ ମା ଏବଂ ଦୁଇ ନିଷ୍ପାପ ଶିଶୁର ସାହାରା ଥିଲା । ତେବେ ଘଟଣା ଶୁଣିଲା ପରେ ସେଇ ଦିନ ହିଁ ତାକୁ ରାସନ ଡିଲର ମାଧ୍ୟମରେ ଆଗୁଆ ଚାଉଳ ଦେବାର ବ୍ୟବସ୍ଥା କରିଥିଲେ । ଠିକ ସେହିପରି, ବୋଲଂ ପଞ୍ଚାୟତର ବିଧବା ମହିଳା ଫୁଲମଣୀ ଟୁଡୁ ୨୦୨୨ ମସିହାରୁ ସ୍ୱାମୀଙ୍କ ସର୍ପଘାତରେ ମୃତ୍ୟୁ ପରେ ଅନ୍ୟ ବିଲରେ ଜଗୁଆଳି ହୋଇ ପରିବାର ଚଳାଉଥିଲେ । ସେ ସରକାର ଙ୍କ ରାସନ କାର୍ଡ ଯୋଜନା ରୁ ବଞ୍ଚିତ ଥିଲେ । ସାମାଜିକ କର୍ମୀ ରାଜକିଶୋର ପାତ୍ରଙ୍କ ସୂଚନାରେ ରଥ ବାବୁ ନିଜେ ଯାଇ ପରିସ୍ଥିତି ଦେଖି ସେହି ମହିଳାଙ୍କ ହାତେ ରାସନ କାର୍ଡ ଯୋଗାଇବା ସହିତ ପୁଷ୍ପାଞ୍ଜଳି ଙ୍କୁ ମଧ୍ୟ ଗତକାଲି ରାସନ କାର୍ଡ ଯୋଗାଇଛନ୍ତି। ମାତ୍ର ଏତିକି ନୁହେଁ କରୁଣ ସ୍ଥିତି କୁ ଦେଖି ସେ ନିଜ ପକେଟରୁ ଆର୍ଥିକ ସହାୟତା ଦେଇ ଏହି ଦୁଇ ମହିଳାଙ୍କୁ ନୂଆ ଆଶା ଦେଇଛନ୍ତି। ବିଗତ ଦୁଇ ବର୍ଷରେ ଏପରି ଅନେକ ଅସହାୟ, ଭିନ୍ନକ୍ଷମ ଓ ଗରିବ ଲୋକଙ୍କୁ ସେ ନିଜ ଉଦ୍ୟମରେ ରାସନ କାର୍ଡ ଯୋଗାଇଛନ୍ତି। ସତେଜ ମନ, ସେବାଭାବ ଓ ମାନବତାର ପ୍ରତିକ ରଥ ବାବୁ ଆଜି ଅନେକଙ୍କ ମନରେ ଏକ ପ୍ରେରଣା । ସମସ୍ତେ କୁହୁଛନ୍ତି ଅଫିସର ହେବ ତ 'ରଥ ବାବୁ'ଙ୍କ ପରି ।

# ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଯାତାୟାତ ପାଇଁ ଖୋଲା

ଜମ୍ମୁ, ୧୦/୧୦: ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଶୁକ୍ରବାର ଦିନ ଯାତାୟାତ ।ଇଁ ଖୋଲିଛି। ତଥାପି ଛୋଟ ଏବଂ ବଡ଼ ଯାନବାହନ ପାଇଁ ରାଜଥ ଏକପାଖିଆ ଖୋଲା ରହିଛି। ସୂଚନା ଅନୁଯାୟୀଆଜି ଛୋଟ ଯାନବାହାନକୁ କେବଳ ଶ୍ରୀନଗରରୁ ଜମ୍ମୁକୁ ଚଳାଚଳ କରିବାକୁ ଅନୁମତି ଦିଆଯାଉଛି। ଛୋଟ ଯାନବାହନକୁ ସକାଳ ୭:୦୦ ରୁ ସକାଳ ୧୦:୦୦ ର୍ଯ୍ୟନ୍ତ ଚଳାଚଳ କରିବାକୁ ଅନୁମତି ଦିଆଯାଇଥିବାବେଳେ ବଡ ଯାନବାହାନକୁ ଜାମ୍ମୁରୁ ଶ୍ରୀନଗର । ଛୋଟ ଯାନବାହନକୁ ସକାଳ ପରେ ଜମ୍ମୁରୁ ଶ୍ରୀନଗର ଛୋଟ ଯାନବାହାନ ପରେଯିବାକୁ ଅନୁମତି ଦିଆଯାଉଛି ।ଏହି ନିଷ୍ପତ୍ତି ସତର୍କତାମୂଳକ ପଦକ୍ଷେ ଭାବରେ ନିଆଯାଇଛି କାରଣ କିଛି ସ୍ଥାନରେ ରାସ୍ତା ଏବେ ବି କ୍ଷତିଗ୍ରସ୍ତ ହୋଇଛି। ରାଜପଥକୁ ସମ୍ପୂର୍ଣ୍ଣ ୁନଃସ୍ଥାପିତ କରିବାକୁ କିଛି ଦିନ ଲାଗିପାରେ। ମୁଗଲ୍ ରୋଡରେ ଛୋଟ ଯାନବାହନ ଚଳାଚଳ ପାଇଁ ଖୋଲା ଅଛି।

# ବରିଷ୍ଠ ନାଗରିକ ଦିବସ ପାଳନ ସମାରୋହ -୨୦୨୫ କାର୍ଯ୍ୟକ୍ରମ ଅୟୋଜିତ




ବେତନଟୀ, ୧୦/୧୦ (ନି.ପ୍ର): ବେତନଟୀ ବ୍ଲକ ସଭାଗୃହରେ ପଞ୍ଚାୟତିରାଜ ବିଭାଗ ଦ୍ୱାରା ପରିଚାଳିତ ଓଡିଶା ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳନ ସମାରୋହ -୨୦୨୫ କାର୍ଯ୍ୟକ୍ରମ ଶୁକ୍ରବାର ଅୟୋଜିତ ହୋଇଯାଇଛି। ବେତନଟୀ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି ମଞ୍ଚାସୀନ ଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୁଦ୍ରନାରାୟଣ ସିଂହଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ସୁଶାନ୍ତ କୁମାର ସୂତାର ପରିଚାଳନା ଦାୟୀତ୍ୱ ତୁଲାଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ତଥା ସିଭିଲ ସୋସାଇଟିର ସଭାପତି ବିଶିଷ୍ଟ ଶିକ୍ଷାବିତ୍ ୯୩ବର୍ଷୀୟ ଚୂଡାମଣି ମହାପାତ୍ରଙ୍କ ସମେତ ୩୫ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ବେତନଟୀ ବ୍ଲକ ଶିକ୍ଷାଅଧିକାରୀ ବିପ୍ଳବ କର ପ୍ରମୁଖ ଅତିଥି ଅଧିକାରୀଗଣ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେତନଟୀର ବରିଷ୍ଠ ନାଗରିକସଂଘ, ସିଭିଲ ସୋସାଇଟି, ଅବସରପ୍ରାପ୍ତ କର୍ମଚାରୀସଂଘର କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ ସଦସ୍ୟଙ୍କ ସମେତ ବହୁ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ନାଗରିକ ଦିବସ ପରିପ୍ରେକ୍ଷୀରେ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ନେଇ 'ପରିବର୍ତ୍ତନଶୀଳ ବିଶ୍ୱରେ ବରିଷ୍ଠ ନାଗରିକଙ୍କ ସ୍ଥିରତା' ଶୀର୍ଷକ ଉପରେ ଆୟୋଜିତ ପ୍ରବନ୍ଧଲିଖନ ପ୍ରତିଯୋଗିତାରେ ବେତନଟୀ ବ୍ଲକର ବିଭିନ୍ନ ସ୍କୁଲ ମାନଙ୍କୁ ଶତାଦ୍ଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ବିଚାରକ ମଣ୍ଡଳୀ ଦ୍ୱାରା ଯୋଗ୍ୟ ବିବେଚିତ ପ୍ରବନ୍ଧ ଗୁଡିକର କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ସାର୍ଟିଫିକେଟ ଏବଂ ପୁସ୍ତକ ଦେଇ ପୁରସ୍କୃତ ପୂର୍ବକ ଉତ୍ସାହିତ କରାଯାଇଥିଲା। ଏହି ବ୍ଲକସ୍ତରୀୟ ପ୍ରବନ୍ଧଲିଖନ ପ୍ରତିଯୋଗିତାରେ ବେତନଟୀ ଉପକଣ୍ଠ ଗରୁଡବସାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ରାଜେଶ ମଢୁଆଳ, ପିଏମଶ୍ରୀ ଏମପିସି ହାଇସ୍କୁଲର ଦିବ୍ୟଜ୍ୟୋତି ମିଶ୍ର ଏବଂ ଆମଗଡିଆ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ହେମଲତା ପାଣି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟସ୍ଥାନ ଅଧିକାର କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକଙ୍କୁ ନେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଞ୍ଚାସୀନ ଅତିଥିଅଧୀକାରୀଗଣ ନିଜନିଜର ବକ୍ତବ୍ୟ ଉପସ୍ଥାପନ କରିଥିବା ବେଳେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଶିକ୍ଷାବିତ ଅମରେନ୍ଦ୍ରନାଥ ଦାସ, ବାସୁଦେବ ନାପିତଙ୍କ ସମେତ ଅନ୍ୟମାନେ ନିଜନିଜର ସମ୍ୟକ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ପରିଚାଳନାରେ ବ୍ଲକ ସାମାଜିକ ସୁରକ୍ଷା ବିଭାଗର ନିହାର କେଶରୀ ମହାନ୍ତି ଏବଂ ବ୍ଲକର ଅନ୍ୟାନ୍ୟ କର୍ମଚାରୀ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ।

# ସରକାରଙ୍କର ବନ୍ଦ ହୋଇଥିବା ମଦଦୋକାନ ଖୋଲିବା ବିରୁଦ୍ଧରେ 'ମନା'ର ପ୍ରତିବାଦ



ବାଲେଶ୍ୱର, ୧୦/୧୦ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ (ମନା) ବାଲେଶ୍ୱରର ମାସିକ ବୈଠକ ଅପରାହ୍ନ ଘ ୪.୩୦ ମିନିଟ୍‌ରେ ନେଳିଆବାଗସ୍ଥିତ ଅଫିସ୍‌ଗୃହରେ ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ତରଫରୁ ବାଲେଶ୍ୱର ଜିଲ୍ଲାରେ ବନ୍ଦ ହୋଇଥିବା ୧୭ଟି ମଦ ଦୋକାନ ପୁଣି ଖୋଲାଯିବା ପ୍ରସ୍ତାବ ବିରୋଧରେ ବୈଠକରେ ଆଲୋଚନା କରାଯାଇଥିଲା। ଏହାକୁ ବିରୋଧ କରି ସରକାରଙ୍କୁ ଏ ସମ୍ବନ୍ଧରେ ଏକ ସ୍ମାରକପତ୍ର ଦେବାପାଇଁ ସିଦ୍ଧାନ୍ତ ନିଆଗଲା। ଉକ୍ତ ବୈଠକରେ ବରିଷ୍ଠ ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ସମ୍ପାଦିକା ସୁଶ୍ରୀ ଗୀତାଞ୍ଜଳି ସିଂହ, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଲକ୍ଷ୍ମଣ ଚରଣ ବିଶ୍ୱାଳ, ପ୍ରଭାକର ସାହୁ (ଖ), ସୁନାମଣି ଜେନା, ରବିନାରାୟଣ ଭୋଳ, ଶଚୀନ୍ଦ୍ର ଦାସ, ସନାତନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବେଣୁଧର ସାହୁ ଧନ୍ୟବାଦ ଦେଇଥିଲେ।

# ଚୀନରେ ଚମକିଲେ ଏବେ ପାଳି ଶ୍ରୀଲଙ୍କାରେ: ଇତିହାସ ରଚିଲେ ସନ୍ଧ୍ୟା



ବାରିପଦା , ୧୦/୧୦ (ନି.ପ୍ର): ଶ୍ରୀଲଙ୍କାର କୋଲମ୍ବ ଠାରେ ଅନୁଷ୍ଠିତ ହେବାକୁ ଥିବା ଏସିଆ ରଗବୀ ଏମିରେଟ୍ସ ସେଭେନ ସିରିଜ ୨୦୨୫ - ଲେଗ ୨ ରେ ଖେଳିବା ପାଇଁ ଭାରତୀୟ ବରିଷ୍ଠ ମହିଳା ଦଳରେ ସ୍ଥାନ ପାଇଛନ୍ତି ମୟୁରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ ଓ ଗତ ମାସ ଚୀନ ଠାରେ ଅନୁଷ୍ଠିତ ଲେଗ ୧ ସିରିଜରେ ପ୍ରଥମ ଥର ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ୨୧ ବର୍ଷୀୟା ସନ୍ଧ୍ୟାରାଣୀ ସର୍ବାଧିକ ୨୪ ପଏଣ୍ଟ ହାସଲ କରି ଇତିହାସ ରଚିଥିଲେ ଓ ତାଙ୍କର ଚମତ୍କାର ଖେଳ ପ୍ରଦର୍ଶନ ପାଇଁ ଭାରତୀୟ ଦଳ ଏସିଆରେ ୧୦ମ ସ୍ଥାନରୁ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇପାରିଥିଲା ଓ ଏବେ ସେ ପୁଣିଥରେ ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ମୟୁରଭଞ୍ଜରେ ଖୁସିର ଲହରୀ ଖେଳି ଯାଇଛି । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଣୀଭୋଳରେ ପାଠ ପଢୁଥିବା ବେଳେ ରୁପାଲୀ ସୋରେନଙ୍କ ତତ୍ତ୍ୱାବଧାନରେ ରଗବୀ ଖେଳ ଆରମ୍ଭ କରି ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ସହାୟତାରେ ଜାତୀୟ ସ୍ତରରେ ଖେଳିବାର ସୌଭାଗ୍ୟ ଅର୍ଜନ କରିଥିଲେ ସନ୍ଧ୍ୟା ଓ ୨୦୨୩ ଓ ୨୦୨୫ ମସିହାରେ ଜାତୀୟ କ୍ରୀଡାରେ ଓଡିଶା ପାଇଁ ସ୍ୱର୍ଣ୍ଣ ପଦକ ଆଣିବାରେ ସନ୍ଧ୍ୟାଙ୍କର ଭୂମିକା ଉଲ୍ଲେଖନୀୟ ଥିଲା ଓ ଫ୍ରାନ୍ସଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସ୍ତରୀୟ ରଗ୍ବୀ ପ୍ରତିଯୋଗିତା - ୨୦୨୪ ରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳରେ ସ୍ଥାନ ପାଇ ଆମ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଥିଲେ ଓ ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ କହିଛନ୍ତି ସନ୍ଧ୍ୟାଙ୍କ ସଫଳତାର କାହାଣୀ ଆଗାମୀ ପୀଢ଼ିକୁ ପ୍ରେରଣା ଯୋଗାଉଥିବ । ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ଭଞ୍ଜସେନା ର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଡିଭାଇନ ଅନୁଷ୍ଠାନର ନିର୍ଦ୍ଦେଶକ ବିପ୍ଳବ ଭଂଜନ ଭୁଗୁଡେଇ, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣୀସେନ ନାୟକ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି ।

# କୋରଡେଟ୍‌ର ୪୮ତମ ପ୍ରତିଷ୍ଠା ଦିବସ ଓ କୃଷକ ସମାବେଶ ଆୟୋଜିତ




ପାରାଦୀପ, ୧୦/୧୦ (ନି.ପ୍ର): କୋରଡେଟ୍‌ର ୪୮ତମ ପ୍ରତିଷ୍ଠା ଦିବସ ଇଫକୋ ପରିସରରେ ଆୟୋଜିତ ହୋଇଯାଇଛି । ବିଶ୍ୱର ସର୍ବ ବୃହତ୍ତ ସମବାୟ ଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ଓ କୋଟଡେଟ୍ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଇଫକୋ ୟୁନିଟ୍ ହେଡ୍ ପି.କେ.ମହାପାତ୍ର ଉଦଘାଟନ କରିଥିଲେ । ଦେଶର ଆଗାମୀ ପିଢି ପାଇଁ ଇଫକୋର ନାନୋ ଫର୍ଟିଲାଇଜର ବେଶ୍ ଉପଯୋଗୀ ହେବ । ଉଭୟ ଜଳବାୟୁ, ପରିବେଶ ଓ ମୃର୍ତ୍ତିକା ପାଇଁ ଇଫକୋ ନାନୋ ଫର୍ଟିଲାଇଜର କୃଷକମାନଙ୍କ ପାଇଁ ଆର୍ଥିକ ଓ ପରିବେଶ ସୁରକ୍ଷା ଦେଇ ପାରୁଛି ବୋଲି ମୁଖ୍ୟଅତିଥି ଶ୍ରୀ ମହାପାତ୍ର କହିଥିଲେ । ସମାରୋହରେ ଅନ୍ୟତମ ଅତିଥି ଭାବେ ଓୟୁଏଟିର ପ୍ରଫେସର ଡ. ଆର.ଏନ. ନାୟକ ଯୋଗ ଦେଇ ଓଡିଶାର ମୃର୍ତ୍ତିକା ସମ୍ବନ୍ଧରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ୟତମ ଅତିଥି ଭାବେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କଟକର ବରିଷ୍ଠ ବୈଜ୍ଞାନିକ ଡ. ସଙ୍ଗୀତା ମହାନ୍ତି, ମହାକାଳପଡାର ବ୍ଲକ୍ କୃଷି ଅଧିକାରୀ ପ୍ରଦୋଶ କୁମାର ବେହେରା, କୁଜଙ୍ଗ ବ୍ଲକ୍ କୃଷି ଅଧିକାରୀ ସୀତାରତ୍ନମାଳି ଦାସ ଯୋଗ ଦେଇଥିଲେ । ଇଫକୋର ମାର୍କେଟିଂ ବିଭାଗର କ୍ଷେତ୍ର ଅଧିକାରୀ ସନ୍ଧ୍ୟାରାଣି ବେହେରା ଯୋଗ ଇଫକୋ ପକ୍ଷରୁ କୃଷି ନିମନ୍ତେ ୭୫ଟି ଡ୍ରୋନ୍ ବନ କରାଯାଇଥିବା ନେଇ ସୂଚନା ଦେଇଥିଲେ । କୋରଡେଟ୍‌ର ଅଧକ୍ଷ କୁଳମଣି ମାଝୀ କୋରଡେଟ୍ କୃଷକ ସମାଜ ନିମନ୍ତେ ସର୍ବଦା କାର୍ଯ୍ୟ କରି ଆସୁଥିବା ନେଇ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜୟନ୍ତ ଜେନା ପରିଚାଳନା କରିଥିଲେ । ଅନ୍ୟତମ ଅତିଥି ଭାବେ ନାନୋର ସାଧାରଣ ପ୍ରବନ୍ଧକ ଏସ.ପି.ରଥ, ଯୁଗ୍ମ ପ୍ରବନ୍ଧକ ବି.କେ.ମିଶ୍ର, ମୁଖ୍ୟ ପ୍ରବନ୍ଧକ ରାକେଶ ପାଣ୍ଡେ, ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ଯୋଗ ଦେଇଥିଲେ । ୨୫୦ ଜଣ କୃଷକ ଏହି ସମାବେଶରେ ଯୋଗ ଦେଇଥିଲେ । ଏହି କୃଷକମାନଙ୍କୁ ଇଫକୋ ପକ୍ଷରୁ ନାନୋ ଫର୍ଟିଲାଇଜର ବନ କରାଯାଇଥିଲା।

# ରୟାଲ ଅଷ୍ଟ୍ରେଲିଆ ନୌସେନାର ମୁଖ୍ୟ ଘାଟି ପରିଦର୍ଶନ କଲେ ରାଜନାଥ ସିଂହ

ନୂଆଦିଲ୍ଲୀ,୧୦/୧୦ : ଭାରତର ରକ୍ଷାମନ୍ତ୍ରୀ ରାଜନାଥ ସିଂହ ଅଷ୍ଟ୍ରେଲିଆ ନିଜର ଦୁଇ ଦିନିଆ ସରକାରୀ ଗସ୍ତର ଶେଷ ଦିନରେ ଆଜି ସକାଳେ ସିଡନୀରେ ପହଞ୍ଚିଥିଲେ। ସିଂହ ଏଠାରେ ଅବସ୍ଥିତ ଏଚଏମଏଏସ କୁଓାବୁଲ ନୌସେନାର ମୁଖ୍ୟ ଘାଟି ।ଏହି ପ୍ରମୁଖ ଘାଟି ପାଟ୍ସ ପଏଣ୍ଟରେ ଅବସ୍ଥିତ। ରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ଫ୍ଲିଟ୍ ବେସ୍ ଇଷ୍ଟର ଜଳ ପରିଦର୍ଶନ ମଧ୍ୟ କରିଥିଲେ। ସେ ଫ୍ଲିଟ୍ ବେସ୍ ଇଷ୍ଟ ଗସ୍ତ ସମୟରେସେ ଅଷ୍ଟ୍ରେଲିଆର ନୌସେନା ଅଭିଯାନ ଏବଂ ସାମୁଦ୍ରିକ ପ୍ରସ୍ତୁତି ବିଷୟରେ ଅନ୍ତର୍ଦୃଷ୍ଟି ହାସଲ କରିଥିଲେ।ଏହା ପୂର୍ବରୁସିଂହ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଅଷ୍ଟ୍ରେଲିଆ ଗସ୍ତର କିଛି ଫଟୋ ଏବଂ ବିବରଣୀ ସେୟାର କରିଥିଲେ।

# ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନ : ପାରାଦୀପ ବନ୍ଦରକୁ ମିଳିଲା ହାଇଡ୍ରୋଜେନ ହବ୍‌ର ମାନ୍ୟତା

ପାରାଦୀପ, ୧୦/୧୦ (ନି.ପ୍ର): ଭାରତ ସରକାରଙ୍କ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନ ଅଧୀନରେ ପାରଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଆନୁଷ୍ଠାନିକ ଭାବେ ଏକ ସବୁଜ ହାଇଡ୍ରୋଜେନ୍ ହବ୍ ଭାବରେ ସ୍ୱୀକୃତି ମିଳିଛି । ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ବର୍ତ୍ତମାନ ଏକ ସବୁଜ ହାଇଡ୍ରୋଜେନ୍ ହବ୍ ଭାବରେ ନାମିତ କରାଯାଇଛି । ଏହାକୁ ଭାରତର ସ୍ୱଚ୍ଛ ଶକ୍ତି ଏବଂ ଡିକାର୍ବୋନାଇଜେସନ୍ ପ୍ରୟାସର ଅଗ୍ରଭାଗରେ ସ୍ଥାନିତ କରାଯାଇଛି । ନୂତନ ଏବଂ ନବୀକରଣ ଶକ୍ତି ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଅଧୀନରେ ଏହି ସ୍ୱୀକୃତି ପାରାଦୀପ ବନ୍ଦରକୁ ମିଳିଛି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯୋଜନାରୁ ପ୍ରୋତ୍ସାହନ ଏବଂ ଲାଭ ପାଇବା ପାଇଁ ହବ୍ ?ରେ ପ୍ରକଳ୍ପଗୁଡିକୁ ସକ୍ଷମ କରିଥାଏ । ସବୁଜ ହାଇଡ୍ରୋଜେନ୍ ହବ୍ ହାଇଡ୍ରୋଜେନ୍ ଉତ୍ପାଦନ, ସଂରକ୍ଷଣ, ପରିବହନ ଏବଂ ଶେଷ-ବ୍ୟବହାର ପ୍ରୟୋଗ ପାଇଁ ସମନ୍ୱିତ କେନ୍ଦ୍ର ଭାବରେ କାର୍ଯ୍ୟ କରିବ । ପାରାଦୀପ ବନ୍ଦର ରଣନୈତିକ ସ୍ଥାନ ଏବଂ ବର୍ତ୍ତମାନର ଭିତ୍ତି ଭୂମିକୁ ବଡ ପରିମାଣର ହାଇଡ୍ରୋଜେନ୍ ଉତ୍ପାଦନ ଏବଂ ରପ୍ତାନୀ କରିବାକୁ ସାମର୍ଥ୍ୟ ହୋଇ ପାରିବ । ଏହି ପଦକ୍ଷେପ ଭାରତକୁ ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ, ବ୍ୟବହାର ଏବଂ ରପ୍ତାନୀ ପାଇଁ ଏକ ବିଶ୍ୱବ୍ୟାପୀ ହବ୍ କରିବା ପାଇଁ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନର ଲକ୍ଷ୍ୟ ସହିତ ପାରାଦୀପ ବନ୍ଦର ଭାରତର ସ୍ଥାୟୀ ଅଭିବୃଦ୍ଧି, ସ୍ୱଚ୍ଛ ଶକ୍ତି ଗ୍ରହଣ ଏବଂ ସାମୁଦ୍ରିକ ନେତୃତ୍ୱାଧିନ ଆର୍ଥିକ ବିକାଶରେ ଯୋଗ ଦାନ କରି ପାରିବ । ଏହି ମାନ୍ୟତା ମିଳିବା ପରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ କହିଛନ୍ତି ଏକ ସବୁଜ ହାଇଡ୍ରୋଜେନ୍ ହବ୍ ଭାବରେ ମାନ୍ୟତା ପାଇବା ପାଇଁ ଆମେ ସମନ୍ୱିତ ଦେଶର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ କୁ ସମର୍ଥନ କରିବା ଏବଂ ଭାରତର ଡିକାର୍ବନାଇଜେସନ୍ ଯାତ୍ରାରେ ଯୋଗ ଦେବା ପାଇଁ ପାରାଦୀପ ବନ୍ଦର ଏହାର ଭିତ୍ତିଭୂମି ଏବଂ ରଣନୈତିକ ସମ୍ମାନିତ ଦେଶର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ କୁ ସମର୍ଥନ କରିବା ଏବଂ ଭାରତର ଡିକାର୍ବନାଇଜେସନ୍ ଯାତ୍ରାରେ ଯୋଗଦାନ ଦେବା ପାଇଁ ପାରାଦୀପ ବନ୍ଦର ଏହାର ଭିତ୍ତିଭୂମି ଏବଂ ରଣନୈତିକ ସ୍ଥାନକୁ ବ୍ୟବହାର କରିବ।

# ଛିଡ଼ା ହୋଇଥିବା ହାଇୱାରୁ ତେଲ ଚୋରି ନେଇ ଅଭିଯୋଗ



ବସ୍ତା , ୧୦/୧୦ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥର ଗୋଡ଼ିଖାଳ ବାଘବଜାର ଛକ ନିକଟରେ ଛିଡ଼ା ହୋଇଥିବା ଏକ ହାଇୱାରୁ ତେଲ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲା ମଙ୍ଗଳପୁର ଅଞ୍ଚଳର ପ୍ରଭାତ ଜେନା(୨୧) ଓ ବସ୍ତା ଥାନା ଚୋରପଦା ଗ୍ରାମର ସରୋଜ ଦାସ ଓଡ଼ି ୦୧ଏପି ୨୦୮୫ ନମ୍ବର ବିଶିଷ୍ଟ ଏକ ହାଇୱାର ଚାଳକ ଏବଂ ଖଲାସୀ ଭାବେ କାର୍ଯ୍ୟ କରନ୍ତି। ଗତକାଲି ରାତିରେ ପ୍ରଭାତ ଗାଡ଼ି ଭିତରେ ଶୋଇଥିବା ସମୟରେ ରାତି ପ୍ରାୟ ଦେଢଟା ପାଖା ପାଖିରେ ଗାଡ଼ିରୁ କୌଣସି ପ୍ରକାରର ଏକ ଶବ୍ଦ ଶୁଣିବାକୁ ପାଇଥିଲେ। ଉଠି ଦେଖିବା ବେଳକୁ ଜଣେ ଅଜଣା ବ୍ୟକ୍ତି ବ୍ୟାରେଲ ଯୋଗେ ଗାଡ଼ିଟିରୁ ତେଲ ଚୋରି କରିନେଇ ଦୌଡ଼ିବାର ଦେଖିବାକୁ ପାଇଥିଲେ। ପ୍ରଭାତ ବୁଲି ପଡ଼ିବାରୁ ଅନ୍ୟ ଜଣ ଦୁର୍ବୃତ୍ତ ଦୌଡ଼ିଯାଇ ଗୋଟିଏ ଗାଡ଼ିରେ ବସି ଦ୍ରୁତଗତିରେ ପଳେଇ ଯିବାର ଦେଖିବାକୁ ପାଇଥିଲେ। ସେ ତୁରନ୍ତ ହାଇୱା ଚାଳକ ସରୋଜଙ୍କୁ ଫୋନ ଯୋଗେ ସବୁକଥା କହିଥିଲେ। ଦୁହେଁ ଆସି ଦେଖନ୍ତି ତ ଦୁର୍ବୃତ୍ତ ମାନେ ଘଟଣା ସ୍ଥଳରେ ଗୋଟିଏ ପୂର୍ଣମାତ୍ରାରେ ଭର୍ତ୍ତି ବ୍ୟାରେଲ, ଅନ୍ୟ ଗୋଟିଏ ଅଧାଭର୍ତ୍ତି ବ୍ୟାରେଲ, ବ୍ୟାଗ, ତେଲ ଭର୍ତ୍ତି ପାଇଁ ବ୍ୟବହୃତ ୩ଟି ପାଇପ, ପ୍ଲାସ, ଦାଆ ଓ ଦଉଡ଼ି ଆଦି ଛାଡ଼ି ଯାଇଛନ୍ତି। ଘଟଣା ସମ୍ପର୍କରେ ପ୍ରଭାତ ଜାତୀୟ ରାଜପଥ ପହରା ପୁଲିସ ଓ ଅମର୍ଦ୍ଦାରୋଡ଼ ଫାଣ୍ଡି ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ଉକ୍ତ ଚୋରିରେ ସ୍ଥାନୀୟ କିଛି ଯୁବକଙ୍କ ସଂପୃକ୍ତି ଥିବା ସରୋଜ ପୂର୍ବାନୁମାନ କରି ପୁଲିସକୁ ଜଣାଇଛନ୍ତି।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ , ୧୦/୧୦ (ନି.ପ୍ର): ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ପୁନର୍ବାସ ଓ ଅନୁସନ୍ଧାନ କେନ୍ଦ୍ର (ସିଆରଏସ୍ଆର) ପରିସରରେ ମାନସିକ ରୋଗୀ ଓ ମାନସିକ ଅନଗ୍ରସର ତଥା ମାନସିକ ପ୍ରତିବନ୍ଧକତା ସମ୍ବନ୍ଧରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଭଦ୍ରକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧକ୍ଷ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱ ମାନସିକ ଦିବସ ପାଳିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ଶ୍ରୀ ପୂଣ୍ୟଶ୍ଳୋକ ରଥଙ୍କ ଅଧକ୍ଷତାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପରିପ୍ରେକ୍ଷୀରେ ଏକ ଆଇନ୍ ସଚତେନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମ୍ମାନିତ ଅତିଥିଭାବେ ସି.ଆର.ଏସ୍.ଆର.ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ଼. ଭଗବାନ ପରିଡ଼ା, ଅଧକ୍ଷ ଡ଼. ଅରୁଣ ଲେଙ୍କା, ଏଲ.ଏ.ସି. ପ୍ରତିପକ୍ଷ ଅଧିବକ୍ତା ଡ଼. ତାପସ କୁମାର ମହାନ୍ତି ଓ ବି.ଆର.ଏସ୍.ଆର. ର ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ଅନ୍ୟ ବିଭାଗୀୟ ଡ଼ାକ୍ତର ଉପସ୍ଥିତ ରହି ଆଜିର ଏହି ସଚେତନତା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଉକ୍ତ ପରିପ୍ରେକ୍ଷୀରେ ମାନସିକ ରୋଗୀ ଓ ଅନଗ୍ରସର ବ୍ୟକ୍ତିଙ୍କ ପାଇଁ ଉର୍ଦ୍ଦିଷ୍ଟ ଆଇନଗତ ଅଧିକାର ଓ ଅଭିଭାବକମାନେ କିପରି ଏହି ବିଷୟରେ ଅବଗତ ଓ ଉପକୃତ ହେବେ ତାହା ଭଦ୍ରକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସହ ଯୋଗାଯୋଗ କରିପାରିବେ ବୋଲି ଉଚିତ୍ ପରାମର୍ଶ ବିଶେଷକରି ସଚିବ ପୂଣ୍ୟଶ୍ଳୋକ ରଥ ମହୋଦୟ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପ୍ରାୟ ୧୫ଜଣ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ପ୍ରକାର ଆବଶ୍ୟକୀୟ ଉପକରଣ ଯଥା ଟ୍ରାଇସାଇକେଲ (ବ୍ୟାଟେରୀ ଚାଳିତ), ହୁଇଲଚେୟାର, କୃତ୍ରୀମ ଅଙ୍ଗ, ଆଶାବାଡ଼ି ଇତ୍ୟାଦି ବଣ୍ଟନ କରାଯାଇଥିଲା । ଶେଷରେ ଡ଼. ଭଗବାନ ପରିଡ଼ା, ସି.ଆର.ଏସ୍.ଆର.ର ମାନସିକ ରୋଗୀ ତଥା ମାନସିକ ପ୍ରତିବନ୍ଧକତା ଉପରେ ବିଶେଷ ଟିପଣୀ ଓ ଅଭିଭାବକଙ୍କର ଭୂମିକା ତଥା ନିଜର ଅଭିଜ୍ଞତା ବ୍ୟାଖା କରିଥିଲେ ଓ ଜିଲ୍ଲା ଆଇନସେବା ପ୍ରାଧିକରଣର ଭୂମିକା ଓ ସମସ୍ତ କର୍ମଚାରୀମାନେ ଉକ୍ତ କାର୍ଯ୍ୟକ୍ରମଟିକୁ ସଫଳ ରୂପାୟନ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗବେଷଣା ପରିଷଦ ଓ ଭାଷାବିକାଶର 'କାନ୍ତକବି ବିମର୍ଶ' ସଂପାନ




ବାଲେଶ୍ୱର, ୧୦/୧୦ (ନି.ପ୍ର): ଓଡ଼ିଆ ଗବେଷଣା ପରିଷଦ ଓ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ମିଳିତ ଆନୁକୂଲ୍ୟରେ ବାଲେଶ୍ୱରର ସ୍ରଷ୍ଟା ନାଟ୍ୟାଳୟ ସଭାଗୃହରେ 'କାନ୍ତକବି ବିମର୍ଶ' ଶୀର୍ଷକରେ ଏକ ସାହିତ୍ୟ ସଂପାନ ଗବେଷଣା ପରିଷଦର ଉପସଭାପତି ଡ. ଅସିତ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର କେବଳ ଜଣେ ସାହିତ୍ୟିକ ଭାବରେ ପ୍ରସିଦ୍ଧି ପାଇ ନ ଥିଲେ, ବରଂ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସଙ୍ଗୀତଜ୍ଞ, ଅଭିନେତା, ପତ୍ରିକା ସଂପାଦକ ଭାବରେ ମଧ ଓଡ଼ିଶାରେ ସ୍ମୃତିଚିହ୍ନ ରଖିଯାଇଛନ୍ତି ବୋଲି ଡ. ମହାନ୍ତି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଭାଷା ବିକାଶ ଆନ୍ଦୋଳନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସଙ୍ଗେସଙ୍ଗେ କାନ୍ତକବି ଜଣେ ଜାତୀୟତାବାଦୀ କବି ଭାବରେ ମସୀ ରୂପକ ଅସି ଚାଳନା କରି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ କିପରି ଅନୁପ୍ରେରିତ କରିଥିଲେ ତାହା ତାଙ୍କର ବିଭିନ୍ନ କବିତାକୁ ଉଦାହରଣ ଦେଇ ବୁଝାଇ ଦେଇଥିଲେ। ଗବେଷଣା ପରିଷଦର ସଂପାଦକ ଡ. ଗୌରାଙ୍ଗ ଚରଣ ଦାଶ ପରିଷଦର ବିଭିନ୍ନ ସଂପାନ ସଂପର୍କରେ ସୂଚନା ଦେବା ସଙ୍ଗେସଙ୍ଗେ କାନ୍ତକବିଙ୍କ ଚର୍ଚ୍ଚାକୁ କାହିଁକି ଗୁରୁତ୍ୱ ଦିଆଯାଇଛି ତାହା ପ୍ରକାଶ କରିଥିଲେ ଓ ଭାଷାବିକାଶର ସଂଗଠନ ସଂପାଦକ ତପନ ରାୟ ପ୍ରାକ୍ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଂପାନରେ ଡ. ଶିରୀଶଚନ୍ଦ୍ର ଜେନା ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯଥାକ୍ରମେ 'ଅସହଯୋଗର ଗୁମର କଥା: ଅସହଯୋଗୀର ଆତ୍ମକଥା' ଓ 'କିଣାମାମୁର ଆଦ୍ୟପ୍ରାନ୍ତ' ପ୍ରବନ୍ଧ ପାଠ କରି ଉଭୟ ଗ୍ରନ୍ଥ ସଂପର୍କରେ ତଥ୍ୟ ପ୍ରଦାନ କରିବା ସଙ୍ଗେସଙ୍ଗେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହି ପ୍ରବନ୍ଧ ପାଠକମାନେ ଉପସ୍ଥିତ ଥିବା ଶ୍ରୋତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ପ୍ରାରମ୍ଭରେ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ଗବେଷଣା ପରିଷଦ ସଂପର୍କିତ ଏକ ଆବାହନୀ ସଙ୍ଗୀତ ଶାନ୍ତିଲତା ପଣ୍ଡା, ଶାନ୍ତି ବିଶି, ଅର୍ଚ୍ଚନା କର, ବାସନ୍ତୀ ଦେ, କବିତା ଜେନା, ଅମିତା ଚାନ୍ଦ, ପୁଷ୍ପଲତା ଚକ୍ରବର୍ତ୍ତୀ ଓ ପ୍ରିୟାରାଣୀ ମଲ୍ଲିକ ସମବେତ କଣ୍ଠରେ ଗାନ କରିଥିଲେ। ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ। ଅନୁଷ୍ଠାନର ଦ୍ୱିତୀୟ ଅଧିବେଶନ ଉପସଭାପତି ନିବାରଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗବେଷଣା ପରିଷଦରୁ ଆସିଥିବା ଡ. ଗୋବିନ୍ଦ ଭୂୟାଁ, ଡ. ଗୌରହରି ମହାନ୍ତି, ଡ. ସୁରେନ୍ଦ୍ର ମିଶ୍ର ଓ ଗାଳ୍ପିକା ସୁନନ୍ଦା ପ୍ରଧାନ କାନ୍ତକବିଙ୍କ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ଭାବରେ ମଞ୍ଚାସୀନ ହୋଇଥିବା ଡ. ଭାଗବତ ପ୍ରସାଦ ଦାସ, ଅରୁଣା ରାୟ ଓ ନିରଂଜନ ରାଉତ ମଧ କାନ୍ତକବିଙ୍କ ସଂପର୍କରେ ଆଲୋଚନା କରିଥିଲେ। ଏହି ଆସରରେ ବକ୍ତବ୍ୟ ସହିତ କାନ୍ତକବିଙ୍କ ରଚନାରୁ 'ସବୁଥିରୁ ବଞ୍ଚିତ କରି' ଇତ୍ୟାଦି ଗୀତକୁ ଗାନ କରାଯାଇଥିଲା। ପ୍ରଭାକର ସାହୁ ପ୍ରମୁଖ କବିମାନେ କାନ୍ତକବିଙ୍କ ସଂପର୍କରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବି ଦୀପକ ବୋଷ ଶେଷ ବକ୍ତବ୍ୟ ଉପସ୍ଥାପନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଂଜନ ସାହୁ, ପ୍ରଦୀପ ଚାଟାର୍ଜୀ, ଶରତ କୁମାର ମହାପାତ୍ର, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ଡାକ୍ତର ଶାକ୍ୟସିଂହ ଦାସ, ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ଡ. କ୍ଷିତୀଶ୍ୱର ଦାଶ, ଦୀନବନ୍ଧୁ ଲେଙ୍କା, ପ୍ରଫୁଲ୍ଲ କୁମାର ଦାସ, ଉର୍ମିଳା ନାୟକ, ଦୀପକ ଦାସ, ଲମ୍ବୋଦର ନାୟକ, ବିଦ୍ୟାଧର ସାହୁ, କେଶୁ ଦାସ, ଡ. ହେମମାଳା ଦାଶ, ଡ. ଲକ୍ଷ୍ମଣ ଚରଣ ସାହୁ, ଗୋପାଳ ଜେନା, ରଜନୀକାନ୍ତ ବେହେରା, ବେଣୁଧର ସାହୁ, ମମତା ଦାସ, ନିରୁପମା ସେଠୀ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଉତ୍କଳମଣି ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସମାରୋହ

ଭଦ୍ରକ , ୧୦/୧୦ (ନି.ପ୍ର): ଉତ୍କଳମଣି ବରିଷ୍ଠ ନାଗରିକ ମଞ୍ଚ କଲେଇ ଗ୍ରାମପଞ୍ଚାୟତର ୪ର୍ଥ ଉତ୍କଳ ମଣି ଗୋପବଂଧୁ ଦାଶଙ୍କ ଜନ୍ମ ଜୟନ୍ତି ମହାସମାରୋହରେ ପାଳନ କରାଯିବା ପୂର୍ବରୁ ମୁଖ୍ୟ ଅତିଥି ପ୍ରବଚକ ପଣ୍ଡିତ ସଂଗ୍ରାମ ଆର୍ଯ୍ୟ, ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଲଲାଟେନ୍ଦୁ ମହାନ୍ତି, ସଂପାଦକ କୈଳାଶ ଚନ୍ଦ୍ର ମହାପାତ୍ର ଓ ଉକ୍ତ ଉତ୍କଳମଣି ବରିଷ୍ଠ ନାଗରିକ ମଞ୍ଚ ସଭାପତି ଜଗନ୍ନାଥ ରାୟ ପ୍ରଦୀପ ପ୍ରଜ୍ୱୋଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆର୍ଯ୍ୟ, ବରିଷ୍ଠ ନାଗରିକ ମାନଙ୍କର ସମାଜର ସେମାନଙ୍କ ସ୍ଥାନ ବହୁ ଉଚ୍ଚରେ ଥିଲାବେଳେ ବର୍ତ୍ତମାନ ପରିସ୍ଥିତିରେ ବହୁକ୍ଷେତ୍ରରେ ସେମାନଙ୍କ ପୁତ୍ର କନ୍ୟାମାନଙ୍କ ଦ୍ୱାରା ଉପେକ୍ଷିତ ହେବାର ଦେଖାଯାଉଛି। ସଭାପତି ରାୟ ତାଙ୍କ ବକ୍ତବ୍ୟରେ ଦର୍ଶାଇଥିଲେ ଶୃଙ୍ଖଳା ଅନୁଶାସନ ଓ ସଂସ୍କାର ଏଥିପାଇଁ ପିତାମାତାଙ୍କର ଜରୁରୀ ଆବଶ୍ୟକ। ଏଥିରୁ ବିଚ୍ୟୁତ ହେଲେ ପରିବାର ଉପରେ ଏହାର ପ୍ରଭାବ ପଡ଼ିବ। ଜିଲ୍ଲାସଂଘ ସଭାପତି ଏହି କ୍ରମରେ ତାଙ୍କର ବକ୍ତବ୍ୟ ରଖି କହିଥିଲେ ସମାଜରେ ବୟସ୍କମାନେ ମୂଲ୍ୟବାନ ଧାତୁ ସୁନାପରି ଓ ସମାଜପାଇଁ ସେମାନଙ୍କର ପରାମର୍ଶ ଅତି ମୂଲ୍ୟବାନ। ସଂଘ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର ବହୁ ମୂଲ୍ୟବାନ ପରାମର୍ଶ ଉପସ୍ଥାପନ କରିଥିଲେ। ସ୍ଥାନୀୟ ସରପଞ୍ଚ ନିରଞ୍ଜନ ମଲିକ ଉଦ୍‌ବୋଧନ ଦେଇ କହିଥିଲେ ସମସ୍ତ ପ୍ରକାର ସାହାଯ୍ୟ ଆମେ ଉକ୍ତ ଅନୁଷ୍ଠାନକୁ ଯୋଗାଇଦେବୁ। ସଭା ସଂଚାଳକ ବାବୁଲା ରାଉତ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଉପସଭାପତି ଗୌରଗୋପାଳ ଜେନା ଅତିଥି ପରିଚୟ ଓ ଶ୍ରୀ ସନାତନ ମହାକୁଡ଼ ବିବରଣୀ ପାଠ କରିଥିଲେ। କ୍ଷେତ୍ରବାସୀ ହାଇସ୍କୁଲର ପ୍ରଧାନଶିକ୍ଷକ ଭିମସେନ ପରିଡ଼ା କହିଥିଲେ ପିଲାମାନଙ୍କୁ ମୂଳରୁ ଗଠନ କରିବାରେ ଆମ ବରିଷ୍ଠମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ୨୦୨୫ ଓଡ଼ିଶା ସିଭିଲ ସର୍ଭିସ୍‌ରେ ଉର୍ତ୍ତିନ ହୋଇଥିବା ବଳଭଦ୍ରପୁର ଗ୍ରାମର ସ୍ୱର୍ଗତ ହୃଦାନନ୍ଦ ରାଉତଙ୍କ ନାତୁଣୀ ଓ ପ୍ରକାଶ କୁମାର ରାଉତଙ୍କ ସୁପୁତ୍ରୀ ସ୍ୱାତୀଦୀପା ରାଉତ ଓ.ଏ.ଏସ୍. ପାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ କଳା ସଂସ୍କୃତି କ୍ଷେତ୍ରରେ ପାରଦର୍ଶୀତା ଲାଭ କରି ବୃକ୍ଷରୋପଣ ଦିଗରେ ଗଛ ମଣିଷ ଭାବେ ପରିଚିତ ନିରଞ୍ଜନ ନାୟକ (ବାବୁ ନିରନ୍)ଙ୍କୁ ମଞ୍ଚ ପରକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ୪ର୍ଥ ବାର୍ଷିକକୁ ସରସ ସୁନ୍ଦର କରିବାରେ ମନୋଜ କୁମାର ରାୟଙ୍କ ଅବଦାନ ସ୍ମରଣୀୟ । ଏହି ସଭାରେ ସଂପାଦକ ସନାତନ ମହାକୁଡ଼, ବାଇଧର ବେହେରା, ଅଭିରାମ ବେହେରା, ଗୌରଗୋପାଳ ଜେନା ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ । ଦିପକ କୁମାର ନାୟକ, ଅସିମାନନ୍ଦ ରାୟ କାର୍ଯ୍ୟକ୍ରମକୁ ସୁଚାରୁରପେ ପରିଚାଳନା କରିଥିଲେ ।

# ଦଶ ବର୍ଷ ହେବ ଦରମା ପାଉନାହାନ୍ତି ପମ୍ପ ଡ୍ରାଇଭର




ଲଙ୍ଗଳେଶ୍ୱର, ୧୦/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଦେଉଳା ଗ୍ରାମପଞ୍ଚାୟତ ଚକ୍ରଧର ରାଉଳ ଜଣେ ଗରିବ ପମ୍ପ ଡ୍ରାଇଭର । ଦଶ ବର୍ଷ ହେବ ସେ ଦରମା ପାଉ ନାହାଁନ୍ତି। ଏବେ ସେ ଦରମା ପାଉ ନ ଥିବାରୁ ଦୁଃଖରେ ତାଙ୍କର ଜୀବନ ଅତିବାହିତ ହେଉଛି। ତେବେ ପଞ୍ଚାୟତର ସରପଞ୍ଚଙ୍କଠୁ ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କ ଠାରେ ହାରି ଗୁହାରୀ କରି ନିରାଶ ହୋଇ ଶେଷରେ ଗଣମାଧମର ନେଇଛନ୍ତି ସାହାରା। ସୂଚନାରୁ ପ୍ରକାଶ ଜାଠିଆ ଗ୍ରାମର ଚକ୍ରଧର ରାଉଳଙ୍କୁ ୨୦୧୬ ମସିହାରେ ଏ ସ ଇ ଏମ ଭାବରେ ତତ୍କାଳୀନ ସରପଞ୍ଚ ଅଜୟ ଭୂୟାଁ ପଞ୍ଚାୟତ ବୈଠକରେ ରିଜ୍ୟୁଲୋସନ କରି ନିଯୁକ୍ତି ଦେଇଥିଲେ। ତେବେ ସେବେଠାରୁ ଚକ୍ରଧର ଏସ ଇ ଏମ ସହ ପମ୍ପ ଡ୍ରାଇଭର ଭାବରେ ଅଦ୍ୟାବଧି କାମ କରୁଛନ୍ତି। ୨୦୧୭ ରେ ପଞ୍ଚାୟତ ନିର୍ବାଚନ ହୋଇଥିବା ବେଳେ କଂଗ୍ରେସ ଦଳ ସମର୍ଥିତ ସରପଞ୍ଚ ଦାୟିତ୍ୱ ନେଲେ। ୨୦୧୬ ରେ ବିଜେଡି ସମର୍ଥିତ ନିଯୁକ୍ତି ଦେଇଥିବା ବେଳେ ୨୦୧୭ ରେ ଚକ୍ରଧରକୁ ଉଦ୍ଦେଶ୍ୟ ମୂଳକ ଭାବରେ ଦରମା ଦେଲେ ନାହିଁ ତତ୍କାଳୀନ ସରପଞ୍ଚ ।ଫଳରେ କାମ କରୁଥିଲେ ମଧ ଅଦ୍ୟାବଧି ଦରମା ପାଇ ନାହାଁନ୍ତି ପମ୍ପ ଡ୍ରାଇଭର ଚକ୍ରଧର। ତେବେ ବିଗତ ପାଞ୍ଚବର୍ଷ ତତ୍କାଳୀନ କଂଗ୍ରେସ ଦଳର ସରପଞ୍ଚ ଥିବାବେଳେ ଏବେ ୨୦୨୨ ନିର୍ବାଚନରେ ବି କଂଗ୍ରେସ ଦଳର ସମର୍ଥିତ ସରପଞ୍ଚ ସରୋଜ ପିଳା ଅଦ୍ୟାବଧି ଦାୟିତ୍ୱରେ ଅଛନ୍ତି ।ତେବେ ତାଙ୍କ ଠାରେ ଦରମା ପାଇଁ ବାରମ୍ବାର ନିବେଦନ କରିଥିଲେ ମଧ ନିରାଶ ହୋଇଛନ୍ତି ଚକ୍ରଧର ।ଏବାଦଦରେ ବର୍ତ୍ତମାନର ସରପଞ୍ଚ ସରୋଜ ପିଳାଙ୍କ ମତ ହେଉଛି ଭିନ୍ନ ଧରଣର ।ସେ କହୁଛନ୍ତି ମୋ ସମୟରେ କାହାକୁ ମୁଁ ପମ୍ପ ଡ୍ରାଇଭର ଭାବରେ ନିଯୁକ୍ତି ଦେଇନାହିଁ। ଅଭିଯୋଗର ସତ୍ୟତା ନଥିବା ପ୍ରକାଶ କରିଛନ୍ତି। ରାଜନୈତିକ ଛକା ପନ୍ଝାରେ ଚକ୍ରଧର ରାଉଳଙ୍କ ଭାଗ୍ୟ ଭବିଷ୍ୟତ ଅନିଶ୍ଚିତତା ଆଡକୁ ଠେଲି ହୋଇଯିବା ପରେ ଚକ୍ରଧର ରାଉଳ କିନ୍ତୁ ଦଶ ବର୍ଷର କାର୍ଯ୍ୟ କରିବାର ଅର୍ଥ ଦାବିକରିବା ସହ ନ୍ୟାୟ ପାଇଁ ଗୁହାରୀ କରିଛନ୍ତି। ତେବେ ଚକ୍ରଧର ରାଉଳ ଙ୍କ କାର୍ଯ୍ୟ ଅତ୍ୟନ୍ତ ସନ୍ତୋଷଜନକ ବୋଲି ଗ୍ରାମବାସୀ କହିବା ସହ ତାଙ୍କୁ ତାଙ୍କର ପ୍ରାପ୍ୟ ଦେବାକୁ ଦାବି କରିଛନ୍ତି । ତେବେ ଜଣେ ବିଜେଡି ସମର୍ଥିତ ସରପଞ୍ଚ ସମୟର ନିଯୁକ୍ତି କୁ କଂଗ୍ରେସ ସମର୍ଥିତ ସରପଞ୍ଚ ନ ମାନିବା ଫଳରେ ଦଳୀୟ ମନୋଭାବ ଯୋଗୁଁ ଗୋଟିଏ ଗରିବ ପରିବାର ଆଜି କାର୍ଯ୍ୟ କରୁଥିବା ବେଳେ ଦରମା ନପାଇ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ତେବେ ଦେଖିବାକୁ ବାକି ରହିଲା ଚକ୍ରଧର ରାଉଳଙ୍କୁ କେବେ ମିଳୁଛି ନ୍ୟାୟ ? କେବେ ପାଉଛନ୍ତି ଦଶ ବର୍ଷର ବକେୟା ଦରମା ?

# ରାଷ୍ଟ୍ରପତି ମୁର୍ମୁ ପ୍ରଥମେ ଜ୍ୟୋତିର୍ଲିଙ୍ଗ ସୋମନାଥ ମହାଦେବଙ୍କୁ ଦର୍ଶନ କଲେ

ଗାନ୍ଧୀନଗର, ୧୦/୧୦ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଦିନ ବାର ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ପ୍ରଥମେ ସୋମନାଥ ମହାଦେବଙ୍କୁ ଦର୍ଶନ ଏବଂ ପୂଜା କରିଥିଲେ ଏବଂ ମହାଦେବଙ୍କ ପାଦ ତଳେ ମୁଣ୍ଡ ନୁଆଁଇଥିଲେ । ରାଷ୍ଟ୍ରପତି ଦେଶର ନାଗରିକଙ୍କ କଲ୍ୟାଣ, ସୁଖ ଏବଂ ସମୃଦ୍ଧି ପାଇଁ ପ୍ରଭୁ ସୋମନାଥ ଦାଦାଙ୍କ ନିକଟରେ ହୃଦୟର ସହିତ ପ୍ରାର୍ଥନା କରିଥିଲେ । ସେ ଭକ୍ତି,ମହିମା ଏବଂ ଦିବ୍ୟତାର ପ୍ରତୀକ ପ୍ରଥମ ଜ୍ୟୋତିର୍ଲିଙ୍ଗ ସମ୍ମୁଖରେ ଗଙ୍ଗା ଜଳ ଅର୍ପଣ କରିଥିଲେ ଏବଂ ମନ୍ତ୍ର ଜପ ମଧ୍ୟରେ ସୋମେଶ୍ୱର ମହାପୂଜା କରି ଧନ୍ୟ ଅନୁଭବ କରିଥିଲେ । ପୂର୍ବରୁ ସୋମନାଥ ମନ୍ଦିର ପରିସରରେ ପହଂଚିବା ପରେ ରାଷ୍ଟ୍ରପତିଙ୍କୁ ପର୍ଯ୍ୟଟନ ମନ୍ତ୍ରୀ ମୁଳୁଭାଇ ବେରା, ସୋମନାଥ ଟ୍ରଷ୍ଟର ଟ୍ରଷ୍ଟି ଏବଂ ରାଜ୍ୟ ପୂର୍ବତନ ମୁଖ୍ୟ ସଚିବ ପି. କେ. ଲାହେରୀ, ଟ୍ରଷ୍ଟି ଜେ. ଡ଼ି ପରମାର ଏବଂ ଟ୍ରଷ୍ଟ ସଚିବ ଯୋଗେନ୍ଦର ଦେଶାଇ ସ୍ୱାଗତ କରିଥିଲେ ।

# ଉଦଳାରେ ବରିଷ୍ଠ ନାଗରିକ ଦିବସ ପାଳିତ

ଉଦଳା, ୧୦/୧୦ (ନି.ପ୍ର): ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଆଜି ଅକ୍ଟୋବର ୧୦ ତାରିଖ ଶୁକ୍ରବାର ଦିନ ଉଦଳା ପଂଚାୟତ ସମିତି କାର୍ଯ୍ୟାଳୟର ବୈଠକ ଗୃହ ପରିସରରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପିଲାଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ସହିତ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟରତ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମୁରଲିଧର ଚାନ୍ଦ ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ଆଜିର ଏହିଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଛନ୍ତି । ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ପିତାମାତା ବୃଦ୍ଧ ହେଲେ ତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିଦେବା ଆମଦେଶର ସଂସ୍କୃତି ନୁହେଁ, ବିଦେଶି ଶିକ୍ଷାର ପ୍ରଭାବ ଯୋଗୁଁ ଆଜି ଆମଦେଶର ଶିକ୍ଷିତ ଯୁବକ ଯୁବତୀ ମାନେ ବୃଦ୍ଧାଶ୍ରମ କଥା ଚିନ୍ତା କରୁଛନ୍ତି । ଏହା ଏକ ବିକୃତ ମାନସିକତାର ଶବ୍ଦ ବୋଲି ସେ ବ୍ୟକ୍ତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଉଦଳା ପଂଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମରଜିତ କର ଓ ଅଧକ୍ଷା ମଂଜୁଲତା ବିଶ୍ୱାଳ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବରିଷ୍ଠ ନାଗରିକ ମାନଙ୍କୁ ହସଖୁସି ମଧ୍ୟରେ ବାନ୍ଧିରଖିବା ସହ ତାଙ୍କଠାରୁ ଆଶିର୍ବାଦ ଭିକ୍ଷା କରିବା ଆମର କର୍ତବ୍ୟ ହେବା ଉଚିତ ବୋଲି ଭାଷଣ ମାଧ୍ୟମରେ କହିଛନ୍ତି । ଏହାପରେ ବିଦ୍ୟାଳୟର ଛାତ୍ରଚାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ମନସ୍ୱିନି ଅଭିଲିପ୍ସା ମହାପାତ୍ର, ତନୁଶ୍ରୀ ଗିରି ଓ ବିଶ୍ୱଜିତ ନ ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତିୟ ଓ ତୃତୀୟସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ମାନପତ୍ର ଓ ଉପଢ୍ୱୌକନ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଛି ।

# ବିଧବାମାନଙ୍କ ମାନବାଧିକାର ସୁରକ୍ଷା ଉପରେ ପରାମର୍ଶ ପାଇଁ ଚିଠି

ଭୁବନେଶ୍ୱର, ୧୦/୧୦ (ନି.ପ୍ର): ବିଧବାମାନଙ୍କ ମାନବାଧିକାର ସୁରକ୍ଷା ଉପରେ ରାମର୍ଶ ପାଇଁ ଚିଠି । ସମସ୍ତ ଜିଲ୍ଲାରେ ବିଧବାମାନଙ୍କ ମାନବାଧିକାର ସୁରକ୍ଷା ପାଇଁ ପଦକ୍ଷେ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଜାରି ହୋଇଛି ନିର୍ଦ୍ଦେଶାବଳି । ସମସ୍ତ ଜିଲ୍ଲାରେ ବିଧବା ହିତାଧିକାରୀଙ୍କ ପାଇଁ ଆୟୋଜନ ହେବ ଆଧାର ଶିବିର । ଜିଲ୍ଲା ଆଇନ ସେବା ସଂଘଗୁଡ଼ିକ ଦ୍ୱାରା ବିଧବାମାନଙ୍କ ପାଇଁ ଆଇନ ସଚେତନତା ଶିବିର ଆୟୋଜନ ସହ ଶିବିରଗୁଡ଼ିକରେ ବିଧବାମାନଙ୍କର ବିଭିନ୍ନ ଅଧିକାର ଯେପରିକି ସମ୍ପତ୍ତିର ଉତ୍ତରାଧିକାର ଅଧିକାର, ଇତ୍ୟାଦି ଉପରେ ଆଲୋକପାତ କରାଯିବ । ଆଶ୍ରୟସ୍ଥଳରେ ବିଧବାମାନଙ୍କ ପାଇଁ ସମୟକାଳୀନ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ନିୟମିତ ବ୍ୟବଧାନରେ ଡାକ୍ତର ଏବଂ ମନସ୍ତତ୍ତ୍ୱବିତ୍ ଆଶ୍ରୟସ୍ଥଳଗୁଡ଼ିକୁ ପରିଦର୍ଶନ କରିବେ ।

# କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ

ବାଲିଆପାଳ , ୧୦/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ସ୍ଥିତ ଡାଙ୍ଗରପଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନରେ ବଢାପାଳ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଥିବା ୧୩ ଟି ବିଦ୍ୟାଳୟରୁ ୨୦୦ ଶହରୁ ଉର୍ଦ୍ଧ୍ୱ ପିଲା ଭାଗନେଇଥିଲେ । ପ୍ରଥମ ଅଧିବେଶନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମରଞ୍ଜନ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅସ୍ତିର ପୂର୍ବତନ ସରପଞ୍ଚ ଶରତ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଆରସିସି ପବନ କୁମାର ଦେ, ବଂଶୀ ଧର ନାୟକ,ଏବେ କାର ସିଆରସିସି ତପନ କୁମାର ରାଉଳ, ଶିକ୍ଷକ ନେତା ପୂର୍ଣ୍ଣେନ୍ଦୁ ଦାସ, ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ଅସ୍ତି ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ଜେନା ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ । କୃତିତ୍ୱ ହାସଲ କରିଥିବା ଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନେ ବ୍ଲକ ସ୍ତରୀୟ ସୁରଭିରେ ଭାଗ ନେବେ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଚନା ଦେଇଛନ୍ତି। ଶିକ୍ଷୟିତ୍ରୀ ରଶ୍ମିତା ସି ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida